NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8+16 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

୧୬ ପୃଷ୍ଠାର ରବିବାର ମ୍ୟାଗାଜିନ୍ 'ନଜର୍' ସହ

SUNDAY
6 JULY 2025
ରବିବାର
୬ ଜୁଲାଇ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 52 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୫୨ ଭୁବନେଶ୍ୱର I ବ୍ରହ୍ମପୁର I ସମ୍ବଲପୁର I ବାଲେଶ୍ୱର I ଯାଜପୁର

## ଜନ୍ମବେଦୀରୁ ବାହୁଡ଼ିଲେ ଚତୁର୍ଦ୍ଧାବିଗ୍ରହ

# ସିଂହଦ୍ୱାର ସମ୍ମୁଖରେ ଲାଗିଲା ତିନି ରଥ



### ନୀତି ନିର୍ଘଣ୍ଟର ୧ଘଣ୍ଟା ୧୦ ମିନିଟ୍ ପୂର୍ବରୁ ପହଣ୍ଡି ଆରମ୍ଭ

### ଶ୍ରୀନଅର ସମ୍ମୁଖରେ ଲକ୍ଷ୍ମୀ-ନାରାୟଣ ଭେଟ

### ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ

### ଆଜି ସୁନାବେଶରେ ବିରାଜିବେ ମହାପ୍ରଭୁ

**ପୁରୀ,୫।୭/ଏନ୍‌ଏନ୍‌ଏସ୍:**

ନବଦିନାତ୍ମକ ଘୋଷଯାତ୍ରା ସାରି ନୀଳକନ୍ଦରକୁ ବାହୁଡ଼ି ଯାଇଛନ୍ତି ମହାବାହୁ। ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତଙ୍କ ଗହଳି ଓ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇ ଉଠିଥିଲା ଶରଧାବାଲି। ନିର୍ଦ୍ଧାରିତ ନୀତି ନିର୍ଘଣ୍ଟର ପ୍ରାୟ ୧ ଘଣ୍ଟା ୧୦ ମିନିଟ୍ ପୂର୍ବରୁ ପହଣ୍ଡି ଆରମ୍ଭ ହୋଇ ଶାନ୍ତିଶୃଙ୍ଖଳାର ସହ ବାହୁଡ଼ା ଯାତ୍ରା ଶେଷ ହୋଇଛି। ସିଂହଦ୍ୱାର ସମ୍ମୁଖରେ ତିନି ରଥ ଲାଗିଛନ୍ତି। ଫେରିବା ବାଟରେ ଚତୁର୍ଦ୍ଧାମୂର୍ତ୍ତି ମାଉସୀ ମା'ଙ୍କ ନିକଟରୁ ପୋଡ଼ପିଠା ଖାଇଥିଲେ। ଶ୍ରୀନହର ସମ୍ମୁଖରେ ଲକ୍ଷ୍ମୀ ନାରାୟଣ ଭେଟ ହୋଇଥିଲା। ଆସନ୍ତାକାଲି ମହାପ୍ରଭୁଙ୍କ ହରିଶୟନ ଏକାଦଶୀ ନୀତି ସହ ତିନିରଥ ଉପରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ଏଥିପାଇଁ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ ସ୍ୱତନ୍ତ୍ର ଟ୍ରାଫିକ ପରିଚାଳନା ବ୍ୟବସ୍ଥା କରାଯାଇଛି।

ଗୁଣ୍ଡିଚା ମନ୍ଦିରରେ ଶନିବାର ପ୍ରାତଃ ୭. ୦୫ମିନିଟ୍‌ରେ ମଙ୍ଗଳ ଆଳତି,

▶▶ ୫

## ପୋଡ଼ପିଠା ଖୁଆଇ ମେଲାଣି ଦେଲେ ମାଉସୀ ମା'



ନବଦିନାତ୍ମକ ଘୋଷଯାତ୍ରା ସାରି ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି ମହାପ୍ରଭୁ। ଫେରିବା ବାଟରେ ବଡ଼ଦାଣ୍ଡସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖରେ ଅଟକିଥିଲା ତିନି ରଥ। ଶ୍ରଦ୍ଧାରେ ପ୍ରସ୍ତୁତ କରିଥିବା ପୋଡ଼ପିଠା ଖୁଆଇ ମାଉସୀ ମା' ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଠାକୁର ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ମେଲାଣି ଦେଇଥିଲେ। ୩ଟି କୁଡୁଆରେ ପୋଡ଼ପିଠା ରଖାଯାଇ ଏହାକୁ ତିନି ରଥ ନିକଟରେ ସମର୍ପଣ କରାଯାଇଥିଲା ଏବଂ ତିନି ରଥରୁ ଆଜ୍ଞାମାଳ ମଧ୍ୟ ଆସିଥିଲା। ବର୍ଷକରେ ଗୋଟିଏ ଥର ଏହି ଭୋଗ ହେଉଥିବାରୁ ଏହିସବୁ ପୋଡ଼ ପିଠାକୁ ଭକ୍ତଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଏଥିପାଇଁ ବଳଗଣ୍ଡି ଛକ ମାଉସୀ ମା'ଙ୍କ ମନ୍ଦିରରେ ବ୍ୟାପକ ଆୟୋଜନ କରାଯାଇଥିଲା। ଏହା ନୀତିକାନ୍ତି କାହିଁ କେଉଁ କାଳର ପରମ୍ପରା ବୋଲି ମାଉସୀ ମା'ଙ୍କ ସେବାୟତ ବିଶ୍ୱନାଥ ମିଶ୍ର ପ୍ରକାଶ କରିଛନ୍ତି।

## ୭ରେ ମୁଖ୍ୟମନ୍ତ୍ରୀ କରିବେ ଜନଶୁଣାଣି

**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:**

ଜୁଲାଇ ୭ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରରେ ଜନ ଅଭିଯୋଗ ଶୁଣାଣି କରିବେ। ଏଥିପାଇଁ ଅନ୍‌ଲାଇନ୍ ପଞ୍ଜୀକରଣ କରିବାକୁ ପଡ଼ିବ। ଲୋକେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ପୋର୍ଟାଲ୍ କିମ୍ବା ମୋବାଇଲ୍ ଆପ୍ଲିକେସନ୍ ଜରିଆରେ ନିଜର ନାମକୁ ପଞ୍ଜୀକରଣ କରିପାରିବେ। ଶନିବାର ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। କାର୍ଯ୍ୟକ୍ରମ ଅନୁଯାୟୀ ୭ଜୁଲାଇ ପୂର୍ବାହ୍ନରୁ ଜନଶୁଣାଣୀ ଅନୁଷ୍ଠିତ ହେବ। ଏଥିରେ ସର୍ବାଧିକ ୧୦୦୦ ଆବେଦନକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଅନୁମତି ଦିଆଯିବ। ଉକ୍ତ ଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ବ୍ୟତୀତ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେବାର ସମ୍ଭାବନା ରହିଛି।

### ପିଏନ୍‌ବି ଋଣ ଠକେଇ ମାମଲା

## ନିହାଲ ମୋଦୀ ଆମେରିକାରେ ଗିରଫ

**ୱାଶିଂଟନ୍, ୫।୭/ଏଜେନ୍ସି:**

ନୀରବ ମୋଦୀଙ୍କ ସାନ ଭାଇ ନିହାଲ ମୋଦୀଙ୍କୁ ଆମେରିକା ପୁଲିସ୍ ସେଠାରେ ଗିରଫ କରିଛି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ୍ (ପିଏନ୍‌ବି) ଋଣ ଠକେଇ ମାମଲା ଏବଂ ଏଲ୍‌ଏଲ୍‌ଡି ଡାଇମଣ୍ଡସ୍ ୟୁଏସ୍‌ଏ ସହ ଜଡ଼ିତ ପ୍ରାୟ ୨.୬ ନିୟୁତ ଡଲାର୍ ଠକେଇ ମାମଲାରେ ନିହାଲ୍‌ଙ୍କର ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିଲା। ତେବେ ଭାରତର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ମିଳିତ ଆବେଦନ ଉପରେ ଆମେରିକା ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବକ ଜୁଲାଇ ୪ତାରିଖରେ ନିହାଲଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଗିରଫ ପରେ ବର୍ତ୍ତମାନ ତାଙ୍କୁ



### ପ୍ରତ୍ୟାର୍ପଣ ପ୍ରକ୍ରିୟା ଆରମ୍ଭ କଲା ଭାରତ

ଆମେରିକାରୁ ଭାରତ ପ୍ରତ୍ୟାର୍ପଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି। ୧୭ ଜୁଲାଇ, ୨୦୨୫ରେ ପ୍ରତ୍ୟାର୍ପଣ ପ୍ରକ୍ରିୟା ନେଇ ଶୁଣାଣି ହେବ। ଶୁଣାଣି ସମୟରେ ନିହାଲ ନିଜ ପାଇଁ ଜାମିନ ଆବେଦନ କରିପାରନ୍ତି। ଏପରି ହେଲେ ପ୍ରତ୍ୟାର୍ପଣ ପ୍ରକ୍ରିୟା ଆଉ କିଛି ସମୟ ପାଇଁ ବିଳମ୍ବିତ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ରିପୋର୍ଟ ଅନୁସାରେ ଦୁଇଟି ଅଭିଯୋଗ ଆଧାରରେ ନିହାଲ ମୋଦୀଙ୍କ ବିରୋଧରେ ପ୍ରତ୍ୟାର୍ପଣ ପ୍ରକ୍ରିୟା ଚାଲିଛି। ଗୋଟାଏ ହେଲା ପିଏନ୍‌ବି ଋଣ ଠକେଇ ଘଟଣା। ଅନ୍ୟଟି ମାନହାଟନରେ ଅବସ୍ଥିତ ବିଶ୍ୱର ସବୁଠାରୁ ବଡ଼ ହୀରା କମ୍ପାନୀ ମଧ୍ୟରୁ ଗୋଟିଏ, ଏଲ୍‌ଡି ଡାଇମଣ୍ଡସ୍ ୟୁଏସ୍‌ଏରୁ ବେଆଇନ ଭାବେ ୨.୬ ନିୟୁତ ଡଲାରରୁ ଅଧିକ ମୂଲ୍ୟର ହୀରା ହାସଲ କରିବା ଘଟଣା। ଏହି ଦୁଇଟି ଘଟଣା ପାଇଁ ତାଙ୍କୁ ଗିରଫ କରାଯାଇଛି। ସୂଚନାଯୋଗ୍ୟ, ନିହାଲ କଷ୍ଟକୋ ସହିତ ଏକ ଚୁକ୍ତି ପାଇଁ ହୀରା ନେଉଥିବା ମିଥ୍ୟା ଦାବିକରି କମ୍ପାନୀ ଠାରୁ ହୀରା ଆଣିଥିଲେ। ହେଲେ ଦେୟ ସର୍ତ୍ତାବଳୀ ପାଳନ କରିବା ପରିବର୍ତ୍ତେ, ସେ ନିଜ ଆର୍ଥିକ ଲାଭ ପାଇଁ ହୀରାଗୁଡ଼ିକୁ ବିକ୍ରି କରିଦେଇଥିଲେ। ଆମେରିକା ନ୍ୟାୟିକ ବିଭାଗ ତଥ୍ୟ ଅନୁସାରେ ଆର୍ଥିକ ଠକେଇ ନିରୋଧ ଆଇନ-୨୦୦୨ ଏବଂ ଅପରାଧିକ ଷଡ଼ଯନ୍ତ୍ର ଆଧାରରେ ନିହାଲଙ୍କୁ ଗିରଫ କରଯାଇଛି।

### ● 'ଏକ୍ସ' ଜରିଆରେ ଖୁସି ଜାହିର କଲେ ମୁଖ୍ୟମନ୍ତ୍ରୀ

## ସୁରୁଖୁରୁରେ ଦର୍ଶନ ପାଇଁ ଗ୍ରୀନ୍ କରିଡର୍ ସହ ଆମ୍ବୁଲାନ୍ସ ବ୍ୟବସ୍ଥା

**ଭୁବନେଶ୍ୱର,୫।୭/ଏନ୍‌ଏନ୍‌ଏସ୍:**

ମହାପ୍ରଭୁଙ୍କ ଆଶୀର୍ବାଦରୁ ସୁରୁଖୁରୁରେ ହେଉଛି ବାହୁଡ଼ା ଯାତ୍ରା। ଭକ୍ତମାନଙ୍କ ଶାନ୍ତିଶୃଙ୍ଖଳା ଦର୍ଶନ ପାଇଁ ଗ୍ରୀନ୍ କରିଡର୍ ସହିତ ଆମ୍ବୁଲାନ୍ସ ବ୍ୟବସ୍ଥା ହୋଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ୨୫ ହଜାରରୁ ଉର୍ଦ୍ଧ୍ୱ ସୁରକ୍ଷା କର୍ମୀ ମୁତୟନ ହୋଇଛନ୍ତି। ଏହାଦ୍ୱାରା ଦର୍ଶନ ଶୃଙ୍ଖଳିତ ହେବା



ସହ ଭିଡ଼ ଯୋଗଁ ଆହତ ହେଉଥିବା ଶ୍ରଦ୍ଧାଳୁଙ୍କୁ ଡାକ୍ତରଖାନା ନେବା ପାଇଁ ସହଜ ହୋଇଛି।

ସାମାଜିକ ଗଣମାଧ୍ୟମ 'ଏକ୍ସ' ଜରିଆରେ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ, ଶାନ୍ତିଶୃଙ୍ଖଳାର ସହିତ ମହାପ୍ରଭୁ ବାହୁଡ଼ିଛନ୍ତି। କେବଳ ଶୃଙ୍ଖଳିତ ଦର୍ଶନ ନୁହେଁ ଯାତ୍ରୀଙ୍କ ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥା ବି ଭଲ

▶▶ ୫

## ଅମରନାଥ ଯାତ୍ରା, ଦୁର୍ଘଟଣାରେ ୩୬ ଆହତ

**ରାମବନ,୫।୭/ଏଜେନ୍ସି:**



ଅମରନାଥ ଯାତ୍ରା ସମୟରେ କିଛି ଶ୍ରଦ୍ଧାଳୁ ଏକ ବଡ଼ ଦୁର୍ଘଟଣାର ଶିକାର ହୋଇଛନ୍ତି। ରାମବନର ଚନ୍ଦରକୋଟ ଲଙ୍ଗର ଠାରେ ଅମରନାଥ ଯାତ୍ରାର ପହଲଗାମ କାଫ୍‌ଲାର ଶେଷ ଗାଡ଼ି ନିୟନ୍ତ୍ରଣ ହରାଇ ଫସି ରହିଥିବା ଗାଡ଼ି ସହିତ ଧକ୍କା ହୋଇଥିବା ସୂଚନା ମିଳିଛି। ଏହି ଧକ୍କାରେ ପ୍ରାୟ ୪ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି ଏବଂ ୩୬ ଶ୍ରଦ୍ଧାଳୁ ଆହତ ହୋଇଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଆହତମାନଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ରାମବନରେ ଭର୍ତ୍ତି କରାଯାଇଛି। ପରେ ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଯାତ୍ରା ଜାରି ରଖିବା ପାଇଁ ଅନ୍ୟ ଗାଡ଼ିରେ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଧକ୍କା କରିଥିବା ବସ୍‌ର ଡ୍ରାଇଭରଙ୍କ କହିବାନୁସାରେ ସେ ଗାଡି ଚଳାଇବା ସମୟରେ ବ୍ରେକ୍ ଫେଲ୍ ହୋଇଥିବା ଅନୁଭବ କରିଥିଲେ। ଫଳରେ ବସ୍‌ରେ ଥିବା ଯାତ୍ରୀଙ୍କ ସୁରକ୍ଷା ପାଇଁ ତାଙ୍କୁ ଏପରି କରିବାକୁ ପଡିଥିଲା। ଅନ୍ୟପକ୍ଷେ ଦୁର୍ଘଟଣା

▶▶ ୫

### ଆମେରିକାର ୧୨ଟି ଦେଶ ଉପରେ ଶୁଳ୍କ ବୃଦ୍ଧି ପ୍ରସଙ୍ଗ

# ଘୋଷଣାପତ୍ରରେ ସ୍ୱାକ୍ଷର କଲେ ଟ୍ରମ୍ପ୍

**ୱାଶିଂଟନ୍,୫।୭/ଏଜେନ୍ସି:**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ୧୨ଟି ଦେଶ ଉପରେ ରପ୍ତାନୀ ଶୁଳ୍କ ବୃଦ୍ଧି ଘୋଷଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ଘୋଷଣା ପତ୍ରରେ ସମ୍ପୃକ୍ତ ଦେଶଗୁଡିକ ଆମେରିକାକୁ ରପ୍ତାନୀ କରୁଥିବା ସାମଗ୍ରୀ ଉପରେ ଲାଗୁ ହେବାକୁ ଥିବା ବିଭିନ୍ନ ଶୁଳ୍କ ହାରକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଛି। ସେହି ପ୍ରସ୍ତାବଗୁଡ଼ିକୁ ଆସନ୍ତା ସୋମବାର ଦିନ ସଂପୃକ୍ତ ଦେଶଗୁଡିକୁ ପଠାଯିବ। ଏ ସମ୍ପର୍କରେ ସୂଚନା ଦେଇ ଟ୍ରମ୍ପ୍ କହିଛନ୍ତି ଯେ ଚିଠିଗୁଡ଼ିକରେ ବିଭିନ୍ନ ଶୁଳ୍କ ହାର ଏବଂ ପରିମାଣ ଅନ୍ତର୍ଭୁକ୍ତ। ସେ ଏହା ମଧ୍ୟ ସୂଚୀତ କରିଛନ୍ତି ଯେ କିଛି ଶୁଳ୍କ ୭୦% ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ଏବଂ ତାହା ଚଳିତ ବର୍ଷ ଅଗଷ୍ଟ ୧ରୁ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି।

ଗତ ଏପ୍ରିଲରେ, ଟ୍ରମ୍ପ ଅଧିକାଂଶ ଆମଦାନୀ ଉପରେ ମୂଳ ୧୦% ଶୁଳ୍କ ଘୋଷଣା କରିଥିଲେ। ଚୀନ୍ ସମେତ କିଛି ଦେଶ ପାଇଁ ଉଚ୍ଚ ଶୁଳ୍କ ହାର ଘୋଷଣା କରାଯାଇଛି। ଏହି ବର୍ଦ୍ଧିତ ଶୁଳ୍କଗୁଡ଼ିକୁ ଜୁଲାଇ ୯ ପର୍ଯ୍ୟନ୍ତ ଅସ୍ଥାୟୀ



ଭାବରେ ସ୍ଥଗିତ ରଖାଯାଇଥିଲା। ଏପର୍ଯ୍ୟନ୍ତ, ଆମେରିକା ଲଣ୍ଡନ ଏବଂ ଭିଏତନାମ ସହିତ ବାଣିଜ୍ୟ ଚୁକ୍ତିନାମା ଚୂଡ଼ାନ୍ତ କରିଛି। ତଥାପି, ଭାରତ ଏବଂ ଆମେରିକା ମଧ୍ୟରେ କୌଣସି ଚୁକ୍ତି ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚି ପାରିନାହିଁ। ମୁଖ୍ୟ ବିବାଦ ହେଉଛି ଭାରତର କୃଷି ଏବଂ ଦୁଗ୍ଧ ବଜାରରେ ଅଧିକ ପ୍ରବେଶ ପାଇଁ ଆମେରିକା ଦାବି କରୁଥିବା ବେଳେ ଭାରତ ସରକାର ଛୋଟ ଚାଷୀଙ୍କ ଉପରେ ଏହାର ପ୍ରଭାବ ପଡ଼ିବା ସମ୍ଭାବନା ଥିବା କହିଛି। ଭାରତ ଜୁଲାଇ ୯ ପୂର୍ବରୁ ଏକ ମଧ୍ୟବର୍ତ୍ତୀକାଳୀନ ଚୁକ୍ତିନାମା କରି ଟ୍ରମ୍ପଙ୍କ ପ୍ରସ୍ତାବିତ ୨୬% ଶୁଳ୍କକୁ ଏଡ଼ାଇବାକୁ ଆଶା କରୁଛି, ଏବଂ ବସ୍ତ୍ର ଏବଂ ଜୋତା ଭଳି ରପ୍ତାନି ପାଇଁ ଶୁଳ୍କ ହ୍ରାସ ମଧ୍ୟ ଚାହୁଁଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି ଯେ ଭାରତ ସମୟସୀମା ଚାପରେ କୌଣସି ଚୁକ୍ତି କରିବ ନାହିଁ, ଏବଂ କେବଳ ଜାତୀୟ ସ୍ୱାର୍ଥ ପାଇଁ ଚୁକ୍ତିନାମା ସ୍ୱାକ୍ଷର କରିବ।

### ହ୍ୱାଇଟ୍ ହାଉସ୍‌ରେ ଓ୍ୱାନ୍ ବିଗ୍ ବିଉଟିଫୁଲ୍ ବିଲ୍' ପାରିତ

ହ୍ୱାଇଟ୍ ହାଉସ୍‌ରେ ଶୁକ୍ରବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଓ୍ୱାନ୍ ବିଗ୍ ବିୟୁଟିଫୁଲ୍ ବିଲ୍' ଉପରେ ଦସ୍ତଖତ କରିଛନ୍ତି। ଯାହା ଟିକସ ଏବଂ ଖର୍ଚ୍ଚ ହ୍ରାସର ଏକ ବ୍ୟାପକ ପ୍ୟାକେଜ୍ ବୋଲି କୁହାଯାଉଛି। ଏହି ବିଲ୍ ପାରିତ ତଥା ସ୍ୱାକ୍ଷରିତ ହେବା ପରେ ଟ୍ରମ୍ପ୍ ଏହାକୁ ଆମେରିକାରେ ସବୁର୍ଣ୍ଣ ଯୁଗର ଆରମ୍ଭ ବୋଲି ଅଭିହିତ କରିଛନ୍ତି। ଏହା ରିପବ୍ଲିକାନ୍-ନିୟନ୍ତ୍ରିତ ପ୍ରତିନିଧି ସଭାରେ ଅଳ୍ପ ଭୋଟରେ ପାରିତ ହୋଇଥିବା ବିଲକୁ ମଞ୍ଜୁର କରିବାର ଗୋଟିଏ ଦିନ ପରେ ଘଟିଛି। ଏହି ଆଇନ ପାରିତ ହେବା ପରେ ଆମେରିକାରେ ମଧ୍ୟବିତ୍ତଙ୍କ ଉପରେ କର ବୋଝ କମ୍ ହେବ ବୋଲି ଆଶା କରାଯାଉଛି। ଏହାସହ ଏହି ବିଲ୍ ପାରିତ ହେବା ପରେ ଟ୍ରମ୍ପଙ୍କ ପ୍ରମୁଖ ନୀତିକୁ ଆଇନଗତ ଶକ୍ତି ମିଳିବ। ଯେଉଁଥିରେ ମାସ୍ ଡିପୋଟେସନ୍ (ବହୁ ସଂଖ୍ୟାରେ ପ୍ରବାସୀ ନାଗରିକଙ୍କୁ ଦେଶରୁ ବିତାଡ଼ିତ କରିବା), ସେନା ଓ ସୀମା ସୁରକ୍ଷା ପାଇଁ ଅଧିକ ଖର୍ଚ୍ଚ କରିବା, ଓଭର ଟାଇମ୍ କାର୍ଯ୍ୟ ଓ ଟିପ୍ସ ଆକାରରେ ମିଳୁଥିବା ଅର୍ଥ ଉପରେ କର ଛାଡ଼ ଇତ୍ୟାଦି।

## ଖୋଲିଲା ରେଙ୍ଗାଲି ଡ୍ୟାମ୍‌ର ଗେଟ୍

### ଅପରାହ୍ଣ ସୁଦ୍ଧା ଜଳସ୍ତର ୧୨୦.୯୮ ଘନମିଟର



**କଣିହାଁ,୫।୭/ଏନ୍‌ଏନ୍‌ଏସ୍:**

ଚଳିତବର୍ଷର ପ୍ରଥମ ବନ୍ୟାଜଳ ଶନିବାର ସନ୍ଧ୍ୟାରେ ରେଙ୍ଗାଲି ଡ୍ୟାମ୍‌ରୁ ନିଷ୍କାସନ କରାଯାଇଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷାଯୋଗୁଁ ରେଙ୍ଗାଲି ଡ୍ୟାମ୍ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ଡ୍ୟାମ୍‌ର ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରାଙ୍କ ସୂଚନା ଅନୁଯାୟୀ ରେଙ୍ଗାଲି ଡ୍ୟାମ୍ ଜଳଭଣ୍ଡାରର ପୂର୍ଣ୍ଣ ଜଳଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଅପରାହ୍ଣ ୫ଟା ସୁଦ୍ଧା ଡ୍ୟାମ୍‌ର ଜଳସ୍ତର ୧୨୦.୯୮ ମିଟରରେ ପହଞ୍ଚିଥିଲା। ରେଙ୍ଗାଲି ଡ୍ୟାମ୍‌ର ଜଳଧାରଣ ସାରଣୀ ଅନୁଯାୟୀ ଆଜି ତାରିଖରେ ଜଳସ୍ତର ୧୧୦.୦୮ ମିଟର ରହିବା କଥା। ଫଳରେ ଆଜି ସନ୍ଧ୍ୟା

▶▶ ୫

**ମାହାଙ୍ଗାରେ ମେଗା ପାନୀୟଜଳ ପ୍ରକଳ୍ପ ଦିଗହରା**

## ଖୋଳା ଚାଲିଛି ଢଳେଇ ରାସ୍ତା, ସମସ୍ୟା ଭୋଗୁଛନ୍ତି ଲୋକେ



**କୁଆଁପାଳ,୫।୭/ଏନ୍ଏନ୍ଏସ୍:** ମାହାଙ୍ଗା ବ୍ଲକ ଅଞ୍ଚଳରେ ମେଗା ପାନୀୟ ଜଳ ପ୍ରକଳ୍ପ ଦିଗହରା ହୋଇପଡିଛି। ଏହାର କାର୍ଯ୍ୟକାରିତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ଉଠିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ସମୟସୀମା ସରିଯାଇଥିଲା ବେଳେ ଠିକାଦାର ମନ୍ଥର ଗତିରେ କାର୍ଯ୍ୟ କରୁଥିବାରୁ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବାକୁ ନେଇ ଚର୍ଚ୍ଚା ହେଉଛି। ଅପରପକ୍ଷରେ କେତେକ ସ୍ଥାନରେ ମୁଖ୍ୟ ଢଳେଇ ରାସ୍ତାକୁ ତାଡି ଠିକାଦାର ଭୂତଳ ପାଇପ ବସାଉଛି। ପରେ ଉକ୍ତ ଢଳେଇ ରାସ୍ତା ଗୁଡିକର ମରାମତି କରାଯାଉ ନାହିଁ। ଯାହାକି ଦେଖିବାକୁ ମିଳିଛି ମାହାଙ୍ଗା ମେଡିକାଲ ବଜାର ନିକଟରେ। ଢଳେଇ ରାସ୍ତାକୁ ତାଡିବା ଫଳରେ ଯାତାୟାତରେ କେବଳ ସାଧାରଣ ଜନତା ନୁହଁନ୍ତି ସ୍କୁଲ କଲେଜକୁ ଯାଉଥିବା ଛାତ୍ର ଛାତ୍ରୀ ଏପରିକି ଡାକ୍ତରଖାନାକୁ ଚିକିତ୍ସିତ ହେବାକୁ ଯାଉଥିବା ରୋଗୀ ମଧ୍ୟ ସମସ୍ୟା ଭୋଗୁ ଛନ୍ତି। ଆର.ଡି. ରାସ୍ତା ହେଉ କିମ୍ବା କେନାଲବନ୍ଧ ରାସ୍ତା ହେଉ ଠିକାଦାର ଜଣକ ମନଇଚ୍ଛା ଢଳେଇ ରାସ୍ତାକୁ ଖୋଳି ପାଇପ ବସାଉଛନ୍ତି। ପାଇପ ବସାଇବା ପରେ ଉକ୍ତ ରାସ୍ତା ଗୁଡିକର ପୁନର୍ବାର ଢଳେଇ କାର୍ଯ୍ୟ କରାଯାଉନାହିଁ। ତେବେ ଢଳେଇ ରାସ୍ତା ଖୋଳି ଭୂତଳ ପାଇପ ବସାଇବା ପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ଅନୁମତି ଦେଲା କିଏ ବୋଲି ପ୍ରଶ୍ନ ଉଠିଛି। ଯଦି ଅନୁମତି ନାହିଁ ତେବେ ଠିକାଦାର ଜଣକ ଢଳେଇ ରାସ୍ତା ତାଡି ପାଇପ୍ ବସାଉଛି କିପରି ଏବଂ ଯଦି ଅନୁମତି ଦିଆଯାଇଛି ତେବେ ଢଳେଇ ରାସ୍ତାଗୁଡିକର ମରାମତି ସମ୍ପୃକ୍ତ ଠିକାଦାର କେତେଦିନ ଭିତରେ କରିବେ ସେ ସମ୍ପର୍କରେ ପ୍ରଶାସନ ତୁରନ୍ତ ଜନସାଧାରଣଙ୍କୁ ଅବଗତ କରାଉ ବୋଲି ସର୍ବସାଧାରଣରେ ଦାବି ହେଉଛି।

## କାକଟପୁରରେ ସିରିଜ୍ ଚୋରି, ପୁଲିସ ନୀରବ

**ଅସ୍ତରଙ୍ଗ,୫।୭/ଏନ୍ଏନ୍ଏସ୍:** ଦିନକୁ ଦିନ କାକଟପୁର ରେ ଚୋରୀ ବୃଦ୍ଧି ପାଇବାରେ ଲାଗିଛି। ଗତକାଲି କାକଟପୁର ବଲରାସ୍ଥିତ ମାଧବାନନ୍ଦ ମନ୍ଦିର, ପଡିସାହି ମହାବୀର ମନ୍ଦିର ଓ ଆଲୋକ କୁମାର ଦାସ ନାମକ ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ହୋଇଛି। ଏହି ସିରିଜ୍ ଚୋରିକୁ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଜି ଐତିହାସିକ ବଲରା ମାଧବାନନ୍ଦ ମନ୍ଦିରର ପୂଜାରୀ ବିଜୟ କୁମାର ଦାଶ ଠାକୁରଙ୍କ ନୀତି ପାଇଁ ମନ୍ଦିରକୁ ଆସି ଦ୍ୱାର ଫିଟାଇବା ବେଳକୁ ଦେଖନ୍ତି ଠାକୁରଙ୍କ ଦ୍ୱାର କୁନ୍ଦା ତଡ଼ା ହୋଇଛି। ସେ ଏ ନେଇ ସ୍ଥାନୀୟ ଲୋକଙ୍କୁ ଡାକିଥିଲେ ଓ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ମୁତାବକ ଠାକୁରଙ୍କ ରୁପା ହାର, ପିତଳ ଢାଳ ୨ଟା, ଥାଳି ୧ଟି, ବାଲ୍ଟି ୧ଟି, ଘଣ୍ଟ ୧ଟି, ହାତ ଘଣ୍ଟି ୨ଟା ଗାୟବ ଅଛି। ଠିକ୍ ସେହିପରି କିଛି ଦୂରରେ ପଡିସାହି ମହାବୀର ମନ୍ଦିରରୁ ହନୁମାନଙ୍କ ୧ଟିଏ ରୁପାର ମୁକୁଟ, ସୁନା ଆଖି ୨ ଟି, ଅନ୍ୟ ରୁପା ସାମଗ୍ରୀ ୨ଟି ଓ ଠାକୁରଙ୍କ ହୁଣ୍ଡି ତଡ଼ାଯାଇଛି ଯେଉଁଥିରେ ୧୫ରୁ ୨୦ହଜାର ଭକ୍ତଙ୍କ ଅନୁଦାନ ଟଙ୍କା ରହିଥିଲା। ଏ ବାବଦରେ ପୂଜକ ବିପିନ ବିହାରି ଦାସ ଏକ ଲିଖିତ ଅଭିଯୋଗ ମଧ୍ୟ କରିଛନ୍ତି। ଏହି ମହାବୀର ମନ୍ଦିର ନିକଟରେ ଆଲୋକ କୁମାର ଦାସଙ୍କ ଘରୁ ଗ୍ୟାସ ସିଲିଣ୍ଡର ସହିତ ଗୋଟେ ପାଣି ମଟର ମଧ୍ୟ ଚୋରି ହୋଇଛି। ଏହି ବାବଦରେ ମଧ୍ୟ ତାଙ୍କ ତରଫରୁ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଞ୍ଚଳରେ ଦିନକୁ ଦିନ ନିଶାଡ଼ିଙ୍କ ଆଡ୍ଡା ଜମୁଥିବା ଦେଖିବାକୁ ମିଳୁଥିବା ବେଳେ ସେଥିପାଇଁ ମନ୍ଦିରମାନଙ୍କରେ ଚୋରି ବୃଦ୍ଧି ପାଉଛି ନା କୌଣସି ଲୁଟେରା ଗ୍ୟାଙ୍ଗ ସକ୍ରିୟ ଅଛନ୍ତି ତାହା ସନ୍ଦେହଜନକ ବୋଲି ମତପ୍ରକାଶ ପାଉଛି। ପୁଲିସର କଡ଼ା ପାଟ୍ରୋଲିଂ ଅଭାବ ସାଙ୍ଗକୁ ବାରମ୍ବାର ଲୁଟ୍ ଓ ଚୋରିକୁ ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଉଥିବା ଜଣାପଡ଼ିଛି। ଚୋର କି ଚୋରି ଜିନିଷ ଉଦ୍ଧାର କରିବାରେ ପୁଲିସ ପ୍ରଶାସନ ସଂପୂର୍ଣ୍ଣ ବିଫଳ ହୋଇଥିବା ବେଳେ ବାରମ୍ବାର ଚୋରି ଘଟଣା ପୁଲିସ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ପୁଲିସ ବିଭାଗ ଉଚ୍ଚପଦାଧିକାରୀ ଘଟଣା ପ୍ରତି ଦୃଷ୍ଟିଦେଇ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ଅନ୍ୟଜଣେ ଗୁରୁତର

**ଚାରିଛକ,୫।୭/ଏନ୍ଏନ୍ଏସ୍:** ଚାରିଛକ-ନିମାପଡ଼ା ମୁଖ୍ୟ ରାସ୍ତାରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସଡକ ଦୁର୍ଘଟଣା ଘଟି ଜଣେ ଯୁବକ ପ୍ରାଣ ହରାଇଥିବା ବେଳେ ଅନ୍ୟଜଣେ ଯୁବକ ଗୁରୁତର ଆହତ ହୋଇ ଚିକିତ୍ସାଧୀନଥିବା ଜଣାପଡ଼ିଛି। ସୂଚନା ମୁତାବକ ଶୁକ୍ରବାର ରାତିରେ ନିଆଳୀ ଥାନା ଅନ୍ତର୍ଗତ ବାଘ ସାହିର ସାଗର ଭୋଇ (୨୫) ଏକ ବିବାହ ଭୋଜି ଖାଇ ଘରକୁ ଫେରୁଥିବା ସମୟରେ ଚାରିଛକ ଥାନା ଅନ୍ତର୍ଗତ ବିଶିମାତ୍ରୀ ଛକ ନିକଟରେ ଏହି ଥାନା ଅନ୍ତର୍ଗତ ଓଳାଂଶ ଗ୍ରାମର ସାଗର ଦାସ ଏକ ବାଇକରେ ନିମାପଡା ପଟୁ ଦ୍ରୁତଗତିରେ ଆସି ସାଗରକୁ ଧକ୍କା ଦେଇଥିଲା। ଉଭୟେ ରାସ୍ତା ଉପରେ ଛିଟିକି ପଡିଥିଲେ। ଯୁବକ ଦୁଇଙ୍କୁ ସ୍ଥାନୀୟ ଲୋକମାନେ ଦୁର୍ଘଟଣାସ୍ଥଳରୁ ଉଦ୍ଧାରକରି ଚିକିତ୍ସା ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ବାଘ ସାହିର ସାଗରକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଓଳାଂଶ ଗ୍ରାମର ସାଗର ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତର ଖାନାରେ ଚିକିତ୍ସାଧିନ ଥିବା ଜଣାପଡିଛି। ମୃତ ସାଗରଙ୍କ ଭାଇ ଜିତେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଚାରିଛକ ପୁଲିସ ଏକ ମାମଲା ରୁଜୁକରି ଘଟଣାସ୍ଥଳରୁ ଶବ ଜବତକରି ବ୍ୟବଚ୍ଛେଦ ପାଇ ପଠାଇଥିବା ସହ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

**ଖୋର୍ଦ୍ଧା ଜିଲ୍ଲାରେ ଭେକ୍ଟର୍ ବାହିତ ରୋଗ ନିୟନ୍ତ୍ରଣ ଉପରେ ଗୁରୁତ୍ୱ**

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା



**ଖୋର୍ଦ୍ଧା,୫।୭/ଏନ୍ଏନ୍ଏସ୍:** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏକ ଦିନିକିଆ ଖୋର୍ଦ୍ଧା ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସଦର ମହକୁମା ଗୋପବନ୍ଧୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସମୀକ୍ଷାଲୋଚନା କରିଛନ୍ତି। ଜିଲ୍ଲାର ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ସ୍ୱାସ୍ଥ୍ୟ ସେବା ଯୋଗାଇବା ଉପରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ବିଭିନ୍ନ ଲାଇନ୍ ଡିପାର୍ଟମେଣ୍ଟ ଓ ଜିଲ୍ଲା ପ୍ରଶାସନ ସହ ଏକ ସମୀକ୍ଷା ବୈଠକ ନେଇଥିଲେ। ଉକ୍ତ ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଭାରପ୍ରାପ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଡାକ୍ତର ନୀଳକଣ୍ଠ ମିଶ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଜ୍ୟୋତିଶଙ୍କର ସାହୁ, ଉପଜିଲ୍ଲାପାଳ, ଖୋର୍ଦ୍ଧା କିଶୋର କୁମାର ପଣ୍ଡା, ଉପଜିଲ୍ଲାପାଳ, ଭୁବନେଶ୍ୱର ଡ. ମନୋରଞ୍ଜନ ସାହୁ, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ ଯୋଗଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଜିଲ୍ଲାର ବିଭିନ୍ନ ଅଞ୍ଚଳର ସ୍ୱାସ୍ଥ୍ୟ ସମସ୍ୟା ଓ ସ୍ୱାସ୍ଥ୍ୟ ସେବା ଉପରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ବର୍ତ୍ତମାନ ବର୍ଷାଋତୁ ହୋଇଥିବାରୁ ମନ୍ତ୍ରୀ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ଭଳି ଭେକ୍ଟର ବାହିତ ରୋଗ ବ୍ୟାପିବାର ଯଥେଷ୍ଟ ଆଶଙ୍କା ଥାଏ ବୋଲି ପ୍ରକାଶ କରି ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଭେକ୍ଟର ବାହିତ ରୋଗ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ କୌଣସି ଗୋଟିଏ ସ୍ଥାନରେ ଯେପରି ଦେଖା ନଦିଏ ସେଥିପ୍ରତି ସମସ୍ତ କାର୍ଯ୍ୟନ୍ୱୟନ ଅଧିକାରୀ ଯତ୍ନବାନ ହେବାସହ ଏହାକୁ ଶତପ୍ରତିଶତ ନିୟନ୍ତ୍ରଣ କରି ଶୁନ ମୃତ୍ୟୁ ହାର ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଭୂଷଣ୍ଡପୁର ଅଞ୍ଚଳକୁ ମନ୍ତ୍ରୀ ଗୁରୁତ୍ୱାରୋପ କରି ସମସ୍ତ ଚିକିତ୍ସା ସେବା ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଇଦେବାକୁ ସ୍ୱାସ୍ଥ୍ୟ ବିଭାଗ, ଗ୍ରାମ୍ୟ ପାନୀୟଜଳ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅଧିକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସଙ୍କୁ ଭୂଷଣ୍ଡପୁର ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ସେବା ଉପରେ ପୁଙ୍ଖାନୁପୁଙ୍ଖ ପଚାରି ବୁଝି ଗୋଷ୍ଠୀ ଶୌଚାଳୟ ତୁରନ୍ତ ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପାଇଁ ଭୂଷଣ୍ଡପୁର, କଳାଙ୍ଗ ଆଦି ଅଞ୍ଚଳ ଗୁଡ଼ିକରେ ପ୍ରତି ଦୁଇଦିନରେ ଥରେ ବ୍ଲିଚିଙ୍ଗ ପକାଇବା ସହ ଭୂଷଣ୍ଡପୁର ଓ ଟାଙ୍ଗୀ ବ୍ଲକକୁ ଗୁରୁତ୍ୱ ଦେବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପ୍ରଶାସନ ଓ ବ୍ଲକ୍ ପ୍ରଶାସନକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ହାତଧୁଆ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ନିମନ୍ତେ ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇବା, ଟାଙ୍ଗୀ ବ୍ଲକରେ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ପାଇଁ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରିବା ନିମନ୍ତେ ମାଇକ ପ୍ରଚାର, କଣ କରିବା ଉଚିତ୍ କଣ ନ କରିବା ଉଚିତ୍ ପ୍ରଚାର ପତ୍ର ବାଣ୍ଟିବା ସହ ଆଶା ଦିଦି, ଅଙ୍ଗନୱାଡ଼ି କର୍ମୀ ମାନେ ଘର ଘର ବୁଲି ସଚେତନତା ଜାଗ୍ରତ କରିବାକୁ ମନ୍ତ୍ରୀ ଶ୍ରୀ ମହାଲୀଙ୍ଗ ନିର୍ଦ୍ଦେଶ ଦେଇଥିଲେ। ବିଧାୟକ ଶ୍ରୀ ଜଗଦେବଙ୍କ ପରାମର୍ଶ କ୍ରମେ ଜିଲ୍ଲାରେ ଖୁବ୍‌ଶୀଘ୍ର ଡାକ୍ତର ଓ ପାରାମେଡିକାଲ ଷ୍ଟାଫ୍ ନିଯୁକ୍ତି, ଆବାସିକ ଗୃହ ନିର୍ମାଣ, ଅକ୍ସିଜେନ ପ୍ଲାଣ୍ଟ ଏକ ମାସ ମଧ୍ୟରେ କାର୍ଯ୍ୟକ୍ଷମ କରାଇବା ଏବଂ ଆଇସିୟୁ କାର୍ଯ୍ୟକ୍ଷମ କରିବାକୁ ଜିଲ୍ଲାପାଳ ବିଧାୟକଙ୍କୁ ନେଇ ସମୀକ୍ଷା ବୈଠକ କରାଇ ଯଥାଶୀଘ୍ର ପ୍ରସ୍ତାବ ସରକାରଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଖୋର୍ଦ୍ଧା ଜିଲ୍ଲାର ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦମାନଙ୍କରେ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବାସହ କୌଣସି ସ୍ଥାନରେ ପାଣି ନ ଜମିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବାସହ ସମସ୍ତ ଜିଲ୍ଲାବାସୀ ନିଜ ଘରକୁ ଓ ଚତୁଃପାର୍ଶ୍ୱକୁ ସଫାସୁତରା ରଖି କୌଣସି ସ୍ଥାନରେ ପାଣି ଜମିବାକୁ ନ ଦେବା ପାଇଁ ପରାମର୍ଶ ଦେଇଛନ୍ତି। ପାଣି ଜମିଲେ ଡେଙ୍ଗୁ ଲାର୍ଭା ଜନ୍ମ ନେଇ ସାତଦିନ ମଧ୍ୟରେ ଏହା ଏଡିସ ବା ବାଘୁଆ ମଶାରେ ପରିଣତ ହୋଇ କାମୁଡ଼ିଲେ ଡେଙ୍ଗୁ ଭଳି ମାରାତ୍ମକ ରୋଗ ବ୍ୟାପିଥାଏ। ଏଣୁ ଏ ଦିଗରେ ସମସ୍ତେ ସଚେତନ ରହି କାର୍ଯ୍ୟ କରିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା, ନିକୁଞ୍ଜ ପଟ୍ଟନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟ, ଜିଲ୍ଲା ମଙ୍ଗଳ ଅଧିକାରୀ ଡ. ଗୀତାଂଶୁ ଦାଶ, ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, ଡେପୁଟି କଲେକ୍ଟର ଶ୍ରିତପା ମିଶ୍ର, ପୌର ନିର୍ବାହୀ ଅଧିକାରୀ ରିଜ୍ୱାନ କାକାବ୍, ବିଡିଓ, ଟାଙ୍ଗୀ ରୁମାନା ଜାଫ୍ରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।

## ଅସ୍ୱାସ୍ଥ୍ୟକର ପରିବେଶରେ ସର୍ବପୁରାତନ ହାଟ

**ନିଶ୍ଚିନ୍ତକୋଇଲି,୫।୭/ଏନ୍ଏନ୍ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକର ନିଶ୍ଚିନ୍ତକୋଇଲି ଠାରେ ଥିବା ହାଟଟି ସର୍ବବୃହତ ଏବଂ ସର୍ବପୁରାତନ ଭାବେ ସର୍ବଜନ ବିଦିତ। ସମ୍ପ୍ରତି ହାଟର ପରିସର ଏବଂ ପରିବେଶ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ଏବଂ ଉଦ୍‌ବେଗ ଜନକ ରହିଅଛି। ହାଟ ପରିସରରେ ବର୍ତ୍ତମାନ ବର୍ଷା ପାଣି ଜମି ରହିବା ସହିତ ଜଳ ନିଷ୍କାସନ ହୋଇ ପାରୁନାହିଁ। ହାଟର ବିଭିନ୍ନ ପ୍ରକାର ବର୍ଜ୍ୟବସ୍ତୁ ଅଳିଆ ଆବର୍ଜନା ପଚା ପନିପରିବା ଆଦି ପଡି ରହିବା ଦ୍ୱାରା ଉପଯୁକ୍ତ ଭାବେ ସଫେଇ ନ ହେବା କାରଣରୁ ପ୍ରତ୍ୟେହ ହାଟରୁ ଉତ୍କଟ ପଚା ଗନ୍ଧ ବାହାରୁଛି। ଏହି ପଚା ଗନ୍ଧ ପାଇଁ ଖାଉଟି ,ବ୍ୟବସାୟୀ ଏବଂ ସାଧାରଣ ଲୋକମାନେ ଅତିଷ୍ଠ ହୋଇ ପଡିଛନ୍ତି। ଏବେ ବର୍ଷା ଦିନ ଥିବାରୁ ବର୍ଷା ପାଣି ହାଟ ପରିସରରେ ଥିବା ହନୁମାନ ମନ୍ଦିର, ତାରିଣୀ ମନ୍ଦିର, ରାମ ମନ୍ଦିର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଜମି ରହୁଛି। ହାଟର ପରିବେଶ ଏପରି ଦୁସ୍ଥ ଅବସ୍ଥାରେ ଥିବା ବେଳେ ପ୍ରଶାସନିକ ସକରାତ୍ମକ ଦୃଷ୍ଟି ନପଡିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବର୍ତ୍ତମାନର ସମୟରେ ଝାଡାବାନ୍ତି ଭଳି ସଂକ୍ରାମକ ରୋଗ ସମସ୍ୟା ଦେଖାଦେଇଥିବା ବେଳେ ଏହା ପରିସ୍ଥିତିକୁ ଆଗାମୀ ଦିନରେ ଆହୁରି ସଂକଟମୟ କରିଦେବ। ବର୍ତ୍ତମାନ ସୁଦ୍ଧା ହାଟ ପରିସରକୁ ସଫେଇ କିମ୍ବା ଶୁଦ୍ଧ୍ୟ କରାଯାଉ ନାହିଁ କିମ୍ବା ବ୍ୟବସାୟୀ ଏବଂ ଜନସାଧାରଣଙ୍କ କାରବାର ସ୍ଥାନରେ ଆବଶ୍ୟକ ବ୍ଲିଚିଂ ପାଉଡର ପକାଯାଉ ନାହିଁ। ଭବିଷ୍ୟତରେ ଏହା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ଏକ ସମ୍ବେଦନଶୀଳ ସମସ୍ୟା ହୋଇଥିବାରୁ ପ୍ରଶାସନ, କଟକ ଜିଲ୍ଲାପାଳ ଓ ବିଧାୟକ ଦୃଷ୍ଟିଦେବାକୁ ଦାବି ହୋଇଛି।

**ବିଛଣାରେ ପଡ଼ିରହିଛି ଭେଣ୍ଡିଆ ପୁଅ**

## ଚିକିତ୍ସାରେ ଅର୍ଥ ସାଜିଛି ବାଧକ



**ଚାରିଛକ,୫।୭/ଏନ୍ଏନ୍ଏସ୍:** ନିମାପଡ଼ା ବ୍ଲକ୍ ତମ୍ପାଲୋ ପଞ୍ଚାୟତ ଚଢ଼େଇ ଗାଁର ଦୀପକ ରାଉଳ(୨୫) ଦୁର୍ଘଟଣାର ଶିକାର ପରେ ବିଛଣାରେ ପଡ଼ି ରହିଛନ୍ତି। ଭେଣ୍ଡିଆ ପୁଅ ଶଯ୍ୟାଶାୟୀ ହେବା ପରେ ବାପା-ମା'ଙ୍କ ଆଖିରୁ ଲୁହ ଶୁଖୁନି। ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଦୀପକ ଦିନ ମଜୁରିଆ ଭାବେ କାମ କରନ୍ତି। ୨୦୨୪ ଡିସେମ୍ବରରେ ସେ କାମ ସାରି ବାଇକ୍ ଯୋଗେ ଘରକୁ ଫେରୁଥିବା ବେଳେ ହଠାତ୍ ବାତ ମାରିଥିଲା। ଫଳରେ ନିୟନ୍ତ୍ରଣ ହରାଇ ରାସ୍ତାକଡ଼ରେ ଥିବା ଏକ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଦୀପକ ସେଠାରେ ପଡ଼ିଥିବା ବେଳେ କିଛି ବ୍ୟକ୍ତି ଉଦ୍ଧାର କରି ଡାକ୍ତରଖାନା ଆଣିଥିଲେ। ସେଠାରୁ କ୍ୟାପିଟାଲ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ପଠା ଯାଇଥିଲା। ମେରୁଦଣ୍ଡରେ ଗଭୀର ଆଘାତ ଲାଗିଥିବାରୁ ଅଣ୍ଟାରେ ଅସ୍ତ୍ରୋପଚାର କରାଯାଇଥିଲା। ଏହାସତ୍ତ୍ୱେ ଦୀପକ ଉଠିବସି ପାରୁ ନାହାନ୍ତି। ଅର୍ଥ ନଥିବାରୁ ନିୟମିତ ଔଷଧ କିଣି ପାରୁ ନାହାନ୍ତି। ଦିନକୁ ଦିନ ସ୍ୱାସ୍ଥ୍ୟବସ୍ଥା ବିଗୁଡୁଛି। ଖବରପାଇ ସ୍ଥାନୀୟ ଅଞ୍ଚଳର ସମାଜସେବୀ ବିକ୍ରମ କେଶରୀ ସାମଲ ଦୀପକଙ୍କ ଘରେ ପହଞ୍ଚି ସହାୟତା ପ୍ରଦାନ କରିଛନ୍ତି। ମେରୁଦଣ୍ଡ ଠିକ୍ ହେବାକୁ ବହୁ ଅର୍ଥ ଆବଶ୍ୟକ ଥିବାରୁ ଆହତଙ୍କ ବାପା ରଞ୍ଜନ ରାଉଳ ସହାୟତା ମାଗିଛନ୍ତି। ବୟସର ଅପରାହ୍ନରେ ରଞ୍ଜନ ପହଞ୍ଚି ଥିବାବେଳେ ମୁଣ୍ଡରେ ପୁଅର ବୋଝ। ପାଞ୍ଚ ପ୍ରାଣୀ କୁଟୁମ୍ବ ତାଙ୍କ ଉପରେ ନିର୍ଭରଶୀଳ। ମୂଲ ଲାଗି ଯାହା ରୋଜଗାର କରୁଛନ୍ତି ସେଥିରେ ବହୁ କଷ୍ଟରେ ଘର ଚଳୁଛି। ସରକାର କିମ୍ବା କୌଣସି ସହୃଦୟ ବ୍ୟକ୍ତି ସହାୟତା କଲେ ଭେଣ୍ଡିଆ ପୁଅ ପୁଣି ସୁସ୍ଥ ହୋଇପାରିବ ବୋଲି ରଞ୍ଜନ କହିଛନ୍ତି।

## ବ୍ଲକ୍ କାର୍ଯ୍ୟାଳୟରୁ କୃଷି ସଚେତନତା ରଥ ଆରମ୍ଭ



**ଭାପୁର,୫।୭/ଏନ୍ଏନ୍ଏସ୍:** କୃଷିର ଉନ୍ନତି ତଥା ଆଧୁନିକ କୃଷି ପ୍ରଣାଳୀ ବାବଦରେ କୃଷକଙ୍କୁ ସଚେତନତା କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପ୍ରୟାସ ଆରମ୍ଭ କରିଛନ୍ତି କୃଷିଭିତ୍ତିକ ପ୍ରସାର ଓ ପ୍ରସାର କରିବା ପାଇଁ ଅନୁଷ୍ଠିତ ହେଉଛି କାର୍ଯ୍ୟକ୍ରମ କୃଷିରଥ। ନୟାଗଡ ଜିଲ୍ଲା ଭାପୁର ବ୍ଲକ ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ଥିବା କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ପରିସରରେ ବ୍ଲକରେ ନୂତନ ଭାବରେ କାର୍ଯ୍ୟରେ ଯୋଗଦେଇଥିବା ବ୍ଲକ କୃଷି ଅଧିକାରିଣୀ ମୁକ୍ତିଲୀନା ମୋନିକାଙ୍କ ତତ୍ତ୍ୱାବଧାନରେ କୃଷିରଥର ଶୁଭାରମ୍ଭ କରାଯାଇଥିଲା। ଆସନ୍ତା ଖରିଫ୍ ଋତୁ ପୂର୍ବରୁ ଏହି ରଥ ଭାପୁର ବ୍ଲକ ଅନ୍ତର୍ଗତ ସମସ୍ତ ୨୦ ପଞ୍ଚାୟତରେ ପଥପ୍ରାନ୍ତ ନାଟକ ସହ କୃଷି ସମ୍ପର୍କୀତ ବିଭିନ୍ନ ଜନକଲ୍ୟାଣ ଯୋଜନା ବାବଦରେ ଲୋକଙ୍କୁ ସଚେତନତା କରାଇବ। ବ୍ଲକ ଅଧୀନ ୨୦ ପଞ୍ଚାୟତରେ ଏହି ରଥ ପରିକ୍ରମା କରିବା ସହିତ ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ବାବଦରେ ସୂଚନା ପ୍ରଦାନ କରିବ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରେଣୁବାଳା ସାହୁ, ବ୍ଲକ ବୈଷୟିକ ପରିଚାଳକ ସିମାଦ୍ରି ନାୟକ, କୃଷି ଅଧିଦର୍ଶକ ଡୋମଣୀ ଦେଇ, ବିଷ୍ଣୁ ଚରଣ ରଥ, ମିଳନ କୁମାର ସ୍ୱାଇଁ, ଗ୍ରାମ୍ୟ କୃଷି କର୍ମଚାରୀ ଜିତେନ୍ଦ୍ର ମାଝୀ, ସୂର୍ଯ୍ୟ ନାରାୟଣ ପ୍ରଧାନ, ସହକାରୀ ବୈଷୟିକ ପରିଚାଳକ ବିପିନ୍ ବିହାରୀ ଷଡ଼ଙ୍ଗୀ, ପ୍ରୀତିମୋହନ ଜୁଝାରସିଂହ, ଇନ୍ଦ୍ରମଣି ସାହୁ ସହଯୋଗ କରିଥିଲେ।

**ପରିବେଶ ସ୍ୱଚ୍ଛତାକୁ ଅବମାନନା**

# ଭୋଜି ବର୍ଜ୍ୟବସ୍ତୁ ଦୁର୍ଗନ୍ଧରେ ଅଞ୍ଚଳବାସୀ ଅତିଷ୍ଠ



**ଜଟଣୀ,୫।୭/ଏନ୍ଏନ୍ଏସ୍:** ଦିନକୁ ଦିନ ଜଟଣୀ ସହରର ଆୟତନ ବୃଦ୍ଧି ପାଇବାରେ ଲାଗୁଥିବା ବେଳେ ଜନସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ପ୍ରତ୍ୟେକ ଦିନ ସହରାଞ୍ଚଳରେ ସରକାରୀ ଏବଂ ବେସରକାରୀ ସ୍ତରରେ ଅନେକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଥିବା ସହିତ ତିଥି ମାନଙ୍କରେ ବିବାହ, ବ୍ରତ ଭଳି ମାଙ୍ଗଳିକ କାର୍ଯ୍ୟ ମଧ୍ୟ ଆୟୋଜନ ହେଉଛି। ଏଣେ ଅନେକ୍ ବେଆଇନ୍ ମଣ୍ଡପ ମାଲିକ କିଛି ଟେଣ୍ଟ ହାଉସ ମାଲିକମାନଙ୍କୁ ହାତ କରି ଯାହା ପାଟିକୁ ଆସିଲା ଦର କଷି ନେଇଛନ୍ତି, ଆଉ କିଛି ଜମି ମାଲିକ ଜାଗା ଉପରେ ଟେଣ୍ଟ କରି କଲ୍ୟାଣ ମଣ୍ଡପ ନାମରେ ଭଡ଼ା ଆଦାୟ କରୁଛନ୍ତି। ତେବେ ଏ ବାବଦରେ ସେହି ବେଆଇନ ମଣ୍ଡପ କର୍ତ୍ତୃପକ୍ଷମାନେ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ବେଳେ ବର୍ଜ୍ୟବସ୍ତୁ ଭାବେ ବାହାରି ପରିବେଶ ଦୁର୍ଗନ୍ଧ କରୁଥିବା ବାହାରେ ଗଦା ଗଦା ଅଇଁଠା ପତ୍ର ଓ ଖାଦ୍ୟପେୟକୁ ସଫା କରିବା ପାଇଁ ଭୁଲି ଯାଉଛନ୍ତି। ଏକ ସୂତ୍ରରେ କହିବାକୁଗଲେ ବାପପୁଅ ରାତି ଅନିଦ୍ରା ମୁଗୁରା ପଛ ମେଲା ଆଧାରରେ ମ୍ୟୁନିସିପାଲଟି ସ୍ୱଚ୍ଛତା ରକ୍ଷା ପାଇଁ ଲୋକ ଦେଖାଣିଆ ଡେଙ୍ଗୁରା ପିଟୁଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଏହିପରି ସାଧାରଣରେ ଉଠୁଥିବା ଏକ ଅଭିଯୋଗକୁ ଆଧାର କଲେ ଦେଖାଯାଇଛି କୁଦିଆରି ବଜାର ଅଞ୍ଚଳରେ ଥିବା ଲକ୍ଷ୍ମୀ ବିଳାସ କଲ୍ୟାଣ ମଣ୍ଡପ କର୍ତ୍ତୃପକ୍ଷ ଭୋଜି ସରିଯିବା ପରେ ବର୍ଜ୍ୟବସ୍ତୁ ମ୍ୟୁନିସିପାଲଟି ସଫେଇ କର୍ମଚାରୀଙ୍କୁ ପ୍ରଦାନ ନକରି କିଛିଟା ଅର୍ଥ ବଞ୍ଚାଇବା ଲୋଭରେ ମଣ୍ଡପ ପଛରେ ସିଧାସଳଖ ଢାଳିଦେବା ଫଳରେ ଆଖପାଖରେ ବସବାସ କରୁଥିବା ଲୋକମାନେ ଦୁର୍ଗନ୍ଧମୟ ପରିବେଶରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ମତପ୍ରକାଶ କରିଛନ୍ତି। ଏ ନେଇ ପରିମଳ ସୁପରଭାଇଜର, ସ୍ୱଚ୍ଛ ସାଥୀ ଓ ପରିମଳ ବିଶେଷଜ୍ଞଙ୍କୁ ସମସ୍ୟା ଉପରେ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଥିଲେ ମଧ୍ୟ ଫଳ ଘର ଶୂନ୍। ଏଥିରୁ କଣ ଅନୁମେୟ କରାଯାଇପାରେ ତାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପକ୍ଷରେ ନିୟମ ଅନୁସାରେ ଯେତେଗୁଡ଼ିଏ କଲ୍ୟାଣ ମଣ୍ଡପ ଅଛି ସେମାନେ ନିଜସ୍ୱ ପାର୍କିଂ ବ୍ୟବସ୍ଥା କରିବେ, ଅଳିଆ ଆବର୍ଜନା ଆଦିକୁ କମ୍ପୋଷ୍ଟ ପିଟରେ ପକାଇବେ, ବ୍ୟବସାୟିକ ପ୍ଲାନ୍ ଆବେଦନ କରିବେ, ଏତଦବ୍ୟତୀତ ମଣ୍ଡପ ସମ୍ମୁଖରେ ପାର୍କିଂ କରାଯାଉଥିବା ଯାନବାହନ ଜନିତ ଉପୁଜୁଥିବା ଟ୍ରାଫିକ ସମସ୍ୟା ସୁଧାର ଆଣିବା ପାଇଁ ମ୍ୟୁନିସିପାଲଟି ପକ୍ଷରୁ କେଉଁ କେଉଁ ଅଞ୍ଚଳରୁ ମଣ୍ଡପକୁ ଆସୁଥିବା ଶୋଭାଯାତ୍ରାର ରୁଟ ସ୍ଥିରତା ଧାର୍ଯ୍ୟ କରାଯାଇ ଏହି ରୁଟ ମ୍ୟାପ୍‌ର ନକଲ ଆବେଦନ ପତ୍ରରେ ପ୍ରଦାନ କରିବା କଥା। ନଚେତ୍ ପାର୍କିଂ ବ୍ୟବସ୍ଥା ନଥିଲେ ଯେକୌଣସି ପରିସ୍ଥିତିର ମଣ୍ଡପ ଲାଗି ଅନୁମୋଦନ ମିଳିପାରିବ ନାହିଁ। ହେଲେ ପ୍ରଶାସନର ଧୃତରାଷ୍ଟ୍ରଙ୍କ ଭୂମିକାର ସୁଯୋଗରେ ଅଧିକାଂଶ କଲ୍ୟାଣ ମଣ୍ଡପ ଚାଲୁଛି, ଯେଉଁମାନଙ୍କ ପାଇଁ ନିୟମ କାନୁନ କିଛି ନାହିଁ। କିଛିବର୍ଷ ତଳେ ରାଜଧାନୀ ଭୁବନେଶ୍ୱର ଓ କଟକରେ ଏହିପରି ଚାଲୁଥିବା ଅନେକ ବେଆଇନ୍ କଲ୍ୟାଣମଣ୍ଡପ ଗୁଡିକୁ ସିଲ୍ କରିଦିଆଯାଇଥିବା ବେଳେ ଏହାର ବ୍ୟତିକ୍ରମ କାହିଁକି ଜଟଣୀ ସହରରେ ପରିଲକ୍ଷିତ ହୋଇଛି ତାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟରେ ବନମହୋତ୍ସବ

**ଭାପୁର,୫।୭/ଏନ୍ଏନ୍ଏସ୍:** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ପିଠାଖାଇ ମାଣିକିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୬ ତମ ବନ ମହୋତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭାପୁର କୋର୍ଟର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦୀପ୍ତିମୟୀ ସାହୁ, ସମ୍ମାନିତ ଅତିଥି ଭାବରେ ଫରେଷ୍ଟ ଅଫିସର ବନମାଳୀ ରାଉତ, ଫତେଗଡ ଥାନାଧିକାରୀ ପଞ୍ଚାନନ ପରିଡ଼ା, ସରକାରୀ ଆଇନଜୀବୀ କେଦାରନାଥ ସାହୁ, ଅନୁରଞ୍ଜନା ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଗ୍ରହଣରେ ଅନୁଷ୍ଠାନ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରିଥିଲେ। ଏହାପରେ ଛାତ୍ରଛାତ୍ରୀ ମାନଙ୍କୁ ବନ ମହୋତ୍ସବ ପାଳନର ମହତ୍ତ୍ୱ ସମ୍ପର୍କରେ ବୁଝାଇବା ସହ ଭଲ ପାଠ ପଢି ଭଲ ମଣିଷ ହେବା ପାଇଁ କହିବା ସହ ଛାତ୍ରଛାତ୍ରୀମାନଙ୍କୁ କିଛି ସମୟ ପାଠ ପଢ଼ାଇଥିଲେ ମାଜିଷ୍ଟ୍ରେଟ୍।

# ସାରି ଲୀଳାଖେଳା

# ଫେରିଲେ ଚକାଡୋଳା







ଆଡ଼ପମଣ୍ଡପରେ ସରିଲା ଦାରୁଦିଅଁଙ୍କ ଲୀଳାଖେଳା। ଭାଇଭଉଣୀଙ୍କୁ ସାଙ୍ଗରେ ନେଇ ଫେରିଲେ ଚକାଡୋଳା। ଶନିବାର ବାହୁଡ଼ା ଯାତ୍ରାରେ ଆସି ନୀଳକନ୍ଦର ସିଂହଦ୍ୱାର ଆଗରେ ଭାଇ, ଭଉଣୀଙ୍କ ସହ ଉଭା ହୋଇଛନ୍ତି ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ। ବଡ଼ଦାଣ୍ଡରେ ଅନୁଷ୍ଠିତ ହୋଇଛି ପ୍ରଭୁଙ୍କ ଦିବ୍ୟ ଲୀଳା। ଠାକୁରଙ୍କ ମାନବୀୟ ଲୀଳା ଦର୍ଶନ ପାଇଁ ଶରଧାବାଲିରୁ ସିଂହଦ୍ୱାର ପାଲଟିଥିଲା ଭକ୍ତ ସମୁଦ୍ର। ରଥ ଗଡ଼ିବାର ଗୁରୁଗମ୍ଭୀର ଧ୍ୱନି ସାଙ୍ଗକୁ ଘଣ୍ଟଘଣ୍ଟା ନାଦ ଓ ଭକ୍ତିଙ୍କ ହରିବୋଲ ହୁଳହୁଳିରେ କମ୍ପୁଥିଲା ଖଣ୍ଡମଣ୍ଡଳ। ଠାକୁରଙ୍କ ସାନ୍ନିଧ ଲାଭ କରି ଭାବବିହ୍ୱଳ ହେଉଥିଲେ ଶ୍ରଦ୍ଧାଳୁ। ସମସ୍ତେ ନୃତ୍ୟ ଓ ସଂକୀର୍ତ୍ତନରେ ମଜ୍ଜି ଦିବ୍ୟ ମିଳନର ମୁହୂର୍ତ୍ତକୁ ମନଭରି ଉପଭୋଗ କରୁଥିଲେ।














## ଯୋଗ କେନ୍ଦ୍ର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ



**ବ୍ରହ୍ମପୁର,୫।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ୪ ନମ୍ବର ୱାର୍ଡ ଅନ୍ତର୍ଗତ ଫାଷ୍ଟ ଗେଟ୍ ଓମ୍‌ନଗରଠାରେ ଜୟ ସୀତାରାମ ଯୋଗ କେନ୍ଦ୍ର ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର। ପବିତ୍ର ବାହୁଡା ଯାତ୍ରା ଅବସରରେ ବିଧାୟକ ଅନିଲ କୁମାର ତାଙ୍କ ବିଧାୟକ ପାଣ୍ଠିରୁ ଏହି ଅର୍ଥ ମଞ୍ଜୁର କରିଛନ୍ତି। ଜୟ ସୀତାରାମ ଯୋଗ କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ଲୋକଙ୍କ ସେବାରେ ଆସିବ ବୋଲି ଜଣାପଡିଛି। ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ବିଧାୟକଙ୍କ ସମେତ କର୍ପୋରେଟର ଅଶୋକ ଶୁକ୍ଳ ପ୍ରମୁଖ ବହୁ ବ୍ୟକ୍ତି ଉପସ୍ଥିତ ଥିଲେ।

## ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

**ଖଜୁରୀପଡ଼ା,୫।୭/ଏନ୍‌ଏନ୍‌ଏସ୍:** ଖଜୁରୀପଡ଼ା ଥାନା ଅନ୍ତର୍ଗତ ଖୁସି ଢ଼ାବା ନିକଟରେ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଖଜୁରୀପଡା ଥାନା ଦଳପଡା ପଞ୍ଚାୟତ ବ୍ରଡିଗୁଡ଼ା ଗ୍ରାମର ଆଲୋକ କହଁର (୨୫)। ସୂଚନା ମୁତାବକ, ଆଲୋକ କୌଣସି କାମରେ ଖଜୁରୀପଡ଼ା ଯାଇ ସେଠାରୁ ନିଜ ବାଇକ( ଓଡି ୧୨ ଡି ୫୪୩୪) ଯୋଗେ ଫୁଲବାଣୀ ଆଡକୁ ଆସୁଥିବା ବେଳେ ଖୁସି ଢ଼ାବା ନିକଟସ୍ଥ ତେନ୍ତୁଳି ବାଙ୍କରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ତାଙ୍କୁ ଉଦ୍ଧାର କରି ଖଜୁରୀପଡ଼ା ମେଡିକାଲକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

### ମାଲିରେ ଓଡ଼ିଆ ପୁଅ ଆତଙ୍କୀଙ୍କ ଦ୍ୱାରା ଅପହରଣ

# ଫେରାଇ ଆଣିବାକୁ ମା'ଙ୍କ ଆକୁଳ ନିବେଦନ

**ବ୍ରହ୍ମପୁର,ହିଞ୍ଜିଳିକାଟୁ୫।୭/ଏନ୍‌ଏନ୍‌ଏସ୍:** ବାହାର ଦେଶକୁ କାମ କରିବାକୁ ଯାଇ ଆତଙ୍କୀଙ୍କ ଦ୍ୱାରା ଜଣେ ଓଡ଼ିଆ ପୁଅ ଅପହରଣ ହୋଇଥିବା ଜଣାପଡିଛି। ଓଡିଆ ଶ୍ରମିକ ଜଣକ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ଥାନା ଅନ୍ତର୍ଗତ ସମରଝୋଲ ଗ୍ରାମର ପି.ଭେଙ୍କଟ ରମଣ(୩୦)। ସେ ପଶ୍ଚିମ ଆଫ୍ରିକା ଦେଶ ମାଲିରେ ଆତଙ୍କବାଦୀ ସଂଗଠନ ଦ୍ୱାରା ଅପହରଣ ହୋଇଥିବା ଜଣାପଡିଛି। ଏହି ଘଟଣା ଜଣାପଡିବା ପରେ ତାଙ୍କ ପରିବାର ପୁଅର ଫେରିବା ବାଟକୁ ଚାହିଁ ରହିଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତା ଲୋଡିଛନ୍ତି ପରିବାର। ଅପହୃତଙ୍କ ମାଆ ପି. ନାର୍ସାମା କେନ୍ଦ୍ର ସରକାର ହସ୍ତକ୍ଷେପ କରି ପୁଅକୁ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି। ମିଳିଥିବା ସୂଚନା ପ୍ରକାରେ ସମରଝୋଲ ଗ୍ରାମର ସ୍ୱର୍ଗତ ପି. ନାରାୟଣଙ୍କ ପୁଅ ପି.ଭେଙ୍କଟ ରମଣ ଗତ ୬ ମାସ ପୂର୍ବେ ବ୍ଲୁ-ଷ୍ଟାର ନାମକ ଏକ ଘରୋଇ କମ୍ପାନୀ ଦ୍ୱାରା ଆଫ୍ରିକା ଦେଶ ମାଲି ଅଞ୍ଚଳକୁ ଯାଇଥିଲେ। ସେଠାରେ ଥିବା ଡାଇମଣ୍ଡ ସିମେଣ୍ଟ କମ୍ପାନୀରେ ନିଯୁକ୍ତି ପାଇ କାମ କରୁଥିଲେ। ଚଳିତ ମାସ ୧ ତାରିଖ ଦିନ ଆଲକାଏଦା ସହ ସମ୍ପୃକ୍ତ ଏକ ଆତଙ୍କବାଦୀ ସଂଗଠନ ପ୍ଲାଣ୍ଟରେ ପଶି ସେଠାରେ କାର୍ଯ୍ୟରତ ଓଡିଆ ପୁଅ ଭେଙ୍କଟ ସମେତ ଅନ୍ୟ ଦୁଇ ଭାରତୀୟଙ୍କୁ ଅପହରଣ କରି ନେଇଯାଇଥିବା ଜଣାପଡିଛି। ଗତ ୩ ତାରିଖରେ ପ୍ରଥମେ ନିଯୁକ୍ତି ଦେଇଥିବା ବ୍ଲୁ ଷ୍ଟାର ନାମକ କମ୍ପାନୀ ପକ୍ଷରୁ ପି. ଭେଙ୍କଟରମଣଙ୍କ ପରିବାର ବର୍ଗଙ୍କୁ ଫୋନ୍ କରି ଜଣାଯାଇଥିଲା। ତେବେ ଆତଙ୍କୀଙ୍କ ଦ୍ୱାରା ଅପହରଣ ନେଇ କୌଣସି ସୂଚନା ଦିଆନଯାଇ ବିଭ୍ରାନ୍ତିକର ତଥ୍ୟ ଦେଇ କଥାକୁ ଲୁଚାଇବାକୁ ପ୍ରୟାସ କରିଥିଲା କମ୍ପାନୀ। ପରବର୍ତ୍ତୀ ସମୟରେ ପରିବାର ବର୍ଗ ଟିଭି ଦେଖି ପୁଅ ଆତଙ୍କବାଦୀଙ୍କ ଦ୍ୱାରା ଅପହରଣ ହୋଇଥିବା ଜାଣିବାକୁ ପାଇଥିଲେ ବୋଲି ଅପହୃତଙ୍କ ମାତା ପି. ନାର୍ସାମା କହିଛନ୍ତି। ପୁଅକୁ ଫେରାଇ ଆଣିବା ଦିଗରେ ଉଦ୍ୟମ କରିବା ଲାଗି ଜିଲ୍ଲାପାଳଙ୍କୁ ଚିଠି ଲେଖିବା ସହ ଥାନାରେ ମଧ୍ୟ ଅଭିଯୋଗ କରିଥିବା କହିଛନ୍ତି। ଅନ୍ୟପକ୍ଷରେ ସ୍ଥାନୀୟ ତହସିଲଦାର ସମ୍ପୃକ୍ତ ପରିବାରଙ୍କୁ ଭେଟିଛନ୍ତି। ଘଟଣା ସମ୍ପର୍କରେ ଭାରତୀୟ ଦୂତାବାସ ସହ ସମ୍ପର୍କ କରିବାକୁ କହିଛନ୍ତି। ଆଜି ସ୍ଥାନୀୟ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ଶିଶିର ମିଶ୍ର ଅପହୃତଙ୍କ ହିଞ୍ଜିଳିକାଟୁ ସମରଝୋଲସ୍ଥିତ ବାସଭବନକୁ ଯାଇ ପରିବାରକୁ ସାକ୍ଷାତ କରିଛନ୍ତି। ପି. ଭେଙ୍କଟଙ୍କୁ ଉଦ୍ଧାର ପାଇଁ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି। ଦିନ ଗଡ଼ି ଚାଲିଥିବାରୁ ପରିବାରବର୍ଗ ଆଶା ଓ ଆଶଙ୍କା ମଧ୍ୟରେ ରହୁଛନ୍ତି। ଭାରତ ସରକାର ଏ ଦିଗରେ ହସ୍ତକ୍ଷେପ କରି ପୁଅ ପି. ଭେଙ୍କଟଙ୍କୁ ସ୍ୱଦେଶ ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି ପରିବାରବର୍ଗ।

ଅନ୍ୟପକ୍ଷରେ ରାଜ୍ୟ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତମନ୍ତ୍ରୀ ବିଭୂତି ଭୂଷଣ ଜେନା କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଟ୍ୱିଟ୍ କରି ଘଟଣା ସମ୍ପର୍କରେ ଅବଗତ କରିବା ସହ ହସ୍ତକ୍ଷେପ ଲୋଡିଛନ୍ତି। ହିଞ୍ଜିଳିକାଟୁ ସମରଝୋଲ ଅଞ୍ଚଳର ଭେଙ୍କଟଙ୍କୁ ସେଠାରୁ ସୁରକ୍ଷିତ ଉଦ୍ଧାର କରିବା ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି। ଭେଙ୍କଟ ରମଣଙ୍କ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସମ୍ପୃକ୍ତ ପରିବାର ଏବଂ ସମଗ୍ର ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇପଡିଥିବା ନେଇ ସେ ତାଙ୍କ ଟ୍ୱିଟ୍‌ରେ ଉଲ୍ଲେଖ କରିଥିବା ଜଣାପଡିଛି।



## ଉତ୍ସାହ ଉଦ୍ଦୀପନାର ସହ ପାଳିତ ହେଲା ଶ୍ରୀଜିଉଙ୍କ ବାହୁଡ଼ାଯାତ୍ରା

**ଆସିକା,୫।୭/ଏନ୍‌ଏନ୍‌ଏସ୍:** ଆସିକା ସହର ତଥା ଏହାର ଆଖପାଖ ଅଞ୍ଚଳରେ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହୁଡା ଯାତ୍ରା । ଶନିବାର ଭୋର ସମୟରୁ ଦିନତମାମ ସମସ୍ତ ନୀତିକାନ୍ତି ଶେଷ ହେବା ପରେ ଆଡପମଣ୍ଡପ ଗୁଡିକରେ ମହାପ୍ରଭୁଙ୍କ ବାହୁଡା ଯାତ୍ରା ଦର୍ଶନ ପାଇଁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ ଜମିଥିଲା। ନବଦିନାତ୍ମକ ଘୋଷଯାତ୍ରା ଶେଷ କରି ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ଦେବୀ ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନ ବାହୁଡା ଯାତ୍ରାରେ ବାହାରିଥିଲେ। ବାହୁଡା ଯାତ୍ରାରେ ଶ୍ରୀ ବିଗ୍ରହଙ୍କ ଚିତ୍ତାକର୍ଷକ ପହଣ୍ଡି ଦର୍ଶନ ଓ ରଥଟାଣିବା ଲାଗି ପ୍ରତିକୂଳ ପାଗ ଯୋଗୁଁ ଶ୍ରଦ୍ଧାଳୁ ଭକ୍ତମାନେ ବିଭିନ୍ନ ଅଞ୍ଚଳର ଆଡପମଣ୍ଡପ ଗୁଡିକ ନିକଟରେ ରୁଣ୍ଡ ହୋଇଥିଲେ । ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନୀ ଆସିକା ଅଞ୍ଚଳର ଆଧ୍ୟାତ୍ମିକ ପରିବେଶକୁ ବହୁଗୁଣିତ କରିଥିଲା । ଶନିବାର ପାରମ୍ପରିକ ରୀତିନୀତି ଅନୁଯାୟୀ ଆସିକା ଏନ୍‌ଏସି ଅନ୍ତର୍ଗତ ଲାଲାଗୋର୍ଜୀ ଛକ ସ୍ଥିତ ଆଡପମଣ୍ଡପ, ବଜାର ସାହି ସ୍ଥିତ ଆଡପମଣ୍ଡପ, ଖମ୍ବେଶ୍ୱରୀପାଟଣା ସ୍ଥିତ ଆଡପମଣ୍ଡପ, ଚିନିଶିଳ୍ପ ନୂଆଗାଁ ସ୍ଥିତ ଆଡପମଣ୍ଡପ, କାଳଷଣ୍ଢପୁର ଗ୍ରାମ ସ୍ଥିତ ଆଡପମଣ୍ଡପ, ନଳବଣ୍ଟା ଗ୍ରାମ ସ୍ଥିତ ଆଡପମଣ୍ଡପ, କେନ୍ଦୁପଦର ଓ ଗହଙ୍ଗୁ ଗ୍ରାମ ସ୍ଥିତ ଆଡପମଣ୍ଡପ ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ସମସ୍ତ ଆଡପମଣ୍ଡପରେ ବିଧିବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇ ଶ୍ରୀଜୀଉମାନଙ୍କୁ ପହଣ୍ଡିରେ ଅଣାଯାଇ ରଥ ଉପରେ ବିରାଜମାନ କରାଯାଇଥିଲା । ଚିନିଶିଳ୍ପ ନୂଆଗାଁ ଆଡପମଣ୍ଡପରେ ବିଜେ ଚତୁର୍ଦ୍ଧାମୂର୍ତ୍ତୀଙ୍କୁ ରଥାରୁଢ ପରେ ସମବାୟ ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ତଥା ଶ୍ରୀଜଗନ୍ନାଥ ସଂସ୍ଥାପନା ସମିତିର ସଭାପତି ଡ. ସୁଶାନ୍ତ କୁମାର ପଣ୍ଡା ଛେରାପହଁରା କାର୍ଯ୍ୟ ସଂପନ୍ନ କରିଥିଲେ। ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ସମବାୟ ଚିନିଶିଳ୍ପ ନିକଟରେ ଥିବା ଜଗନ୍ନାଥ ମନ୍ଦିରରେ ଦୀର୍ଘ ୨୮ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରଥଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ପରିଚାଳନା ପରିଷଦର ସଭାପତି ରବିନ୍ଦ୍ର ପଣ୍ଡା, ଜଗନ୍ନାଥ ସଂସ୍ଥାପନା ସମିତିର ସଭାପତି ଡ. ସୁଶାନ୍ତ କୁମାର ପଣ୍ଡା, ଉପସଭାପତି ସନ୍ତୋଷ କୁମାର ମଲିକ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ କୁମାର କର, ସଂପାଦକ ଦିଲୀପ କୁମାର ସ୍ୱାଇଁ, ସହ ସଂପାଦକ ଇ.ଅରୁଣ କୁମାର ପାତ୍ର, କୋଷାଧକ୍ଷ ଅକ୍ଷୟ କୁମାର ସ୍ୱାଇଁ, ସଦସ୍ୟ ପ୍ରଶାନ୍ତ କୁମାର ପାଢୀ, ଚିତ୍ତଚିନ୍ମୟ ରଂଜନ ନାୟକ, ଶ୍ରୀନିବାସ ମହାପାତ୍ର, କେଦାରନାଥ ସାହୁ, ଶ୍ରୀପଲ୍ଲୀ ସୁନ୍ଦର ଦାଶ, ରାମପ୍ରସାଦ ଶତପଥୀ, ବାଇଧର ନାହାକ, ଦାମୋଦର ସିୟ, ଲମ୍ବୋଦର ସାବତ, ଜୟରାମ ଯାଦବ, ଅନିଲ୍ କୁମାର ଦାସ, କୃଷ୍ଣଚନ୍ଦ୍ର ଲେଙ୍କା, ଆଧ୍ୟାତ୍ମିକପ୍ରେମୀ ରାଜେଶ୍ କୁମାର ନାୟକ, ଜଗନ୍ନାଥ ପଟ୍ଟନାୟକ, ବାସୁଦେବ ସ୍ୱାଇଁ, ଏମ୍.ରାମବାବୁ ଦୋରା, ସନ୍ତୋଷ କୁମାର ପଟ୍ଟନାୟକ, କୈଳାଶ ଚନ୍ଦ୍ର ପଟ୍ଟନାୟକ, କଳ୍ପତରୁ ପ୍ରଧାନ, ବଳରାମ ନାହାକ, ତ୍ରିନାଥ ବେହେରା, ସୁଜିତ୍ କୁମାର ପୃଷ୍ଟି, ବିଜୟ କୁମାର ବେହେରା, ଶିଶିର କୁମାର ଗୌଡ, କୈଳାଶ ଚନ୍ଦ୍ର ଗୌଡଙ୍କ ସମେତ ସମବାୟ ଚିନିଶିଳ୍ପ କର୍ମଚାରୀ, ଆଧ୍ୟାତ୍ମିକପ୍ରେମୀ, ଶ୍ରଦ୍ଧାଳୁଭକ୍ତ, ଗ୍ରାମବାସୀ ଓ ସ୍ୱେଚ୍ଛାସେବୀମାନେ ବାହୁଡାଯାତ୍ରା ପରିଚାଳନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ଆସିକା ସହରର ସୁନାମ୍ବ ସାହି ସ୍ଥିତ ଜଗନ୍ନାଥ ମନ୍ଦିରର ଟ୍ରଷ୍ଟି ତଥା ଆସିକା ଓକିଲ ସଂଘର ସଂପାଦକ ନାରାୟଣ ମୁନିଙ୍କ ସଂଯୋଜନାରେ ଅନୁଷ୍ଠିତ ବାହୁଡାଯାତ୍ରା ପରିଚାଳନାରେ ସେବାୟତ ମନ୍ଦିର ପରିଚାଳନା କମିଟି ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର, ନୀଳମାଧବ ଦାଶ, ଅଶୋକ କୁମାର ପାଣିଗ୍ରାହୀ, କାହ୍ନୁଚରଣ ପଣ୍ଡାଙ୍କ ସମେତ ସମସ୍ତ ସେବାୟତ, ସ୍ଥାନୀୟ ଅଞ୍ଚଳବାସୀ ସହଯୋଗ କରିଥିଲେ। ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା, ବରିଷ୍ଠ ଆଇନଜୀବୀ ପି. ଶିବଶଙ୍କର ପାତ୍ର, ଟିପିଏସଓଡିଏଲ୍ ଆସିକା ସେକ୍ସନ୍‌ର ସହକାରୀ ଯନ୍ତ୍ରୀ ଇଂ ରାକେଶ୍ କୁମାର ପାତ୍ର, ଆସିକା ଥାନାଧିକାରୀ କୁଳମଣି ସେଠୀ, କୋଟିନଡା ଥାନା ଅଧିକାରୀ ଦାମୋଦର ବିହାରୀ, ଆସିକା ତହସିଲଦାର ସଙ୍ଗୀତା ସେଣ, ବିଡିଓ ଲିପିନା ଦାଶ, ଅଗ୍ନିଶମ ସେବା କେନ୍ଦ୍ରର କେନ୍ଦ୍ର ଅଧିକାରୀ କୈଳାଶ ଚନ୍ଦ୍ର ସାହୁ ଓ ମୁଖ୍ୟ ଆଗ୍ନିକ ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିବା ଲକ୍ଷ୍ୟ କରାଯାଇଥିଲା। ଆସିକା ସହରର ବଜାର ସାହି, ଖମ୍ବେଶ୍ୱରୀପାଟଣା, କାଳଷଣ୍ଢପୁର, ନଳବଣ୍ଟା, ଗହଙ୍ଗୁ, କେନ୍ଦୁପଦର ସମେତ ଆଖପାଖ ଅଞ୍ଚଳରେ ବାହୁଡା ଯାତ୍ରା ଅବସରରେ ରଥଟଣା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବାହୁଡା ଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପ୍ତ କରିବା ଲାଗି ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କ ନେତୃତ୍ୱରେ ବିଭିନ୍ନ ଜଗନ୍ନାଥ ମନ୍ଦିର ଗୁଡିକ ନିକଟରେ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା । ଦାରୁବିଗ୍ରହମାନେ ଯାତ୍ରା ସାରି ଆଡପ ମଣ୍ଡପରୁ ନିଜସ୍ୱ ମନ୍ଦିର ଅଭିମୁଖେ ଶନିବାର ବାହୁଡା ଯାତ୍ରାରେ ବାହାରିଥିବା ଜଣାପଡିଛି ।



## ବୁଗୁଡ଼ାରେ ବାହୁଡ଼ା ଯାତ୍ରା, ମଝି ଦାଣ୍ଡରେ ଅଟକିଲା ରଥ



**ବୁଗୁଡା,୫।୭/ଏନ୍‌ଏନ୍‌ଏସ୍:** ବୁଗୁଡ଼ାରେ ବାହୁଡ଼ା ଯାତ୍ରା ସମ୍ପର୍ଣ୍ଣ ହୋଇଛି। ଭକ୍ତଙ୍କ ଗହଣରେ ରଥ ଟଣା ହୋଇଥିବା ବେଳେ ମଝିଦାଣ୍ଡରେ ରଥ ଅଟକିଛି। ଆଜି ଅପରାହ୍ନରେ ପୁରୋହିତ ସିମାଞ୍ଚଳ ପଣ୍ଡାଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା । ଏହା ପରେ ମନ୍ଦିର ପୂଜକମାନେ ବାଦ୍ୟ ବାଜଣା ସହ ମହନ୍ତ ରବି ନାରାୟଣ ଦାଶଙ୍କୁ ଆମନ୍ତ୍ରଣ କରି ବରଣ କରିଥିଲେ । ତାହା ପରେ ବଳଦେବ,ସୁଭଦ୍ରା, ଜଗନ୍ନାଥ ତିନି ଠାକୁରଙ୍କର ଆଳତି କରାଯାଇ ପହଣ୍ଡି ବିଜେ ମାଧ୍ୟମରେ ସେମାନଙ୍କୁ ରଥାରୁଢ କରାଯାଇଥିଲା । ରଥ ଉପରେ ନୀତି ଅନୁଯାୟୀ ପୂଜାର୍ଚ୍ଚନା ଓ ଆଳତି କରାଯିବା ସହ ମହନ୍ତଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ହୋଇଥିଲା । ଏହାପରେ ଭକ୍ତମାନେ ଉତ୍ସାହର ସହ ହରିବୋଲ , ହୁଳହୁଳି ପକାଇ ଠାକୁରଙ୍କ ରଥକୁ ଟାଣି ମଝିଦାଣ୍ଡରେ ପହଞ୍ଚାଇଥିଲେ । ରଥଯାତ୍ରା ପରିଚାଳନା କମିଟିର ସଂପାଦକ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ଅନ୍ୟ ସଦସ୍ୟଗଣ ଏବଂ ମନ୍ଦିରର ପୂଜକ, ଜଗନ୍ନାଥ ଅର୍ଚ୍ଚକ ଯୁବକ ସଂଘର ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ମୂତୟନ ହୋଇଥିଲେ। ପ୍ରକାଶ ଯେ , ରଥରେ ଏକାଦଶୀରେ ଠାକୁରଙ୍କ ସୁନାବେଶ ଏବଂ ତା'ପର ଦିନ ଅଧରପଣା କାର୍ଯ୍ୟ ଶେଷ ହେବା ପରେ ତିନି ଠାକୁର ରତ୍ନବେଦୀକୁ ଫେରିବେ ବୋଲି ଜଣାପଡିଛି।

## ଲାଞ୍ଜିପଲ୍ଲୀ ଜାତୀୟ ରାଜପଥରେ ଓଭରବ୍ରିଜ୍ ନିର୍ମାଣ ପାଇଁ ଆଇନଜୀବୀଙ୍କ ଦାବି



**ବ୍ରହ୍ମପୁର,୫।୭/ଏନ୍‌ଏନ୍‌ଏସ୍:** ଦୁର୍ଘଟଣାର ହଟ୍‌ସ୍ପଟ୍ ପାଲଥିବା ଲାଞ୍ଜିପଲ୍ଲୀ ୧୬ ନମ୍ବର ଜାତୀୟ ରାଜପଥରେ ଓଭରବ୍ରିଜ୍ ନିର୍ମାଣ ଦାବି କରିଛନ୍ତି ବରିଷ୍ଠ ଆଇନଜୀବୀ ତଥା ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ। ଏନେଇ ଆଇନଜୀବୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜମାର୍ଗ ମନ୍ତ୍ରାଳୟ, ଭାରତ ସରକାରଙ୍କୁ ପତ୍ର ଲେଖି ଅନୁରୋଧ କରିଥିବା ଜଣାପଡିଛି। ସେ ତାଙ୍କ ଚିଠିରେ ଦର୍ଶାଇଛନ୍ତି ଯେ ବ୍ୟସ୍ତବହଳ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଇତି ମଧ୍ୟରେ ବହୁ ଧନଜୀବନ ଗଲାଣି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଲାଗି ରହିଛି। ଜାତୀୟ ରାଜପଥ -୧୬ ରୁ ବ୍ରହ୍ମପୁର ସହରକୁ ପ୍ରବେଶ ଓ ପ୍ରସ୍ଥାନ ପାଇଁ ଲାଞ୍ଜିପଲ୍ଲୀ ବାଇପାସ ଛକ ଏକ ପ୍ରମୁଖ ରାସ୍ତା । ପ୍ରତ୍ୟେକ ଦିନ ଏହି ଛକ ଦେଇ ହଜାର ହଜାର ଲୋକ ଓ ଗାଡି ମଟର ଯାତାୟାତ କରୁଛି। ଏପଟେ ଜାତୀୟ ରାଜପଥରେ ମାଲବାହୀ ଟ୍ରକ ଦ୍ରୁତ ଗତିରେ ଯିବା ଆସିବା କରୁଥିବାରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି । ଅଞ୍ଚଳବାସୀଙ୍କ ପକ୍ଷରୁ ଏଠାରେ ଓଭରବ୍ରିଜ ନିର୍ମାଣ ବହୁଦିନ ଧରି ଦାବି ହୋଇ ଆସୁଛି । ତେଣୁ ୧୫ ଦିନ ମଧ୍ୟରେ ଲାଞ୍ଜିପଲ୍ଲୀ ଓଭରବ୍ରିଜ ନିର୍ମାଣ କାମ ଆରମ୍ଭ କରାନଗଲେ ସଡକ ପରିବହନ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଆଇନଜୀବୀ ଶ୍ରୀ ପଟ୍ଟନାୟକ କହିଛନ୍ତି। ସୂଚନାଥାଉକି ଗତ ଦୁଇଦିନ ପୂର୍ବେ ଲାଞ୍ଜିପଲ୍ଲୀ ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଥିଲା। ଏକ ସ୍କୁଟି ସହ ଟ୍ରକ୍ ଧକ୍କା ଫଳରେ ଜଣ ବ୍ୟକ୍ତିଙ୍କ ଘଟଣାସ୍ଥରେ ହିଁ ମୃତ୍ୟୁ ଘଟିଥିଲା। କେବଳ ଗୋଟିଏ ଘଟଣା ନୁହେଁ ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ଘଟି ବହୁ ଲୋକଙ୍କ ଜୀବନ ଗଲାଣି।

### ବନମହୋତ୍ସବ ସପ୍ତାହ ପାଳିତ

# 'ପରିବେଶ ସୁରକ୍ଷା ଲାଗି ଚାରାରୋପଣ ଜରୁରୀ'

**ଆସିକା,୫।୭/ଏନ୍‌ଏନ୍‌ଏସ୍:** ଭଞ୍ଜନଗର ଘୁମୁସର ଦକ୍ଷିଣ ବନଖଣ୍ଡ ଅଧିନସ୍ଥ ଆସିକା ବନାଂଚଳ କାର୍ଯ୍ୟାଳୟ ପକ୍ଷରୁ ଚାରିମଇଲି ଗ୍ରାମ ଛକ ସ୍ଥିତ ନଗରବନ ନିକଟରେ ଶୁକ୍ରବାର ୭୬ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି । ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ବନମହୋତ୍ସବ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଆସିକା ବିଧାୟକ ସରୋଜ କୁମାର ପାଢୀ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିପାଶା ପାରୁଲ୍, ଦକ୍ଷିଣ ଘୁମୁସର ସହକାରୀ ବନଖଣ୍ଡ ଅଧିକାରୀ ପ୍ରଦୀପ କୁମାର ବେହେରା, ଗଞ୍ଜାମ ଆରକ୍ଷୀ ଅଧୀକ୍ଷକ ଶୁଭେନ୍ଦୁ ପାତ୍ର, ଆସିକା ଉପଖଣ୍ଡ ପୋଲିସ ଅଧିକାରୀ ସନ୍ତୋଷ କୁମାର ଜେନା, ଭଞ୍ଜନଗର ଉପଖଣ୍ଡ ପୋଲିସ ଅଧିକାରୀ ଦୀପକ ମିଶ୍ର, ଆସିକା ବିଡିଓ ଲିପିନା ଦାଶ, ଆସିକା ତହସିଲଦାର ସଙ୍ଗୀତା ସେଣ, ଆସିକା ଥାନା ଅଧିକାରୀ କୁଳମଣି ସେଠୀ, କୋଟିନଡା ଥାନା ଅଧିକାରୀ ଜାମୋଦର ବିହାରୀ, ଗଞ୍ଜାମ ଜିଲ୍ଲା କୃଷ୍ଣସାର ମୃଗ ସୁରକ୍ଷା ସମିତିର ସଭାପତି ଅମୂଲ୍ୟ କୁମାର ଉପାଧ୍ୟୟ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣୀ ଶତପଥୀ ଓ ଅନୁପମ ବାନାର୍ଜୀ ପ୍ରମୁଖ ଯୋଗ ଦେଇଥିଲେ। ବନ ମହୋତ୍ସବ ସପ୍ତାହ ପାଳନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ପରିବେଶର ସୁରକ୍ଷା ଲାଗି ଅଧିକରୁ ଅଧିକ ଚାରାରୋପଣ କରି ସେଗୁଡିକର ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ପ୍ରତ୍ୟେକ ଜନସାଧାରଣ ଗୋଟିଏ ଲେଖାଏଁ ଗଛ ଲଗାଇବା ସହ ଯତ୍ନ ନେବାକୁ ଆହ୍ୱାନ କରିଥିଲେ। ଆସିକା ବନାଞ୍ଚଳ କାର୍ଯ୍ୟାଳୟର ନଗରବନ ପରିସରରେ ୨୦୨୫-୨୬ ସହରାଞ୍ଚଳ ବନୀକରଣ ଯୋଜନାରେ ପ୍ରାୟ ୩ ଶହରୁ ଉର୍ଦ୍ଧ୍ୱ ବିଭିନ୍ନ କିସମର ଔଷଧୀୟ ଓ ଛାୟାପ୍ରଦାନକାରୀ ଚାରାରୋପଣ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆସିକା ବନପାଳ ଶରତ ଚନ୍ଦ୍ର ବେହେରା, ବାବନପୁର ସ୍ଥିତ ମେଗା ନର୍ସରୀର ବନପାଳ ଅକ୍ଷୟ କୁମାର ତ୍ରିପାଠୀ, ଶେରଗଡ ବନପାଳ ରାଜେନ୍ଦ୍ର କୁମାର ଗୌଡ, ଷଡଙ୍ଗୀପଲ୍ଲୀ ବନପାଳ ପି.ସୁରଜ କୁମାର, ଧରାକୋଟ ବନପାଳ ଲାଜୁ ଶବର, ବନରକ୍ଷୀ ରାଜେନ୍ଦ୍ର କୁମାର ରାଉତ, ରାକେଶ୍ ପରିଡା, ବିଷ୍ଣୁପ୍ରିୟା ପ୍ରଧାନ, ଲକ୍ଷ୍ମୀ ଦଳବେରା, ପ୍ରମୋଦ କୁମାର ପାଢୀ, ରଶ୍ମିତା ଚୌଧୁରୀଙ୍କ ସମେତ ବନବିଭାଗର ବହୁ କର୍ମଚାରୀ ସହଯୋଗ କରିଥିଲେ। ବନ ସଂରକ୍ଷଣ ସମିତିର କାର୍ଯ୍ୟକର୍ତ୍ତା, ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ପରିବେଶବିତ୍, ସଚେତନ ନାଗରିକ ଉପସ୍ଥିତ ଥିଲେ।



## ଶିଶୁବାଟିକା ପକ୍ଷରୁ ରଥଯାତ୍ରା



**ବୁଗୁଡା,୫।୭/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶିଶୁ ବାଟିକା ପକ୍ଷରୁ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିର ପରିସରରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ଜଗନ୍ନାଥ-ବଳଭଦ୍ର-ସୁଭଦ୍ରାଙ୍କୁ ରଥାରୁଢ କରାଯାଇ ରୀତିନୀତି ପ୍ରକାରେ ପୂଜାପାଠ ପୂର୍ବକ କୁନି କୁନି ଶିଶୁ ଭାଇଭଉଣୀଙ୍କ ଦ୍ୱାରା ରଥ ଟଣା ଯାଇଥିଲା। ଶିଶୁ ବାଟିକାର ଅରୁଣ,ଉଦୟ ଓ ପ୍ରଭାତ ବର୍ଗର ଶିଶୁ ଭାଇଭଉଣୀଙ୍କ ଗହଣରେ ଆୟୋଜିତ ଉକ୍ତ ରଥଯାତ୍ରା କାର୍ଯ୍ୟକ୍ରମ ଏକ ଭକ୍ତିମୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା । ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା କୁମାରୀ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଅନ୍ୟ ଗୁରୁମାଗଣ ସହଯୋଗ କରିଥିଲେ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବୁଗୁଡା,୫।୭/ଏନ୍ଏନ୍ଏସ୍:** ବୁଗୁଡ଼ା ବ୍ଲକ ଅନ୍ତର୍ଗତ ମୋଟାବାଡି ଗ୍ରାମସ୍ଥିତ ଶ୍ରୀ ଗୋପୀନାଥ ବିଦ୍ୟାପୀଠର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଉମାକାନ୍ତ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମଞ୍ଚାସୀନ ରହିଥିଲେ । ଏହି ଅବସରରେ କ୍ରୀଡା ଶିକ୍ଷକ ପ୍ରଦୀପ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ ଉପହାର ପ୍ରଦାନ ପୂର୍ବକ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଗତ ୧୯୯୬ ଏପ୍ରିଲ ପହିଲାରୁ ଉକ୍ତ ଶିକ୍ଷାନୁଷ୍ଠାନରେ କ୍ରୀଡା ଶିକ୍ଷକ ଭାବେ ନିଯୁକ୍ତି ଏବଂ ୨୦୨୫ ଜୁନ୍ ଶେଷ ଦିବସରେ ଅବସର ଗ୍ରହଣ କରିବା କାଳ ମଧ୍ୟରେ ନିଜର କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା ଏବଂ ଛାତ୍ରବତ୍ସଳତା ଗୁଣ ପାଇଁ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ । ଏ ଅବସରରେ ବିଦ୍ୟାପୀଠର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ମଧ୍ୟ ସ୍ୱ ସ୍ୱ ବକ୍ତବ୍ୟରେ ବିଦାୟୀ କ୍ରୀଡା ଶିକ୍ଷକଙ୍କୁ ଭୂୟସୀ ପ୍ରଶଂସା କରିଥିବା ବେଳେ କ୍ରୀଡା ଶିକ୍ଷକ ସ୍ୱବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ ।

## ଜଗଦଳପୁରରେ ବେଆଇନ୍ ମଦ ବିକ୍ରି ଅଭିଯୋଗ

**କୁକୁଡାଖଣ୍ଡି,୫।୭/ଏନ୍ଏନ୍ଏସ୍:** ବ୍ରହ୍ମପୁର ଉପକଣ୍ଠ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଜଗଦଳପୁର ଗ୍ରାମ ମେଡିକାଲ ନିକଟରେ ବେଆଇନ୍ ଦେଶୀ ମଦ ବିକ୍ରି ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି । ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ରହୁଥିବା ଅସାମାଜିକଙ୍କ ଦୌରାତ୍ମ୍ୟ ବଢି ଚାଲିଛି । ଅଞ୍ଚଳରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବାରୁ ଆତଙ୍କିତ ଅବସ୍ଥାରେ ଜନସାଧାରଣ ରହୁଥିବା ଚର୍ଚ୍ଚା ହେଉଛି । ଅସାମାଜିକ ବ୍ୟକ୍ତିମାନେ ପୁଲିସ ଏବଂ ଅବକାରୀ ବିଭାଗକୁ ଖୋଲା ଚାଲେଞ୍ଜ ଦେଇ ଦିନରେ ମଦ କାରବାର ଜାରିରଖିଛନ୍ତି । ସରକାରୀ ମେଡିକାଲ ନିକଟରେ ହିଁ ମଦ ବିକ୍ରି ହେଉଥିବା ବେଳେ ପୁଲିସ୍ ଓ ଅବକାରୀ ବିଭାଗର ନଜର ପଡୁନଥିବାରୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏଠାରେ ମଦ ପିଇ ବହୁ ଲୋକଙ୍କ ସ୍ୱାସ୍ଥ୍ୟହାନି ଘଟୁଥିବା ଜଣାପଡ଼ିଛି । ଏଠାକୁ ମଦ କେଉଁଠୁ ଆସୁଛି, କିଏ ଏହି ମଦକାରବାରରେ ମଞ୍ଚର ମାଲିକ ସେ ନେଇ ତଦନ୍ତ କରି କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି । ଏଠାରେ ଦୁଇ ଦିନ ପୂର୍ବେ ଅସାମାଜିକଙ୍କ ଧାଡ଼ିଆ ଅଡ୍ଡାରେ ଆକ୍ରମଣ ଘଟଣାରେ ୩ ଜଣଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ଏବେ ନିମଖଣ୍ଡି ଥାନାରେ ମାମଲା ମଧ୍ୟ ହୋଇଛି । ଏପରି ଅଞ୍ଚଳରେ ନିର୍ଦ୍ଦିଷ୍ଟ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ପାଉଥିବା ବେଳେ ମେଡିକାଲ୍ ଯିବାକୁ ମହିଳା ଓ ଶିଶୁ ମାନେ ନିରାପଦ ମଣୁନଥିବା ଜଣାପଡିଛି । ଅବକାରୀ ବିଭାଗ ଏବଂ ନିମଖଣ୍ଡି ଥାନା ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି ।

## ଏପିପିଙ୍କ ପଦୋନ୍ନତି ପରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଛତ୍ରପୁର,୫।୭/ଏନ୍ଏନ୍ଏସ୍:** ଗଞ୍ଜାମ ଜିଲ୍ଲାରେ କ୍ୟାଡ଼ର ଏପିପି ଭାବେ ଛତ୍ରପୁର ଏସଡ଼ିଜେଏମ କୋର୍ଟରେ କାର୍ଯ୍ୟରତ ଥିବା ରାଜେଶ କୁମାର ମିଶ୍ରଙ୍କ ଇତି ମଧ୍ୟରେ ପଦୋନ୍ନତି ହୋଇଛି । ଶ୍ରୀ ମିଶ୍ର ଗଜପତି ଜିଲ୍ଲାରେ ଭାରପ୍ରାପ୍ତ ପବ୍ଲିକ ପ୍ରସେକ୍ୟୁଟର ଭାବେ କାର୍ଯ୍ୟ ଆରମ୍ଭ କରିବେ । ଏହି ପରିପ୍ରେକ୍ଷୀରେ ଛତ୍ରପୁର କୋର୍ଟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ସରକାରୀ ଓକିଲ ରମେଶ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସରକାରୀ ଓକିଲ ସୁରେଶ ପଣ୍ଡା ଶ୍ରୀ ମିଶ୍ରଙ୍କ କାର୍ଯ୍ୟକାଳର ବିଷୟ ବିବରଣୀ ରଖିଥିଲେ । ଶ୍ରୀ ମିଶ୍ରଙ୍କ ପ୍ରସିକ୍ୟୁସନ ସର୍ଭିସରେ ବିଶେଷ ଅବଦାନ ତଥା ସମାଜସେବା ଉପରେ ତଥ୍ୟ ରଖିଥିଲେ । ଏହି ସଭାରେ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ସୀମାଞ୍ଚଳ ମହାପାତ୍ର ଓ ଏପିପି ଏଲ୍. ଗୋପାଳ ରାଓ, ଛତ୍ରପୁରର ସମସ୍ତ ନନକ୍ୟାଡ଼ର ଏପିପି ଯୋଗ ଦେଇ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉତ୍ତରୋତ୍ତର କାମନା କରି ସଭା ସମାପ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓକିଲ ରେବତୀ ପଟ୍ଟନାୟକ, କୃଷ୍ଣଚନ୍ଦ୍ର ବେହେରା, ଉମାକାନ୍ତ ତ୍ରିପାଠୀ, ପ୍ରଦୀପ ପୁରୋହିତ, ଅପସାର ଜାନ ପ୍ରମୁଖ ଉପସ୍ଥିତ ଥିଲେ । ସେହିଭଳି କୋର୍ଟ ପରିସରରେ ପ୍ରୋବେସନର ଡ଼ିଏସ୍‌ପି ଦିବ୍ୟ ରଞ୍ଜନ ନାୟକ ଅଧ୍ୟକ୍ଷତାରେ ତଥା କୋର୍ଟ ସିଏସ୍ଆଇ ସଂଜୟ ଭୁଜବଳ ଓ ଅନ୍ୟ ପୁଲିସ କର୍ମଚାରୀଙ୍କ ଉପସ୍ଥିତିରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା । ସେଥିରେ ଲେଖାଳି କୈଳାସ ସେଠୀ ଶ୍ରୀ ମିଶ୍ରଙ୍କ ପୁଲିସ ବିଭାଗ ପ୍ରତି ଥିବା ବିଶେଷ ଅବଦାନକୁ ସମ୍ମାନ ସ୍ମୃତିରେ ଉପଢୌକନ କରିଥିଲେ । ପରେ ଡିଏସ୍‌ପି ଶ୍ରୀ ନାଥ ଶ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିବା ସହ ସଭା ସମାପ୍ତ କରିଥିଲେ ।

## ସମବାୟ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ

**ଫୁଲବାଣୀ,୫।୭/ଏନ୍ଏନ୍ଏସ୍:** ଓଡିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ୨୦୨୫ ମସିହା ଶେଷ ପର୍ଯ୍ୟନ୍ତ ଚଳିତ ବର୍ଷ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ହେଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସମବାୟ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମବାୟ ବର୍ଷ ପାଳିତ ହୋଇଛି । ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପନିବନ୍ଧକ ସରୋଜ କୁମାର ଦାସ ପୌରୋହିତ୍ୟ କରିଥିଲେ । ସମବାୟ ମାଧ୍ୟମରେ କୃଷି କୃଷକ, ଜୈବ ଚାଷ,ବୀମା, ରାସାୟନିକ ସାର ଔଷଧର କୁପରିଣାମ ବିଷୟରେ ଆଲୋଚନା ହୋଇଥିଲା । ଜିଲ୍ଲା ସମବାୟ ସଂଘର ସଭାନେତ୍ରୀ ସୁପ୍ରଭା ନାୟକ, କୃଷି ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ଶତପଥୀ, ନାବାର୍ଡ ଜିଲ୍ଲା ମ୍ୟାନେଜର ସଞ୍ଜୀବ ମହାନ୍ତି, ସହକାରୀ ଉପନିବନ୍ଧକ ଲଳିତ ମାଝି ଓ ଜିତେନ୍ଦ୍ର ମିଶ୍ର, ଜିଲ୍ଲା ସମବାୟ ସଂଘର ସଭାନେତ୍ରୀ ସୁପ୍ରଭା ନାୟକ ପ୍ରମୁଖ ଯୋଗ ଦେଇ ବିଭାଗୀୟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ । କାର୍ଯ୍ୟକ୍ରମକୁ ସହକାରୀ ପ୍ରବନ୍ଧକ ସୁକାନ୍ତ କୁମାର ପାଢୀ ସଂଯୋଜନା କରିଥିବା ବେଳେ ଏସଆରସି ଗଙ୍ଗାଧର କହଁର, ଜ୍ୟୋତିର୍ମୟୀ ପ୍ରଧାନ,ସତ୍ୟଜିତ ବେହେରା ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

### ଆସିକାରେ ଡିଜିଟାଲ୍ ଶିକ୍ଷା ବାଟବଣା !

# ବିଦ୍ୟାଳୟରେ ଅବ୍ୟବହୃତ ହୋଇପଡ଼ିଛି ଟାବ୍‌ଲେଟ୍

**ଆସିକା,୫।୭/ଏନ୍ଏନ୍ଏସ୍:** ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବିଗତ କିଛି ମାସ ତଳେ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ୧୩ଟି କ୍ଲଷ୍ଟର ଅନ୍ତର୍ଗତ ଶତାଧୀକ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଦାନ କରାଯାଇଥିବା ଟାବ୍‌ଲେଟ୍ ସଂପ୍ରତି ଅବ୍ୟବହୃତ ହୋଇ ପଡିରହିଛି । ଟାବ୍‌ଲେଟ୍ କ୍ରୟ କରିବା ପାଇଁ ବିନିଯୋଗ ହୋଇଥିବା ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଥିବା ନେଇ ଅଭିଯୋଗ ହେଉଛି । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ପ୍ରାଥମିକ ବିଦ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ ବିଦ୍ୟାଳୟକୁ ଗତ କିଛି ମାସ ତଳେ ପ୍ରାୟ



ଶହେରୁ ଉର୍ଦ୍ଧ୍ୱ ମୂଲ୍ୟବାନ ତଥା ନାମିଦାମୀ କମ୍ପାନୀର ଟାବ୍‌ଲେଟ୍ ପ୍ରଦାନ କରାଯାଇଥିଲା । ଡିଜିଟାଲ୍ ଶିକ୍ଷାର ବିକାଶ ପାଇଁ ସରକାରୀ ଶିକ୍ଷାନୁଷ୍ଠାନ ଗୁଡିକୁ ପ୍ରଦାନ କରିଥିବା ଟାବ୍‌ଲେଟ୍ ଗୁଡିକ ବହୁ ବିଦ୍ୟାଳୟରେ ଅବ୍ୟବହୃତ ହୋଇ ପଡି ରହିଛି । ପ୍ରଥମତଃ ଏଥିରେ ଆବଶ୍ୟକ ସଫ୍ଟୱେର୍ କିମ୍ବା ଆପ୍ ଲୋଡ୍ ହୋଇନାହିଁ । ଏଥିରେ କମ୍ପାନୀର ସିମ୍ କାର୍ଡ ପଡିବା ପରେ ଏହା କାର୍ଯ୍ୟକାରୀ ହେବ ବୋଲି ଆଲୋଚିତ ହେଉଛି । ଏ ସଂପର୍କରେ କାହାରି ନିକଟରେ କୌଣସି ସୂଚନା ମଧ୍ୟ ମିଳୁପାରୁ ନାହିଁ । ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନସ୍ଥ ଅଧିକାଂଶ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଟାବ୍‌ଲେଟ୍ ଚଳାଇବା ସଂକ୍ରାନ୍ତରେ ତାଲିମ୍ ମଧ୍ୟ ଦିଆଯାଇନଥିବା ଯୋଗୁଁ ଏହାର ପରିଚାଳନା କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଟାବ୍‌ଲେଟର ବ୍ୟବହାର ପାଇଁ ଇଣ୍ଟରନେଟ୍‌ର ଆବଶ୍ୟକ ରହୁଥିବା ବେଳେ ଅନେକ ବିଦ୍ୟାଳୟରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇନାହିଁ । ଏଥିରେ ନିଜସ୍ୱ କୌଣସି ଆପ୍ ଅପଡେଟ୍ ନକରିବାକୁ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ପରାମର୍ଶ ଦିଆଯାଇଥିବା ଶୁଣିବାକୁ ମିଳୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଧିକାଂଶ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଦିଆଯାଇଥିବା ଟାବ୍‌ଲେଟ୍‌କୁ ଅପରେଟ୍ କରିବା ଜଣାନାହିଁ । ରାଜ୍ୟ ସରକାର ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବିକାଶ ପାଇଁ ଦିଆଯାଇଥିବା ଟାବ୍‌ଲେଟ୍ ଗୁଡିକ କାର୍ଯ୍ୟକାରୀ କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ ଦାବି ହେଉଛି ।

## ଡିଣ୍ଡିରା ପଞ୍ଚାୟତରେ ସାମାଜିକ ସମୀକ୍ଷା ଓ ସ୍ୱତନ୍ତ୍ର ଗ୍ରାମସଭା

**ଫୁଲବାଣୀ,୫।୭/ଏନ୍ଏନ୍ଏସ୍:** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡିଣ୍ଡିରାଗାଁ ଗ୍ରାମ ପଞ୍ଚାୟତରେ ସାମାଜିକ ସମୀକ୍ଷା ଓ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଛି । ଏହି ଅବସରରେ ଡିଣ୍ଡିରା ଗାଁ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଏକ ସାମାଜିକ ସମୀକ୍ଷା ଓ ମନରେଗା ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଉପରେ ସଚେତନତା ବାର୍ତ୍ତା ପ୍ରଦାନ ସହ ଏକ ପଦଯାତ୍ରା ଗାମ୍ଭେରି ଗୁଡା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଛି ଏବଂ ପଦଯାତ୍ରା ପରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଏକ ସ୍ୱତନ୍ତ୍ର ଗ୍ରାମ ସଭା ଅନୁଷ୍ଠିତ ହୋଇଛି । ଡିଣ୍ଡିରା ଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ରଞ୍ଜିତା କହଁର ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଗ୍ରାମ ସଭା ଏବଂ ସାମାଜିକ ସମୀକ୍ଷା ବୈଠକ ରେ ଜିଲ୍ଲା ସାମାଜିକ ସମୀକ୍ଷକ ଦୁଃଶାସନ ସିଂ



ଯୋଗ ଦେଇଥିବା ବେଳେ ଏପିଓ ସୁମନ୍ତ ଉଠାଣ ସିଂ, ବ୍ଲକ ସାମାଜିକ ସମୀକ୍ଷକ ସଂଜୟ କୁମାର ଦିଗାଲ, ବିଏଫଟି ଅଶୋକ ଦେହୁରୀ, ଭିଆରପି ମଣି ମଞ୍ଜୁଳା କର୍ଣ୍ଣ, ବିଷ୍ଣୁ ପ୍ରିୟା କହଁର, କୁନି ଦିଗାଲ ଯୋଗ ଦେଇଥିଲେ । ଏହି ସ୍ୱତନ୍ତ୍ର ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମନରେଗା ଓ ଜାତୀୟ ଖାଦ୍ୟ ସୁରକ୍ଷା ରେ ଗତ ୬ ମାସର ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତର ସମସ୍ତ ଗାଁ ସାଥି, ସି ଆରପି, ଏମବିକେଙ୍କ ସହ ପଞ୍ଚାୟତର ଶତାଧିକ ଜନସାଧାରଣ ଯୋଗ ଦେଇଥିଲେ ।

## ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବନମହୋତ୍ସବ

**ବ୍ରହ୍ମପୁର,୫।୭/ଏନ୍ଏନ୍ଏସ୍:** କୁକୁଡାଖଣ୍ଡି ପଞ୍ଚାୟତ ସମିତି ଲାଞ୍ଜିଆ ସରକାରୀ ଉଚ୍ଚ




ପ୍ରାଥମିକ ବିଦ୍ୟାଳୟ ଠାରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ବନମହୋତ୍ସବ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ନମିତା କୁମାରୀ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ସାଗର କୁମାର ପାତ୍ର ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ 'ମା ପାଇଁ ଗଛ ଟିଏ' ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନତା କରିଥିଲେ । ଜୀବ ଜଗତ ବଞ୍ଚି ରହିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅମ୍ଳଜାନ ଗ୍ୟାସ ବୃକ୍ଷ ହିଁ ଦେଇଥାଏ । ଗଛକୁ ଆବଶ୍ୟକ ପଡୁଥିବା ୧୭ ପ୍ରକାର ଖାଦ୍ୟ ମଧ୍ୟରୁ ୩ ପ୍ରକାର ଖାଦ୍ୟ ଗଛ ନିଜେ ବାୟୁମଣ୍ଡଳରୁ ସଂଗ୍ରହ କରୁଥିବା ବେଳେ ୧୪ ପ୍ରକାର ଖାଦ୍ୟ ମାଟିରୁ ସଂଗ୍ରହ କରିଥାଏ । ଏହି ୧୪ ପ୍ରକାର ଖାଦ୍ୟକୁ ନିଜେ ଖାଇ ପ୍ରାଣୀ ଜଗତକୁ ଶାଗ, ଫୁଲ, ଫଳ ଓ କନ୍ଦା ଆକାରରେ ପ୍ରଦାନ କରିଥାଏ । ତେଣୁ ଗଛ ଲଗାନ୍ତୁ ଓ ଜୀବନ ବଚାନ୍ତୁ ବୋଲି ପ୍ରକୃତି ବନ୍ଧୁ ବନମାଳି ପ୍ରଧାନ କହିଥିଲେ । ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବୃକ୍ଷରୋପଣ ସହ ତାର ଯତ୍ନ ନିମନ୍ତେ ଅଧିକ ଆଗ୍ରହ ପାଇଁ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇଥିଲା । କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମ ଶେଷରେ ଇକୋ କ୍ଲବ ଶିକ୍ଷୟିତ୍ରୀ ରଶ୍ମିତା ମହାଙ୍କୁଡ ସହାୟତାରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସଭାପତି ଦାମୋଦର ପୂଜାରୀ, ଶିକ୍ଷୟିତ୍ରୀ ନମିତା ପଟ୍ଟନାୟକ, ରଞ୍ଜୁଲତା ପଟ୍ଟନାୟକ, ସରସ୍ୱତୀ ସାବତ, ରଞ୍ଜିତା ପ୍ରଧାନ, ରୁଚିଶ୍ରୀ ଦେବୀ, ଝୁନୁ ଗୌଡ଼, ସମ୍ପାଦକ ବିଜେନ୍ଦ୍ର ମାଝୀ, ଅର୍ଜୁନ ଗୌଡ଼, ସଞ୍ଜୟ ପାତ୍ର, ପୁରୁଷୋତ୍ତମ ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

## ଶ୍ରୀଜଗନ୍ନାଥ ଭଜନ ସମାରୋହ ଉଦ୍‌ଯାପିତ

**ବୁଗୁଡା,୫।୭/ଏନ୍ଏନ୍ଏସ୍:** ସ୍ଥାନୀୟ ବଡଦାଣ୍ଡସ୍ଥିତ ମାଉସୀ ମା' ମନ୍ଦିର ସମ୍ମୁଖରେ ଗତ ଗୁଣ୍ଡିଚା ଯାତ୍ରା ଦିନଠାରୁ ଆୟୋଜିତ ହୋଇଆସୁଥିବା ଶ୍ରୀଜଗନ୍ନାଥ ଭଜନ ସମାରୋହ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷ ଚିତ୍ରସେନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ୟାମାପ୍ରସାଦ ହୋତା, ଶିକ୍ଷାବିତ୍ ରଘୁନାଥ ସାହୁ ପ୍ରମୁଖ ଯୋଗଦେଇ କଣ୍ଠଶିଳ୍ପୀ ଓ ସଙ୍ଗୀତକାରଙ୍କୁ ଉପଢୌକନ ଓ ପ୍ରମାଣପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅଷ୍ଟଦିବସୀୟ କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ କଣ୍ଠଶିଳ୍ପୀ ବିଭୁତି ଭୂଷଣ ମିଶ୍ର, ଯୋଗୀ ନାୟକ, ମାନସ ରଞ୍ଜନ ହୋତା, ସୁଜାତା ନାୟକଙ୍କ ସମେତ ଅନେକ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିଲେ । ପ୍ରକାଶ ରାଓ, ସୁରେନ୍ଦ୍ର ନାୟକ, ଦୀପକ ନାୟକ, ସୁରଜ ନାୟକ, ପ୍ରମୋଦ ନାୟକ, ମୁନା ନାୟକ, ଗଜ ନାୟକ ପ୍ରମୁଖ ବାଦ୍ୟଯନ୍ତ୍ର ପରିଚାଳନା କରୁଥିଲେ । ଦୈନିକ ସନ୍ଧ୍ୟାରେ ବହୁସଂଖ୍ୟକ ଶ୍ରୋତାଙ୍କ ସମାବେଶ ଘଟୁଥିଲା ।

## ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଫୁଲବାଣୀ,୫।୭/ଏନ୍ଏନ୍ଏସ୍:** ଫୁଲବାଣୀ ସହରର ସର୍ବପୁରାତନ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଇତିଶ୍ରୀ ପଟ୍ଟନାୟକ ଅବସର ଗ୍ରହଣ କରିଥିବା ବେଳେ ତାଙ୍କୁ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପାୟଲ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟ ପକ୍ଷରୁ ବହୁ ଉପହାର ସହିତ ଏକ ମାନପତ୍ର ପ୍ରଦାନ କରାଯାଇଛି । ଦୀର୍ଘବର୍ଷ ଧରି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ସମୟରେ ଶିକ୍ଷକ ଓ ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀଙ୍କ ସହିତ ତାଙ୍କର ସୁସଂପର୍କକୁ ନେଇ ଉପସ୍ଥିତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ମତ ପ୍ରକାଶ କରିଥିଲେ । ଏହି ଅବସରରେ ଏକ ଭାବବିହ୍ୱଳ ପରିବେଶ ସୃଷ୍ଟି ହୋଇଥିଲା ।

## ବିଧାୟକଙ୍କ ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ



**ଫୁଲବାଣୀ,୫।୭/ଏନ୍ଏନ୍ଏସ୍:** ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକଙ୍କ ଛାତ୍ରଛାତ୍ରୀ ଶିକ୍ଷାର ଉନ୍ନତି ନିମନ୍ତେ ବାଳିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ଫୁଲବାଣୀ ବ୍ଲକ ଅନ୍ତର୍ଗତ ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକନା ଗାଁ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ସହ ଆଲୋଚନା କରି ଶିକ୍ଷକ ମାନଙ୍କର ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ଅନୁଧ୍ୟାନ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠ ପଢି ବିଦ୍ୟାଳୟର ନାଁ ରଖିବା ସହିତ ଭବିଷ୍ୟତରେ ବଡ ମଣିଷ ହେବା ପାଇଁ ପ୍ରେରଣା ଦେଇଥିଲେ ।

## ଜଗଦଳପୁର ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର

**ଆସିକା,୫।୭/ଏନ୍ଏନ୍ଏସ୍:** ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଆସନ୍ତା ୭ ତାରିଖ ଦିନ ଛତ୍ରପୁରରେ ଅନୁଷ୍ଠିତ ହେବାକୁ ଥିବା



ଜିଲ୍ଲାସ୍ତରୀୟ ଉତ୍ସବରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ଆସିକା ବ୍ଲକ ଅନ୍ତର୍ଗତ ଜଗଦଳପୁର ହାଇସ୍କୁଲ ଗୁଣ୍ଡପଡାର ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ର ସମ୍ମାନିତ ହେବାର କାର୍ଯ୍ୟକ୍ରମ ରହିଛି । ବନବିଭାଗ ପକ୍ଷରୁ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଉତ୍ସବରେ ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ର ସମ୍ବର୍ଦ୍ଧିତ ହେବା ଜଣାପଡିବା ପରେ ବିଭିନ୍ନ ମହଲରୁ ତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟୁଛି । ୨୦୨୪-୨୫ ମସିହା ପାଇଁ ଜଗଦଳପୁର ହାଇସ୍କୁଲ ଗୁଣ୍ଡପଡାର ପ୍ରଧାନଶିକ୍ଷକ ନାରାୟଣ ମହାପାତ୍ର ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ ହେବାକୁ ଥିବା ବେଳେ ତାଙ୍କୁ ଆସିକା ଗୋଷ୍ଠୀ ଶିକ୍ଷାଧିକାରୀ ମୁନ୍‌ରାଣୀ ମହାନ୍ତି, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବିଭୁନନ୍ଦନ ପଣ୍ଡା ଓ ଭଂଜ ବେହେରା, ପ୍ରଧାନଶିକ୍ଷକ ତାରାପ୍ରସାଦ ମିଶ୍ର, ଅବନିକାନ୍ତ ତ୍ରିପାଠୀ, ଉଗ୍ରସେନ ପାତ୍ର, ଲବ ସେଠୀ, ସସ୍ମିତା ନାହାକ, ମିନତୀ କୁମାରୀ ପାତ୍ର, ଶିକ୍ଷକ ସୁଶିଲ୍ ମୋହନ ପାତ୍ର, ଜି.ଆନନ୍ଦ ପାତ୍ର, ସୁନିତା ପରିଚ୍ଛା, ଇଶ୍ୱରୀ ମହାପାତ୍ର, ସନ୍ଧ୍ୟାରାଣୀ ବେହେରା, ମନ୍ଦାକିନୀ ପ୍ରଧାନ, କିରାଣୀ ଆଶାଲତା ପ୍ରଧାନଙ୍କ ସମେତ ବହୁ ସଚେତନ ନାଗରିକ ଅଭିନନ୍ଦନ ଜଣାଇଛନ୍ତି । ପରିବେଶର ସୁରକ୍ଷା ଓ ସବୁଜବଳୟ ସୃଷ୍ଟି ପାଇଁ ଚାରାରୋପଣ କରିବା ସହ ଛାତ୍ରଛାତ୍ରୀ, ଯୁବପିଢୀ, ପରିବେଶବିତ୍, ସଚେତନ ନାଗରିକଙ୍କୁ ବିଭିନ୍ନ ସମୟରେ ସଚେତନତାର ବାର୍ତ୍ତା ପ୍ରଦାନ କରି ଆସୁଥିବା ପ୍ରଧାନଶିକ୍ଷକ ଶ୍ରୀ ମହାପାତ୍ରଙ୍କ ଅନୁପ୍ରେରଣା ଓ ଦାୟିତ୍ୱବୋଧ ଚିନ୍ତାଧାରା ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି ।

## ବିଜେଡି ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବ୍ରହ୍ମପୁର,୫।୭/ଏନ୍ଏନ୍ଏସ୍:** ବ୍ରହ୍ମପୁର ବିଜୁ ଜନତା ଦଳ ତରଫରୁ ବନ ମହୋତ୍ସବ ଅବସରରେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାଷ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଆଙ୍କୁଲି ସ୍ଥିତ ଶ୍ରୀହରି ନଗର ସାହିରେ ଶ୍ରୀ ମହିଳା ସଂଘ ଶ୍ରୀ ହରି ନଗରଙ୍କ ସହଯୋଗରେ ବିଭିନ୍ନ କିସମର ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅଞ୍ଚଳରେ ପ୍ରାୟ ୨୦୦ଟି ବୃକ୍ଷ ରୋପଣ କରାଯିବ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ଡକ୍ଟର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ର ଶେଖର ସାହୁ, ପୂର୍ବତନ ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ ବୃକ୍ଷ ରୋପଣ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, କର୍ପୋରେଟର ମଳୟ ବିଷୋୟୀ, ପୂର୍ବତନ କର୍ପୋରେଟର ଶାନ୍ତି ଦାସ, ଭିଷ୍ମାଚାର୍ଯ୍ୟ ଚୌଧୁରୀ, ସମିତି ସଭ୍ୟ କାହ୍ନୁଚରଣ ପାତ୍ର, ଲକ୍ଷ୍ମଣ ଚୌଧୁରୀ, ସୁନ୍ୟଚନ୍ଦ୍ର ଦାସ, ମୁକୁନ୍ଦ ଗୌଡ଼, ବିନୋଦ ଚନ୍ଦ୍ର ମିଶ୍ର, ଅନିମା ମିଶ୍ର, ମାଳତୀ ମହାରଣା, ରିନା ନାୟକ, କେ. ଏଙ୍କାଟି ରେଡ୍ଡୀ, ପ୍ରଭାକର ମହାନ୍ତି, କିଶୋର ଦଳେଇ, ଜୁଲି ସାହୁ, ସ୍ମିତା ରାଣୀ ଗୌଡ଼, ଗାୟତ୍ରୀ ଜେନା, ସିମାଞ୍ଚଳ ଭଞ୍ଜ, ନିରଞ୍ଜନ ସ୍ୱାଇଁ, ସାହେବ ମହାରଣା, ଜନାର୍ଦ୍ଦନ ପାତ୍ର, ଡି ପ୍ରମୋଦ ପାତ୍ର, ପ୍ରସାଦ ପାତ୍ର, ମହେଶ୍ୱର ଦାସ, ପ୍ରଦୀପ ବେହେରା, ଶରତ କୁମାର ଜେନାଙ୍କ ସମେତ ବିଜୁ ପରିବାରର ବହୁ ସଦସ୍ୟ ସଦସ୍ୟା ଓ ଅଞ୍ଚଳବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆଙ୍କୁଲିରେ ଡେଙ୍ଗୁ ସଚେତନତା, ବସ୍ତି ସଫେଇ

**ବ୍ରହ୍ମପୁର,୫।୭/ଏନ୍ଏନ୍ଏସ୍:** ଆମ୍ବପୁଆ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନସ୍ଥ ସହରର ୱାର୍ଡ ନମ୍ବର ୪୦ ଆଙ୍କୁଲି ଅଞ୍ଚଳରେ ଡେଙ୍ଗୁ ନିରାକରଣ ସଚେତନତା ଓ ବସ୍ତି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହିଳା ସ୍ୱାସ୍ଥ୍ୟକର୍ମୀ ଅମ୍ବିକା ପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ପୋରେଟରଙ୍କ ପ୍ରତିନିଧି ସୁବାସିନୀ ମହାରଣା, ଆମ୍ବପୁଆ ୟୁପିଏଚ୍‌ସିର ଜନ ସ୍ୱାସ୍ଥ୍ୟ ଅଧିକାରୀ ଜିହୋବାନିସୀ ଲିମା, ଅଙ୍ଗନୱାଡି କର୍ମୀ ଲୀଳା ନାୟକ, ସସ୍ମିତା ନାୟକ, ଉମା ମହାରଣା, ଏସ. ଲିଜା ରେଡ୍ଡୀ, ଆଶା କର୍ମୀ ମିଲିଦେବୀ ନାୟକ, ସନ୍ଧ୍ୟାରାଣୀ ମହାନ୍ତି, ଗେଲ୍ଲୀ ଦେବୀ, ମିନାକ୍ଷୀ ବେହେରା, ସ୍କୁଲ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ





ମାଡାମ, ସ୍ୱଚ୍ଛସାଥୀ ସୁପରଭାଇଜର ମିତା କୁମାରୀ ନାୟକ, ସ୍ୱଚ୍ଛସାଥୀ ଅନିତା ମିଶ୍ର, ତନୟା ପଟ୍ଟନାୟକ, ରଶ୍ମିତା ଦାସ, ଜମାଦାର ରଘୁନାଥ ମାହାଙ୍କୁଡ, ଆଲୋକ, ଅଙ୍ଗନବାଡି ସହାୟିକା ସାଗରିକାଙ୍କ ସମେତ ମହିଳା ଆରୋଗ୍ୟ ସମିତିର ସମସ୍ତ ସଦସ୍ୟ ସାମିଲ ହୋଇଥିଲେ । ଏହି ପରିପ୍ରେକ୍ଷୀରେ ସଚେତନତା ପଦଯାତ୍ରା ବାହାରିଥିଲା । କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେବା ସହ ପ୍ଲା କାର୍ଡ ଓ ବ୍ୟାନର ଧରି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା । ମ୍ୟାଲେରିଆ, ଡେଙ୍ଗୁ ଓ ଡ଼ାଇରିଆ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରିଥିଲେ । ନିଜ ଚତୁଃପାର୍ଶ୍ୱକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ଯେକୌଣସି ଜାଗାରେ ବି ବେଶିଦିନ ଧରି ପାଣି ଜମିବାକୁ ଦେବା ନାହିଁ, ପାଣିକୁ ଫୁଟାଇ ପିଇବା, ମ୍ୟାଲେରିଆର ଲକ୍ଷଣ ଦେଖାଗଲେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ସେବନ କରିବା ଆଦି ବିଭିନ୍ନ ବିଷୟ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା ।

ନିତି ଭାରତୀ

ତୁମର କର୍ମ ତୁମର ପ୍ରାଥମିକତାଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରିଥାଏ।
- ମହାତ୍ମା ଗାନ୍ଧୀ

# ସ୍ୱାବଲମ୍ବୀ ଗାଁ

ଆମ କୃଷି ସଂସ୍କୃତିର ସ୍ୱର୍ଣ୍ଣିମ ଇତିହାସ କୁହେ, ଓଡ଼ିଶାର ଚାଷୀ ଥିଲା ଅତ୍ୟନ୍ତ କର୍ମଠ ଓ କୁଶଳୀ। ପାଣିପାଗର ନିର୍ଭୁଲ ଆକଳନ ପୂର୍ବକ ଅଳ୍ପ ଖର୍ଚ୍ଚରେ ଅଧିକ ଅମଳ କରିବା ଜ୍ଞାନକୌଶଳ ଥିଲା ତା'ର ଅନୁଭୂତିସିଦ୍ଧ। ତେଣୁ ଏକଦା ଏଠି ଚାଷ ଥିଲା ଏକ ଲାଭଦାୟକ ଓ ମର୍ଯ୍ୟାଦାଜନକ ବୃତ୍ତି। ଚାଷୀ ପରିବାରର ସ୍ୱଚ୍ଛଳତାକୁ ଲକ୍ଷ୍ୟ କରି କୁହାଯାଇଥିଲା- 'ଚାଷ ଅଛି ଯାହାର କି ଆନନ୍ଦ ତାହାର...।' ଓଡ଼ିଶାରେ ଚାଷ କହିଲେ ଆଖି ଆଗରେ ଆଗେ ନାଚିଯାଏ ବିସ୍ତୃତ ଧାନକ୍ଷେତ। ଦେଶର ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଇବାରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲା ଓଡ଼ିଶା। ଚାଷର ପ୍ରଥମ ଆବଶ୍ୟକତା ହେଉଛି ଜଳ। ସେତେବେଳେ



ପ୍ରଫୁଲ୍ଲ କୁମାର ସାହୁ

ଚାଷ ପାଇଁ ବଡ଼ ପ୍ରତିବନ୍ଧକ ହୋଇ ଠିଆ ହୋଇଥିଲା ଅତିବୃଷ୍ଟି ଓ ଅନାବୃଷ୍ଟି ଆଦି ପ୍ରାକୃତିକ ବିପର୍ଯ୍ୟୟ ଆମ ରାଜ୍ୟରେ ବୃଷ୍ଟିପାତ ପରିମାଣ ୨୦ରୁ ୩୦ ପ୍ରତିଶତ କମିଗଲେ ସୃଷ୍ଟିହୁଏ ମରୁଡ଼ି ଆଶଙ୍କା। ମରୁଡ଼ିର ମୁକାବିଲା ପାଇଁ ଚାଷୀ ତା'ର ନିଜସ୍ୱ ଉଦ୍ୟମରେ ବଡ଼ ବଡ଼ କିଆରି କୋଣରେ ଗଡ଼ିଆ ଖୋଳୁଥିଲା ଏବଂ ଆବଶ୍ୟକ ସମୟରେ ଗଡ଼ିଆର ଜଳକୁ ଜମିରେ ମଡ଼ାଉ ଥିଲା ତେଣ୍ଡା, ଯନ୍ତ ଓ ସେଣା ଇତ୍ୟାଦି ସାହାଯ୍ୟରେ। ତଥାପି ପ୍ରକୃତିର ନିଷ୍ଠୁର ଆକ୍ରମଣରେ ଫସଲ ଉଜୁଡ଼ି ଯାଉଥିଲା ବାରମ୍ବାର। କେତେବେଳେ ବନ୍ୟା ତ କେତେବେଳେ ବାତ୍ୟା ଭାଙ୍ଗି ଦେଉଥିଲା ଚାଷୀର ମେରୁଦଣ୍ଡ। ତଥାପି ହିମ୍ମତ ହାରି ନଥିଲା ଚାଷୀ। ବନ୍ୟା ସବୁ ଚାଟିଚୁଟି ସଫା କରିଦେଲା ପରେ ବି ସେ କହୁଥିଲା- 'ଏ ପରା ଧର୍ମବଢ଼ି! ଏସନ ବାଲିଚର ମଡ଼େଇ ଦେଲେ ଆର ସନକୁ ଅଜାଡ଼ି ଦେବ ସୁନାର ଫସଲ।' ତା'ର ଏହି ବିଶ୍ୱାସବୋଧ ତଥା ଆପଣା ଶିଙ୍ଗରେ ମାଟି ତାଡ଼ି ଆଗକୁ ବଢ଼ିବାର ପ୍ରତିବଦ୍ଧତା ଯୋଗୁଁ ଟାଙ୍ଗରା ଭୂଇଁରେ ବି ଫଳୁଥିଲା ସୁନାର ଫସଲ।

ଉନ୍ନତ ଚାଷ ପାଇଁ ଆବଶ୍ୟକ ସୁସ୍ଥ ଓ ଜୀବନ୍ତ ବିହନ। ଉନ୍ନତ ଚାଷ କହିଲେ କେବଳ ଅଧିକ ଉତ୍ପାଦନ ନୁହେଁ, ବରଂ ଏଥି ସହିତ ଯୋଡ଼ି ହୋଇ ରହିଛି ଖାଦ୍ୟ ନିରାପତ୍ତା ବା ପୋଷଣଯୁକ୍ତ ଖାଦ୍ୟ ଦ୍ୱାରା ସୁସ୍ଥ ଜୀବନଧାରଣ। ତେଣୁ ଖାଦ୍ୟ ନିରାପତ୍ତାକୁ ଅଗ୍ରାଧିକାର ଦେଇ ଚାଷୀ ସୃଷ୍ଟି କରିଥିଲା ଦେଶୀ ବିହନର ଭଣ୍ଡାର। ତାକୁ ଜଣା ଥିଲା ବିହନ ସଂରକ୍ଷଣ ପ୍ରଣାଳୀ। ପ୍ରତ୍ୟେକ ଚାଷୀଘରେ ଛିଦ୍ର ଥିବା ଛଣ କୁଟା ନିର୍ମିତ ଓଳିଆରେ ଚମ୍ପା, ମାଛକଣ୍ଟା, ଭୁତିଆ, କେଳି କଦମ୍ବ ଆଦି ବିଭିନ୍ନ କିସମର ବିହନ ସାଇତା ହୋଇ ରହୁଥିଲା ଏବଂ କୀଟନାଶକ ବ୍ୟବସ୍ଥା ସ୍ୱରୂପ ସେଥିରେ ମିଶା ଯାଉଥିଲା ନିମପତ୍ର, ବେଗୁନିଆ ପତ୍ର, ଶୁଖିଲା ଲଙ୍କା ଓ ହଳଦୀ ଇତ୍ୟାଦି। ଆମ ଗ୍ରୀଷ୍ମ ମଣ୍ଡଳୀୟ ଉଷ୍ଣ ଓ ଆର୍ଦ୍ର ଜଳବାୟୁରେ ଧାନ ଗଜା ହେବା ପାଇଁ ମାଟି ଯେତିକି ଉତ୍ତାପ ଆବଶ୍ୟକ କରେ, ତାକୁ ଆକଳନ କରି ଅକ୍ଷୟ ତୃତୀୟାଠାରୁ ସାବିତ୍ରୀ ଅମାବାସ୍ୟା ମଧ୍ୟରେ ଏବଂ କିସମ ଆଧାରରେ ଚାଷୀ ବୁଣୁଥିଲା ଭିନ୍ନ ଭିନ୍ନ ପ୍ରକାରର ବିହନ। ତା'ର ବିହନ ଭଣ୍ଡାରରେ ଅନେକ ପ୍ରକାରର ବିହନ ମହଜୁଦ ରହୁଥିଲା, ଯା'ର ନଅ ଶହ ପ୍ରକାରର ନମୁନା ଏବେ ସଂଗୃହୀତ ହୋଇ ରହିଛି ରାଜ୍ୟ ବିହନ ଗବେଷଣା କେନ୍ଦ୍ରରେ। ଏସବୁ ବିହନ ଥିଲା ରୋଗ ପୋକ ସହନଶୀଳ ଏବଂ ଅସୀମ ତା'ର ଜଳବାୟୁ ମୁକାବିଲା ଶକ୍ତି। ଆମ କୃଷି ସଂସ୍କୃତିର ପ୍ରତୀକ ହେଉଛି ଲଙ୍ଗଳ। ଚାଷୀ ସେତେବେଳେ ଲଙ୍ଗଳ ସାହାଯ୍ୟରେ ଜମି କର୍ଷଣ କରୁଥିଲା ଏବଂ ମାଟିର କିସମ ଓ ଆର୍ଦ୍ରତା ଆଦିକୁ ଦୃଷ୍ଟିରେ ରଖି ବ୍ୟବହାର କରୁଥିଲା ଆଙ୍ଗୁଳିଆ, ଅଧଆଙ୍ଗୁଳିଆ ଓ କଢ଼ାଣିଆ ଆଦି ବିଭିନ୍ନ ପ୍ରକାର ଲଙ୍ଗଳ। ତେଣୁ ଗୋପାଳନ ଥିଲା କୃଷି ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ। ଗାଁରେ ପ୍ରାୟ ସମସ୍ତେ ଗୋପାଳନ କରୁଥିଲେ, ଯାହା ଥିଲା ପରିବେଶ ସୁରକ୍ଷା ଓ କୃଷି ସମୃଦ୍ଧିର ଆଧାର। ଗୋବର ଓ ଗୋମୂତ୍ର ଯେମିତି କୀଟାଣୁ ନାଶକ ଓ ଜଳବାୟୁ ବିଶୋଧକ, ଗୋ-ରବ ସେମିତି ଶାନ୍ତି ଓ ଆନନ୍ଦଦାୟକ। ଗୋ-ଘୃତ ବାୟୁମଣ୍ଡଳକୁ ବିଶୁଦ୍ଧ କରିବା ସହିତ ମେଘ ଦେହରେ ସଞ୍ଚାର କରେ ଜଳ। କୃଷି କ୍ଷେତ୍ରରେ ହଳ କରିବା, ଶଗଡ଼ ଟାଣିବା, ବେଙ୍ଗଳା ପକାଇବା ଆଦି ଯାବତୀୟ କାର୍ଯ୍ୟ କରୁଥିଲା ବଳଦ। ସେଥିପାଇଁ କୃଷକ ଓ ବଳଦ ମଧ୍ୟରେ ଗଢ଼ି ଉଠିଥିଲା ଏକ ଆବେଗିକ ସମ୍ପର୍କ। ଷାଠିଏ ଦଶକ ପର୍ଯ୍ୟନ୍ତ ଗୋବର ଖତ ଓ ଗୋମୂତ୍ର ବ୍ୟତୀତ ଚାଷୀ ଜାଣି ନଥିଲା ରାସାୟନିକ ସାର ଓ ପୋକମରା ଔଷଧର ବ୍ୟବହାର। ସେତେବେଳେ ଧାନ ବିଲରେ ଭର୍ତ୍ତି ହୋଇ ଯାଉଥିଲା ସୁଆଁ ଘାସ। ବେଉଷଣ ପରେ ସେସବୁ ପଚୁଥିଲା ମାଟି ଭିତରେ। ସେଥିରୁ ମିଳୁଥିଲା ଯବକ୍ଷାରଜାନ। ଜମିରେ ପୋକ ଲାଗିଲେ ପୋକକୁ ଖାଇ ଯାଉଥିଲେ ବିଭିନ୍ନ ପ୍ରଜାତିର ପକ୍ଷୀ, ଯାହାକୁ କୁହାଯାଏ ପାରିବେଶିକ ସନ୍ତୁଳନ ବା ଇକୋଲୋଜିକାଲ ବାଲାନ୍ସ। ଏତଦ୍ ଭିନ୍ନ କୀଟନାଶକ ଭାବରେ ଜମିରେ ଗୋ-ମୂତ୍ର ପ୍ରୟୋଗ ହେଉଥିଲା, ଯାହାକୁ କୁହାଯାଏ ଚାଷ ପାଇଁ ବରଦାନ। ଖତସାର ଓ ଗୋ-ମୂତ୍ର ପ୍ରୟୋଗ କରି ଚାଷୀ ପ୍ରଚୁର ଅମଳ କରୁଥିଲା ଏବଂ ଜୈବିକ ପଦ୍ଧତିରେ ଉତ୍ପାଦିତ ଖାଦ୍ୟଶସ୍ୟ ଓ ପନିପରିବା ଖାଇ ବଞ୍ଚୁଥିଲା ସୁସ୍ଥ, ସବଳ ଓ ନିରାମୟ ଜୀବନ।

ଚାଷର ବିବିଧତା ଥିଲା ଆମ କୃଷି ସଂସ୍କୃତିର ବିଶେଷତ୍ୱ। ପାହାଡ଼ିଆ ଅଞ୍ଚଳରେ ସୁଆଁ, କାଙ୍ଗୁ, ଜହ୍ନା, ମାଣ୍ଡିଆ ଆଦି ବିଭିନ୍ନ ପ୍ରକାର ପୁଷ୍ଟିଶସ୍ୟ ସାଙ୍ଗକୁ ପ୍ରଚୁର କାନ୍ଦୁଲ ଚାଷ ହେଉଥିଲା ଏବଂ ମାଣ୍ଡିଆ ଥିଲା ସେ ଅଞ୍ଚଳର ମୁଖ୍ୟ ଖାଦ୍ୟ। କେବଳ ବିସ୍ତୃତ ଧାନ କ୍ଷେତର ସବୁଜିମା ନୁହେଁ, ତୈଳବୀଜ ଓ ଡାଲି ଜାତୀୟ ଫସଲ ସାଙ୍ଗକୁ ପ୍ରଚୁର ପନିପରିବା ଚାଷ ହେଉଥିଲା ଉତ୍କଳ ଓଡ଼ିଶାରେ। ବର୍ଷ ତମାମ୍ ବାଡ଼ି ବଗିଚାରେ ଫଳୁଥିଲା ବାଇଗଣ, ଭେଣ୍ଡି, ଜହ୍ନି, କାକୁଡ଼ି, କଲରା ଆଦି ଟୋକେଇ ଟୋକେଇ ପରିବା। ସମସ୍ତଙ୍କ ବାଡ଼ିରେ ଥିଲା କଦଳୀ, ଅମୃତଭଣ୍ଡା ଓ ସଜନା ଛୁଇଁ। ଓଡ଼ିଶାର ଜଳବାୟୁ ଆଳୁ ଓ ପିଆଜ ଚାଷ ପାଇଁ ଅନୁକୂଳ। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଆଳୁ ଚାଷ ହେଉଥିଲା ଏବଂ ସବୁଠାରୁ ଅଧିକ ଚାଷ ହେଉଥିଲା ଦେଶୀ ପିଆଜ। ଶୀତଳ ଭଣ୍ଡାର ନ ଥାଇ ମଧ୍ୟ ଦେଶୀ ପିଆଜ ସାଇତା ହୋଇ ରହି ପାରୁଥିଲା ନୂଆ ପିଆଜ ଅମଳ ପର୍ଯ୍ୟନ୍ତ। କ୍ଷୀର ଖାଇବା ପାଇଁ ଘରେ ଥିଲା ଗାଈ। ଗାଁରେ



ସମସ୍ତଙ୍କ ବାଡ଼ିରେ ଗଡ଼ିଆ ପୋଖରୀ ଥିଲା ଏବଂ ସେଥିରେ ଭର୍ତ୍ତି ହୋଇଥିଲେ ମାଛ। ଏହି ମିଶ୍ରିତ ଚାଷ ଯୋଗୁଁ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ ହେବା ସହିତ ବର୍ଷସାରା କାମ ପାଉଥିଲେ କୃଷି ଶ୍ରମିକ।

କୃଷି ସଂସ୍କୃତି ସହିତ ଓତଃପ୍ରୋତ ଭାବରେ ଯୋଡ଼ି ହୋଇ ରହିଥିଲା କୁଟୀର ଶିଳ୍ପ। ଲଙ୍ଗଳ ତିଆରି ଓ ମରାମତି ପାଇଁ ପ୍ରତ୍ୟେକ ଗାଁରେ ଥିଲା ବଢ଼େଇଶାଳ। ଲଙ୍ଗଳରେ ଲାଗୁଥିବା ଫାଳ ହେଉ କି ଦାଆ, କୋଡ଼ି, କୋଦାଳ ଓ ଶାବଳ ଆଦି କୃଷି ଉପକରଣ ହେଉ, ଏସବୁର ତିଆରି ଓ ଶାଣଦିଆ କାମ ପାଇଁ ସବୁ ଗାଁରେ ଥିଲା କମାରଶାଳ। ଅର୍ଥାତ୍ ପ୍ରତ୍ୟେକ ଗାଁ'ରେ ଅନ୍ୟୂନ ଜଣେ ଜଣେ କମାର ଓ ମହାରଣା ଥିଲେ, ଯେଉଁମାନଙ୍କ ହାତକୁ ବର୍ଷସାରା କାମ ଯୋଗାଉ ଥିଲା ଲଙ୍ଗଳ ଓ ଆନୁଷଙ୍ଗିକ କୃଷି ଉପକରଣ। ଓଡ଼ିଶାରେ ଗ୍ରାମ ସଂଖ୍ୟା ପାଖାପାଖି ପଚାଶ ହଜାର। ଏହି ହିସାବରେ ଏକ ଲକ୍ଷ ପରିବାର ପାଇଁ ଜୀବନ ଜୀବିକାର ଆଧାର ଥିଲା କୃଷିଭିତ୍ତିକ କୁଟୀର ଶିଳ୍ପ। ସାଧାରଣତଃ କାରିଗରଙ୍କ ଦକ୍ଷତାର ଆଧାର ହେଉଛି ସେମାନଙ୍କ ଅଭିଜ୍ଞତା। କହିବାର ତାତ୍ପର୍ଯ୍ୟ, ହାତ ଗୋଡ଼ ଚଳୁଥିବା ପର୍ଯ୍ୟନ୍ତ ଭଲ ଉପାର୍ଜନ କରି ପାରୁଥିଲେ ବୟସ୍କ ବଢ଼େଇ ଓ କମାରମାନେ।


ଗାନ୍ଧିଜୀଙ୍କ 'କୁଟି ଖାଅ ଓ କାଟି ପିନ୍ଧ' ନୀତିର ଯଥାର୍ଥତା ପ୍ରତିପାଦନ କରିଥିଲା ଚାଷୀ ଘରର ଢିଙ୍କି ଓ ପେଷା। ଏସବୁ ଥିଲା ଖାଦ୍ୟଶସ୍ୟକୁ ଆହାର ଉପଯୋଗୀ କରିବା ନିମନ୍ତେ ଆମ ପୂର୍ବ ପିଢ଼ିଙ୍କ ଦ୍ୱାରା ଉଦ୍ଭାବନ କରାଯାଇଥିବା ଦେଶୀୟ ପ୍ରଣାଳୀ। ଆଗେ ଗାଆଁ ଗହଳିରେ ପ୍ରତ୍ୟେକ ଘରେ ରହୁଥିଲା ଢିଙ୍କି। ଧାନକଳ ନ ଥିବାରୁ ସମସ୍ତେ ଖାଉଥିଲେ ଢିଙ୍କିକୁଟା ଚାଉଳର ଭାତ। ଚୁଡ଼ା ମଧ୍ୟ ଢିଙ୍କିରେ କୁଟା ଯାଉଥିଲା, ଯେଉଁ ଢିଙ୍କିର ଗଠନ ପ୍ରଣାଳୀ ଟିକିଏ ଭିନ୍ନ। ଢିଙ୍କିକୁଟା ଚାଉଳ ଓ ଚୁଡ଼ାରେ ଅକ୍ଷୁର୍ଣ୍ଣ ରହୁଥିଲା ଖାଦ୍ୟର ପୋଷକ ତତ୍ତ୍ୱ ଏବଂ ତା'ର ସ୍ୱାଦ ଥିଲା ଅଲଗା। ଡାଲି ଭାଙ୍ଗିବା ଓ ଚୁନା କୁଟିବା କାମରେ ଲାଗୁଥିଲା ଉଭୟ ଢିଙ୍କି ଓ ପେଷା। ଆଦିବାସୀ ଇଲାକାରେ ଧାନ ବ୍ୟତୀତ ସୁଆଁ, କାଙ୍ଗୁ ଓ ଜହ୍ନା ଇତ୍ୟାଦି କୁଟିବା ପାଇଁ ଢିଙ୍କି ଥିଲା ଅପରିହାର୍ଯ୍ୟ। ଆର୍ଥିକ ସଂକଟ ଦେଇ ଗତି କରୁଥିବା ଅନେକ ମହିଳାଙ୍କୁ ଢିଙ୍କି ଦେଇଥିଲା ବଞ୍ଚିବାର ରାହା। ସେମାନଙ୍କୁ ସ୍ୱାବଲମ୍ବୀ କରିବା ସହିତ ମନରେ ଭରି ଦେଇଥିଲା ପ୍ରଗାଢ଼ ଆତ୍ମବିଶ୍ୱାସ। ଏହି ମର୍ମରେ ଢଗଟିଏ ଥିଲା- 'କୁଣ୍ଡା ବିକି ଟଙ୍କାଟେ, ଆଉ ଉଣେଇଶ ଟଙ୍କା ହେଲେ ନୋଥଟେ।' ଅର୍ଥାତ୍ ଧାନ କୁଟି ପରିବାର ପ୍ରତିପୋଷଣ କରୁଥିବା ମହିଳାଟି ବି ଦେଖୁଥିଲା କୁଣ୍ଡା ବିକ୍ରିକରି ସୁନା କିଣିବାର ସ୍ୱପ୍ନ। ବସ୍ତୁତଃ, ଏହା ଥିଲା ଗ୍ରାମ୍ୟ ଅର୍ଥନୀତି ଓ ଆତ୍ମନିର୍ଭରଶୀଳତାର ନିଚ୍ଛକ ଛବି। ଚାଷୀଘରେ ଦୈନନ୍ଦିନ କାମରେ ବ୍ୟବହୃତ ହେଉଥିଲା ବାଉଁଶ ତିଆରି କୁଲା ପାଛିଆ ଓ ଟୋକେଇ। ଏସବୁ ମୁଖ୍ୟତଃ ସ୍ତ୍ରୀଲୋକଙ୍କ ଦ୍ୱାରା ତିଆରି ହେଉଥିଲା ଏବଂ ଏହା ଥିଲା ସେମାନଙ୍କ ପାଇଁ ଉପାର୍ଜନର ପନ୍ଥା। ବର୍ଷାଋତୁ ଆସିଲେ ଚାଷୀ ଖୋଜୁଥିଲା ତଲାରି ବା ପଖିଆ। ଶୁଖିଲା ବରଡ଼ା ପତ୍ରରୁ ତିଆରି ହୁଏ ତଲାରି। ଝଡ଼ି ବର୍ଷାରୁ ରକ୍ଷା ପାଇବା ପାଇଁ ମୁଣ୍ଡରେ ତଲାରି ଦେଇ ବିଲର କାମ କରେ ଚାଷୀ। ସେତେବେଳେ ଗାଁ ହାଟରେ ଶଗଡ ଶଗଡ଼ ତଲାରି ବିକ୍ରି ହେଉଥିଲା ଏବଂ ତାକୁ ତିଆରି କରି ଜୀବିକା ନିର୍ବାହ କରୁଥିଲେ ଅନେକ ପରିବାର। ଗାଁ'ରେ ବସବାସ କରୁଥିଲେ ଏମିତି ବିଭିନ୍ନ କୌଳିକ ବୃତ୍ତିଧାରୀ କର୍ମଠ ମଣିଷ। ପରସ୍ପର ପ୍ରତି ସ୍ନେହ, ପ୍ରୀତି ଓ ଅନୁରାଗରେ ବନ୍ଧା ହୋଇ ସେମାନେ ଜୀବନଯାପନ କରୁଥିଲେ, ଯେଉଁ ବନ୍ଧୁତ୍ୱପୂର୍ଣ୍ଣ ସହାବସ୍ଥାନ ଯୋଗୁଁ ଖୁବ୍ ଆନନ୍ଦଦାୟକ ଥିଲା ଗ୍ରାମ୍ୟ ଜୀବନ।

ଅବସରପ୍ରାପ୍ତ ଅଧ୍ୟକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ରଥ ଉପରେ ସୁନାବେଶ ଓ ଶୟନ ଯାତ୍ରା



ପ୍ରତି ବର୍ଷ ବାହୁଡ଼ା ପର ଦିନ ଆଷାଢ଼ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସିଂହଦ୍ୱାରଠାରେ ରଥ ଉପରେ ତିନି ଠାକୁରଙ୍କର ପ୍ରସିଦ୍ଧ ସୁନାବେଶ/ ରାଜବେଶ ବା 'ବଡ଼ ତଡ଼ଉ' ବେଶ ଅନୁଷ୍ଠିତ ହୋଇଥାଏ। ସୁନାବେଶ ସାଧାରଣତଃ ବର୍ଷରେ ପାଞ୍ଚ ଥର ଅନୁଷ୍ଠିତ ହୋଇଥାଏ। ସେଥି ମଧ୍ୟରୁ ଚାରି ଥର ଯଥାକ୍ରମେ ଦଶହରା, ପୁଷ୍ୟାଭିଷେକ ପୂର୍ଣ୍ଣିମା, ଦୋଳ ପୂର୍ଣ୍ଣିମା ଓ କାର୍ତ୍ତିକ ପୂର୍ଣ୍ଣିମା ଦିନ ସୁନାବେଶ ଶ୍ରୀମନ୍ଦିର ଭିତରେ ଅନୁଷ୍ଠିତ



ପ୍ରସନ୍ନ କୁମାର ମିଶ୍ର

ହେଉଥିବା ବେଳେ ଏହି ଏକାଦଶୀରେ ସିଂହଦ୍ୱାରଠାରେ ରଥ ଉପରେ ଅନୁଷ୍ଠିତ ହୋଇଥାଏ। ଫଳତଃ, ଲକ୍ଷ ଲକ୍ଷ ଭକ୍ତଙ୍କ ସମେତ ଯେଉଁମାନଙ୍କର ମନ୍ଦିର ଭିତରକୁ ପ୍ରବେଶ ଅଧିକାର ନାହିଁ, ସେମାନେ ଏହା ଦର୍ଶନ କରି ପାରନ୍ତି। ବିଭିନ୍ନ ତଥ୍ୟ ଓ ରେକର୍ଡ ଆଧାରରେ ଜଣାଯାଏ ଯେ ୧୪୬୦ ମସିହାରେ ଗଜପତି କପିଳେନ୍ଦ୍ର ଦେବ ସମଗ୍ର ଦାକ୍ଷିଣାତ୍ୟ ଜୟ କରି ୧୬ ଗୋଟି ହାତୀ ପିଠିରେ ବିପୁଳ ପରିମାଣରେ ସ୍ୱର୍ଣ୍ଣ, ରୌପ୍ୟ, ମଣି, ମୁକ୍ତା, ହୀରା, ନୀଳା ଆଦି ବହୁ ମୂଲ୍ୟବାନ ରତ୍ନ 'ଶ୍ରୀଜଗନ୍ନାଥଙ୍କୁ ରାଷ୍ଟ୍ର ଦେବତା' ଘୋଷଣା କରି ଅର୍ପଣ କରିଥିଲେ। ଶିଳାଲିପିରେ ଏହାର ଉଲ୍ଲେଖ ଅଛି।

ଏହା ଦେଖି ଗଜପତିଙ୍କ ଅନ୍ୟତମ 'ବଡ଼ ତଡ଼ଉ' ସେବକ (ରାଜାଙ୍କ ଗନ୍ତାଘରର ତତ୍ତ୍ୱାବଧାରକ) ଶ୍ରୀଛାମୁରେ ନିବେଦନ କରିଥିଲେ ମହାରାଜ, ମହାପ୍ରଭୁଙ୍କ ଶ୍ରୀମନ୍ଦିର ଭିତରେ ବର୍ଷକ ମଧ୍ୟରେ ହେଉଥିବା ସମସ୍ତ ବେଶ ସକଳ ବର୍ଗର ସାଧାରଣ ଭକ୍ତ ସବୁ ସମୟରେ ଦର୍ଶନ କରିବାର ସୁଯୋଗ ପାଉ ନାହାନ୍ତି। ଆଉ କେତେକ ଭକ୍ତଙ୍କୁ ମନ୍ଦିର ପ୍ରବେଶ ମନା। ତେଣୁ ରଥଯାତ୍ରାର ଅନ୍ତିମ ପର୍ଯ୍ୟାୟରେ ସିଂହଦ୍ୱାରଠାରେ ଶୁକ୍ଳ ଏକାଦଶୀ ଦିନ ରଥ ଉପରେ ତିନି ଠାକୁରଙ୍କୁ ସୁନାବେଶରେ ସଜ୍ଜିତ କରାଗଲେ ଲକ୍ଷ ଲକ୍ଷ ଭକ୍ତ ଦର୍ଶନ କରି ଉପକୃତ ହୁଅନ୍ତେ। ଉକ୍ତ 'ବଡ଼ ତଡ଼ଉ'ଙ୍କ ଅନୁରୋଧକ୍ରମେ ପର ବର୍ଷଠାରୁ କପିଳେନ୍ଦ୍ର ଦେବ ୧୩୮ ପ୍ରକାରର ରତ୍ନଖଚିତ ସ୍ୱର୍ଣ୍ଣ ଅଳଙ୍କାର ନିର୍ମାଣ କରି ରଥ ଉପରେ ଏହି ବେଶ କରାଇ ଥିଲେ। ଏହି ସୁନାବେଶରେ ଶ୍ରୀବଳଭଦ୍ରଙ୍କୁ ୧୮ ପ୍ରକାରର, ଦେବୀ ସୁଭଦ୍ରାଙ୍କୁ ୮ ପ୍ରକାରର ଓ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ ୧୯ ପ୍ରକାରର ସ୍ୱର୍ଣ୍ଣ ଅଳଙ୍କାର ଲାଗି କରାଯାଇ ଏହି ମନୋମୁଗ୍ଧକର ବେଶ କରାଯାଇଥାଏ। ସନ୍ଧ୍ୟାରେ ଅନୁଷ୍ଠିତ ଏହି ବେଶ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ରଖାଯାଉ ଥିବାରୁ ବାହାରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତ ଦର୍ଶନ କରି ଥାଆନ୍ତି।

ରଥଯାତ୍ରା ସମାପ୍ତିରେ ଏକାଦଶୀ ତିଥିରେ ତିନି ଠାକୁର ସିଂହଦ୍ୱାରଠାରେ ରଥ ଉପରେ ସୁନାବେଶରେ ବିରାଜମାନ କରିଥିବା ସମୟରେ ଶ୍ରୀହରି ଶୟନ ଯାତ୍ରା ହୁଏ। ଏହି ଦିନ ଶ୍ରୀମନ୍ଦିର ଭଣ୍ଡାର ଘରେ ଥିବା 'ବିଜେ ଶୟନ ଠାକୁର ତିନି ମୂର୍ତ୍ତିଙ୍କୁ ତିନି ଜଣ ପୂଜାପଣ୍ଡା ରୁପା ଥାଳିରେ ବିଜେ କରାଇ ରଥ ଉପରକୁ ଆଣି ଥାଆନ୍ତି। ଏହି ତିନି ପ୍ରତିମା ହେଲେ ବଳଭଦ୍ରଙ୍କ ବାଡ଼ର 'ବାସୁଦେବ', ସୁଭଦ୍ରାଙ୍କ ବାଡ଼ର 'ଭୁବନେଶ୍ୱରୀ' ଏବଂ ଜଗନ୍ନାଥଙ୍କ ବାଡ଼ର 'ଶ୍ରୀନାରାୟଣ'। ପୂଜାପଣ୍ଡାମାନେ ଶୟନ ଠାକୁରମାନଙ୍କୁ ରଥ ଉପରେ ତିନି ଠାକୁରଙ୍କର ଅଙ୍ଗଲାଗି କଲା ପରେ ପୁଣି ଥରେ ବଡ଼ସିଂହାର ବେଶ ଓ ବଡ଼ସିଂହାର ଭୋଗ ହୁଏ। ଏହି ସ୍ୱତନ୍ତ୍ର ଭୋଗକୁ 'ବଲ୍ଲଭ ବଡ଼ସିଂହାର ଭୋଗ' କୁହାଯାଏ। ଭୋଗ ବଢ଼ିଲେ କର୍ପୂର ଆଳତି ହୋଇ ଶୟନ ପ୍ରତିମାମାନ ପୂଜାପଣ୍ଡାଙ୍କ ହାତରେ ବିଜେ ହୁଅନ୍ତି ଓ ରଥରୁ ଓହ୍ଲାଇ ସାତ ପାହାଚ, ନାଟ ମଣ୍ଡପ ଦେଇ ଜଗମୋହନରେ ଥିବା ଭଣ୍ଡାର ଘର ନିକଟରେ ଥିବା ଖଟଶେଜ ଘରକୁ ଯାଆନ୍ତି। ସେଠାରେ ପୂର୍ବରୁ କୋଠ ସୁଆଁସିଆ ସେବକ ଯୋଗାଇ ଦେଇଥିବା ତିନି ଗୋଟି କ୍ଷୁଦ୍ର କାଠବାକ୍ସ (ପେଡ଼ି)ରେ ଦରଜି ସେବକ ଦେଇଥିବା ଶେଜ ଓ ମାଣ୍ଡି ପକାଇ ତିନି ଶୟନ ଠାକୁରଙ୍କୁ ଶୁଆଇ ଦିଆଯାଏ। ଏହା ପରେ ପ୍ରସାଦ ଲାଗି, ପୁଷ୍ପାଞ୍ଜଳି, କର୍ପୂର ଆଳତି, ସାତକାହାଳୀ, ସଞ୍ଜବତୀ ଓ ଦୂର୍ବାକ୍ଷତ ବନ୍ଦାପନା କରାଯାଏ। ପେଟି ବନ୍ଦ କରି କପଡ଼ା ଗୁଡ଼ାଯାଇ ସେଠାରେ ରଖାଯିବା ପରେ ସଭିଏଁ ବାହାରି ଗଲେ ତଡ଼ଉକରଣ ସେବକ ଖଟଶେଜ ଘରର ଦ୍ୱାରକୁ 'ମଦନମୋହନଙ୍କ ମୁଦରେ ମୁଦ ଦେଇ ବନ୍ଦ କରି ଦିଅନ୍ତି।'

ଶୟନ ଯାତ୍ରାର ଦୁଇ ମାସ ପରେ ପାର୍ଶ୍ୱ ପରିବର୍ତ୍ତନ (ବଡ଼) ଏକାଦଶୀ ଦିନ ଏହି ନୀତିରେ ଶୟନ ପେଡ଼ିକୁ ଖୋଲାଯାଏ। ହାତୁଆଣୀ (ପୂଜାପଣ୍ଡା ଓ ଅନ୍ୟ ସେବକ ହାତ ଧୋଇବା ପାଇଁ ଯୋଗାଇ ଦିଆ ଯାଉଥିବା ଜଳ) ନେଇ ମୁଦିରସ୍ତ ତିନି ଆଞ୍ଜୁଳି ଦେବା ପରେ ତିନି ପ୍ରତିମାଙ୍କ କଡ଼ ଲେଉଟାଇ ଦିଆଯାଏ। ଏହାପରେ ବନ୍ଦାପନା କରାଯାଇ ପେଡ଼ି ବନ୍ଦ କରାଯାଏ ଓ ଦୁଆର ମୁଦ ଦିଆଯାଏ। ଏହାର ଦୁଇ ମାସ ପରେ କାର୍ତ୍ତିକ ଶୁକ୍ଳ ଏକାଦଶୀ ଦିନ ମହାପ୍ରଭୁଙ୍କର ଉତ୍‌ଥାପନ ନୀତିରେ ଖଟଶେଯ ଘର ଉପରକୁ ଯାଇ ସେବକମାନେ ପୂର୍ବ ପରି ତଡ଼ଉ କରଣଙ୍କ ଉପସ୍ଥିତିରେ ଶୟନ ପେଡ଼ି ମୁଦ ଭାଙ୍ଗି ତିନି ବାକ୍ସ ଖୋଲନ୍ତି। ଠାକୁରମାନଙ୍କୁ ପୁଷ୍ପାଞ୍ଜଳି, କର୍ପୂର ଆଳତି ଓ ବନ୍ଦାପନା ପରେ ତିନି ଗୋଟି ରୁପା ଥାଳିରେ ତିନି ଶୟନ ପ୍ରତିମାଙ୍କୁ ବିଜେ କରିବା ପରେ ମହାସ୍ନାନ କରାଯାଇ ଖଟଶେଜ ଘରକୁ ପୁନଃ ମୁଦ ଦେଇ ବନ୍ଦ କରି ଦିଆଯାଏ। ଏଥି ସହିତ ମହାପ୍ରଭୁଙ୍କ ଶୟନ ଯାତ୍ରା ସମାପନ ହୋଇଥାଏ। ଶ୍ରୀଜଗନ୍ନାଥଙ୍କ ଶୟନ ଯାତ୍ରା ଏକ ସ୍ୱତନ୍ତ୍ର ଯାତ୍ରା।

ପୁରୀ, ମୋ: ୮୦୧୮୮୭୫୩୩୫

# ମାନସିକତା

ଭଲ ମନ୍ଦ ଆପେକ୍ଷିକ ଶବ୍ଦ ହେଲେ ହେଁ ଭଲ ସବୁବେଳେ ଭଲ। ଆଉ ମନ୍ଦ ହିଁ ମନ୍ଦ। ସମୟ ସୁଅରେ ମନ୍ଦ ଭଲକୁ ପରିବର୍ତ୍ତିତ ହେବା ବହୁତ ଭଲ। ଅନ୍ୟ ପକ୍ଷେ ଭଲ ବିଗିଡ଼ି ଯାଇ ମନ୍ଦ ବନିବା ଦୁର୍ଭାଗ୍ୟଜନକ। ସାଧାରଣତଃ ଛୋଟପିଲାଙ୍କର ଭଲ ମନ୍ଦ ବାରିବାର ଶକ୍ତି ନଥାଏ। ତେଣୁ ବିପଦ ନିରାପଦ କ'ଣ ନ ଜାଣି ନିଆଁକୁ ହାତ ବଢ଼ାଇ ଦେଇ ପାରନ୍ତି। ସେମିତି ହାତପାଆନ୍ତା ପିମ୍ପୁଡ଼ିକୁ ଧରିବା ପାଇଁ ହାତ ବଢ଼ାଇଥାନ୍ତି। ପିମ୍ପୁଡ଼ିକୁ ଧରିଲେ ଯେ ସେ କାମୁଡ଼ି ଦେବ, ଏ ବିଚାର ପିଲାଙ୍କର ନଥାଏ ବୋଲି ତ ଧରିବାକୁ ଚାହାନ୍ତି। ଯଦି ଜାଣନ୍ତେ, ଜାଣୁଥାନ୍ତେ; ତେବେ ବିପଦ ଥିବା ଦ୍ରବ୍ୟାଦିକୁ ଧରିବାକୁ ଛୋଟ ପିଲା ଚେଷ୍ଟା କରନ୍ତେ ନାହିଁ। ପିଲାଙ୍କ ବୁଝିବାର ଶକ୍ତି ଆସିଲେ ସେମାନେ ବଳେ ଭଲ ମନ୍ଦ ଜାଣି ପାରନ୍ତି, ବାରି ପାରନ୍ତି। ଆଉ ଭଲକୁ ଗ୍ରହଣ କରନ୍ତି। ମନ୍ଦଠୁ ଦୂରେଇ ରହନ୍ତି। ଏ ଦିଗରେ ପିଲାଙ୍କୁ ସତତଃ ସଚେତନ କରାଇଥାନ୍ତି ପିଲାଙ୍କ ବାପାମାଆ, ଶିକ୍ଷକ ଆଉ



ଧ୍ରୁବ ଚରଣ ଘିବେଲା

ହିତାକାଂକ୍ଷୀ ଗୁରୁଜନ। ପିଲାବେଳେ ପିଲାଙ୍କ ମନ ଥାଏ ସର୍ବଦା ସ୍ୱଚ୍ଛ। ପାଣି ଭଳି। ପିଲାଙ୍କ ମନ ସିଲଟ ଥାଏ ପୂରା ପରିଷ୍କାର; ମେଘମୁକ୍ତ ଆକାଶ ଭଳି ନିର୍ମଳ। ପିଲାଙ୍କ ମନ ପାପ ପଙ୍କ ଶୂନ୍ୟ। ପିଲାଙ୍କ ମନ ସିଲଟରେ ପୁଣି ପଡ଼ି ନଥାଏ ସାମାନ୍ୟ ଗାରଟେ। ପିଲା ଥାଆନ୍ତି ଅତିଶୟ ନିଷ୍କପଟ; ଅହଙ୍କାରଶୂନ୍ୟ। ମନ୍ଦ, ପାପଠୁ ଥାଆନ୍ତି ଦୂରରେ ବୋଲି ପିଲା ନିଷ୍ପାପ। ଯେଉଁ ପିଲା ପିଲାଦିନୁ ସଂସ୍କାର ଶିକ୍ଷା ଠିକ୍ ପାଇଥାନ୍ତି, ସେଇ ପିଲା ସଂସ୍କାରୀ ରହନ୍ତି ପରବର୍ତ୍ତୀ କାଳରେ ଜୀବନ ତମାମ। ଯିଏ ପାଇ ନଥାଏ ଉପଯୁକ୍ତ ସଂସ୍କାର ଶିକ୍ଷା, ସେଇ ପିଲା ପରବର୍ତ୍ତୀ ସମୟରେ ସମାଜ ପାଇଁ କଳଙ୍କ ସାବ୍ୟସ୍ତ ହେବାର ଯଥେଷ୍ଟ ସମ୍ଭାବନା ରହେ। କୁସଂସ୍କାରୀ କଥା କଥାକେ କହନ୍ତି ଅନାବନା ଅପଶବ୍ଦ, ଏପରିକି ଅଶ୍ଳୀଳ ଶବ୍ଦ। କିଏ କେଉଁଠି ଅଛନ୍ତି, ସେ ଦିଗକୁ ତାଙ୍କର ନିଘା ନଥାଏ। ବଡ଼ ଥାଆନ୍ତୁ, ସାନ ଥାଆନ୍ତୁ, ଆଜେବାଜେ କଥା ରଖନ୍ତି ଏଠି ସେଠି। କଳୁଷିତ ପରିବେଶ ପ୍ରଭାବରେ ସଙ୍ଗଦୋଷ ଅନେକଙ୍କୁ ବିପଥଗାମୀ କରାଇ ଥାଏ। ସଂସ୍କାରଶୂନ୍ୟ ବିପଥଗାମୀଙ୍କ ମାନସିକତା ଦିଗଭ୍ରଷ୍ଟ ହୋଇ ସାରିଥାଏ। ଭଲ ମାନସିକତା ତାଙ୍କଠି ରହିପାରି ନଥାଏ।

ଆଜିକାଲି ପୁଣି ଅନେକାନେକ ପୋଷଣ କରନ୍ତି/ ରଖନ୍ତି ଅତିଶୟ ସୁବିଧାବାଦୀ ମାନସିକତା। ସୁବିଧା ଯହିଁ, ସେମାନେ ତହିଁ। ସୁବିଧା ନାହିଁ ତ ସେମାନେ ସେଇଠି ରଖି ନଥାନ୍ତି ତାଙ୍କ ଉପସ୍ଥିତି। ଶୁଭ ଲାଭରେ ଅହରହ ମନ ରଖନ୍ତି। ଶୁଭ ଲାଭ ସୁବିଧା ଥିଲେ ସୁବିଧାବାଦୀ ସେଠି ଥାଆନ୍ତି। ନଥିଲେ ଦୂରେଇ ରହନ୍ତି। ଭଲ କାମରେ ଜମା ନଥାନ୍ତି ସୁବିଧାବାଦୀ। ଲାଭ ଲୋଭରେ ତାଙ୍କର ଥାଏ ଲାଳସା। କ୍ଷତିକୁ ତାଙ୍କର ନାପସନ୍ଦ। ଲାଭକୁ ସବୁବେଳେ ପସନ୍ଦ। ଲାଭ ଯଦି ଅଛି, କାମରେ ବାଛ ବିଚାର ରଖି ନଥାନ୍ତି ଲାଭପ୍ରିୟ ସୁବିଧାବାଦୀ। ହାତରେ ଧରି ପାରନ୍ତି ବନ୍ଧୁକ। ନେଇ ପାରନ୍ତି ଅନ୍ୟର ଜୀବନ ପ୍ରାଣ। ଆତଙ୍କବାଦୀ ବା ଟେରରିଷ୍ଟ କ'ଣ କି? କ'ଣ ତାଙ୍କର କାମ? ଆତଙ୍କବାଦୀ କେବେ ନଥାନ୍ତି ଭଲ କାମରେ। ସ୍ୱାର୍ଥ, ଅର୍ଥ ପାଇଁ ଏମାନେ ଖେଳନ୍ତି ଅଦିନରେ ହୋଲି। ରକ୍ତ ରଙ୍ଗରେ ଅଦିନିଆ ହୋଲି ଖେଳି ପାରନ୍ତି କେବଳ ଆତଙ୍କବାଦୀ। କି ଭ୍ରଷ୍ଟ ମାନସିକତା! କାଶ୍ମୀରକୁ ବୁଲିବାକୁ ଯାଇଥିବା ଅନେକ ପର୍ଯ୍ୟଟକ ଆତଙ୍କୀଙ୍କ ଗୁଳି ଖାଇ ଦୁଃଖଦ ମୃତ୍ୟୁର ଶିକାର ହୋଇଛନ୍ତି ଗତ ଏଇ ଏପ୍ରିଲ ୨୨ ତାରିଖ ଦିନ। ଆତଙ୍କବାଦ ସବଳ ମାନସିକତାକୁ କେବେ ପରିପୁଷ୍ଟ କରି ନଥାଏ। ବରଂ ଏହା ଏକ ଦୁର୍ବଳ ରୁଗ୍ଣ ମାନସିକତା। ଲୁଚିଛପି ହଠାତ୍ ଆସି ନିରୀହଙ୍କ ଉପରେ ଗୁଳି ଚାଳନା କରିବା କୌଣସି ସୁସ୍ଥ ମାନସିକତାର ଯଥାର୍ଥ ପ୍ରତିଫଳନ ହୋଇ ନପାରେ। ଏହା ପଛରେ ଥାଏ ବିକୃତ ବିକାରଗ୍ରସ୍ତ ମନ୍ଦ କାମନା, ବାସନା। ଏହା ବର୍ବରୋଚିତ ଓ ଜଘନ୍ୟ ଅପରାଧ। ଏ ଜହ୍ଲାଦମାନଙ୍କର ବି ପିଲାଦିନ ଥିଲା। ହେଲେ ଏମାନେ କୁସଙ୍ଗ ଦୋଷରେ ପଥଭ୍ରଷ୍ଟ, ଦିଗଭ୍ରଷ୍ଟ ହୋଇ ଜହ୍ଲାଦ ପାଲଟିଛନ୍ତି। ଏମାନଙ୍କୁ ଯେତେ କଡ଼ା ଶବ୍ଦରେ ନିନ୍ଦା କଲେ ତାହା କମ୍ ହେବ।

ପୁନଶ୍ଚ, ଆଜିକାଲି ଭଲ କାମରେ ଅଣ୍ଟା ଭିଡ଼ି ଆଗଭର ହେଉଥିବା ଲୋକଙ୍କ ସଂଖ୍ୟା କମି ଆସୁଛି। ଗାଆଁ, ମାଆ, ସାମୂହିକ କାମରେ ଲୋକଙ୍କ ସମ୍ପୃକ୍ତି କମ୍ ରହୁଛି। ଭଲ କାମରେ ରହିବା ପାଇଁ ଅନେକଙ୍କ ମାନସିକତା ରହୁ ନାହିଁ ଯେମିତି। ସ୍ୱାର୍ଥୀ ମଣିଷ ବିଚାର ରଖୁନାହିଁ ଯେ ସେ ସୁନ୍ଦର ଜୀବନଟେ ପାଇଛି, ଦେବ ଦୁର୍ଲଭ ମଣିଷ ଜନ୍ମ ପାଇଛି, ଏଥିପାଇଁ ସେ ନିଜ ପିତାମାତାଙ୍କ ପ୍ରତି କୃତଜ୍ଞ, ଜଗତର ସୁନ୍ଦର ସ୍ରଷ୍ଟାଙ୍କ ପ୍ରତି



ତତୋଧିକ କୃତଜ୍ଞ ରହିବା କଥା। ଯେଉଁ ଜୀବନ ମଣିଷ ପ୍ରାପ୍ତ କରିଛି, ଆଉ ସେ ଜୀବନକୁ ନିତି ପରିପୁଷ୍ଟ କରୁଥିବା ପାଣି, ପବନ, ସର୍ବୋପରି ପ୍ରକୃତିର ଯେଉଁ ମହାର୍ଘ ଅବଦାନ ରହିଛି, ପୁଣି ବିନା ସ୍ୱାର୍ଥରେ ସେମାନେ ଜୀବର ଜୀବନକୁ ପରିପୁଷ୍ଟ କରି ଚାଲିଛନ୍ତି, ସେଥି ପ୍ରତି ବିଚାର ରଖି ମଣିଷ ନିଜକୁ ପରିଚାଳିତ କରିବା କଥା। ସେମାନେ ଯେମିତି ଦେଉଛନ୍ତି, ଦେଇ ଚାଲିଛନ୍ତି, ମଣିଷ ସେମିତି ନିଜର ସାଧ୍ୟମତେ ଅନ୍ୟକୁ ଯାହା କିଛି ଦେବା କଥା। ଦାନ ଧର୍ମରେ ରହିବା କଥା। ମଣିଷ କେବଳ ପାଇବା ପାଇଁ, ନିଜ ଭଣ୍ଡାର ଭରିବା ପାଇଁ ଭଗବାନଙ୍କୁ ଖାଲି ମାଗି ଚାଲିଛି। ପ୍ରାର୍ଥନା କରୁଛି ପୁଣି ବିକଳ ହୋଇ। ସବୁ ଥିବା ଲୋକ ଏଠି ମାଗେ, ମାଗୁଛି; ଭଗବାନଙ୍କ ପାଖେ ହାତ ପତଉଛି। ଦେଖିବାକୁ ଗଲେ, ନଥିବା ଲୋକର ଭଗବାନଙ୍କୁ ମାଗିବାର ଯଥାର୍ଥତା ବରଂ ଥାଏ। ଥିବା ଲୋକର ମାଗିବାର ଯଥାର୍ଥତା ନଥାଏ। ତଥାପି ମାଗିବା ଛାଡ଼ି ନଥାନ୍ତି ଲୋଭୀ, ସ୍ୱାର୍ଥୀ ମଣିଷ। କାଇଁ କାହାକୁ କିଛି ଦେବା ପାଇଁ ତ ମଣିଷ ଭଗବାନଙ୍କୁ ପ୍ରାର୍ଥନା କରେନି! ଆମ ଭାରତୀୟ ସଂସ୍କୃତିରେ ପୁରାଣ ଶାସ୍ତ୍ରରେ ଦେବାର ମହାନତା ନେଇ ବହୁତ କଥା କୁହାଯାଇଛି। ଦେବା କଥା ପଡ଼ିଲେ ନଈଠୁ ଶିଖିବା ଦରକାର, ଗଛଠୁ ଶିଖିବା ଦରକାର, ଗାଈଠୁ ଶିଖିବା ଦରକାର, ସର୍ବୋପରି ଆମ ପ୍ରକୃତି ଆମକୁ ଅନେକ ଶିକ୍ଷା ଦେଇଥାଏ। ସେସବୁଠୁ ଅନେକ କଥା ଶିଖି ନିଜ ଜୀବନକୁ ଏକ ପ୍ରୟୋଗଶାଳା କରାଯାଇ ପାରିଲେ, ଭଲ ଗୁଣ ସବୁକୁ ଆପଣେଇ ନିଜେ ପ୍ରୟୋଗ କଲେ, ସେଇ ଶିଖିବାର ମୂଲ୍ୟ ରହିଥାଏ। ମହାର୍ଘ ମଣିଷ ଜୀବନର ଯଥାର୍ଥତା ପ୍ରତିପାଦିତ ହୁଏ ମଧ୍ୟ। ଉଚ୍ଚାରଣଠୁ ଆଚରଣର ମହତ୍ତ୍ୱ ଗୁରୁତ୍ୱ ଅନେକ ଥାଏ। କହିବାଠୁ କରିବାରେ ଥାଏ ମହାନତା। ଏଥିପାଇଁ ସକାରାତ୍ମକ ମାନସିକତା ଦରକାର।

ଅବଶ୍ୟ ଭଲର ପଥ ସବୁବେଳେ ଥାଏ କଣ୍ଟକିତ। ଭଲ ବାଟରେ ଚାଲିବା ଏତେ ସହଜ ନଥାଏ। ଖଣ୍ଡାଧାରରେ ସବୁବେଳେ ଚାଲିବାକୁ ହୁଏ ଭଲ ବାଟରେ ଯିବାକୁ ହେଲେ। ଭଲର ବାଟ ନଥାଏ ପ୍ରଶସ୍ତ ବି। ଖୁବ୍ ଅଣଓସାରିଆ ସଂକୀର୍ଣ୍ଣ ଓ ଅନ୍ୟ ପାଖେ ଭୁଲ୍‌ର ପଥ ଥାଏ ଖୁବ ପ୍ରଶସ୍ତ। ଖୁବ୍ ଚଉଡ଼ା, ଓସାରିଆ। ଯିବା ଆସିବାରେ ବି ଅଡୁଆ ନଥାଏ। ତେଣୁ କରି ତ ସହଜରେ ଚାଲିବା ବାଟକୁ ଧରିଥାନ୍ତି ସ୍ୱାର୍ଥୀ ସୁବିଧାବାଦୀ।

ଶେଷକଥା- ଭଲ ଲୋକ ଯାହା ହେଲେ ବି ଭୁଲ୍ ବାଟରେ କେବେ ଯାଇ ନଥାନ୍ତି। ଭୁଲ୍ ଲୋକ ସେମିତି ଭଲ ବାଟରେ କେବେ ଯାଏନି। ଭୁଲ୍ ଲୋକକୁ ଭଲ ବାଟ ଗନ୍ଧାଏ; ଘୁଷୁରୀକୁ ପାଚିଲା କଦଳୀ ବିଷ ପ୍ରାୟ ଲାଗିବା ଭଳି। ଭଲ ଲୋକକୁ ଭୁଲ୍ କେବେ ଭଲ ଲାଗେନି। ଭୁଲ୍ ଲୋକ (ମାନେ ଅଠିକ ଲୋକ) ସବୁବେଳେ ଭୁଲ୍ ବାଟରେ ଯିବାକୁ ପସନ୍ଦ କରିଥାଏ। ଏବେ ରତ୍ନାକର ଆଉ ବାଲ୍ମୀକି ହେଉ ନାହାନ୍ତି। ଆଜିକାଲି ବାଲ୍ମୀକି ରୂପୀ ରତ୍ନାକରମାନଙ୍କ ହାଉଯାଉ ସବୁଠି ଅଧିକ ମନେ ହେଉଛି।

ବଉଦରାଜ, ଜି: ବୌଦ୍ଧ
ମୋ: ୯୪୩୭୪୭୮୪୬୬

ସମ୍ପାଦକଙ୍କୁ ପତ୍ର


# ସୋସିଆଲ ମିଡିଆରେ କ'ଣ ସମସ୍ତେ ସମୀକ୍ଷକ ?

ସଧାରଣତଃ ଗଣମାଧ୍ୟମ (ଟିଭି କିମ୍ବା ଖବରକାଗଜ)ରେ ସଂପୃକ୍ତ ପ୍ରତିନିଧି (ସମ୍ପାଦକ / ଖବରଦାତା) କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରାସଙ୍ଗିକ ଘଟଣା ଉପସ୍ଥାପନ କଲାବେଳେ ଆବଶ୍ୟକତା ମତେ ସାମଗ୍ରିକ ଭାବେ ତହିଁର ତର୍ଜମା / ସମୀକ୍ଷା ପାଇଁ ବିଜ୍ଞ, ବୁଦ୍ଧିଜୀବୀ, ସମାଜ ସୁଧାରକ, ନେତୃବୃନ୍ଦ ଏବଂ ବିଶେଷଜ୍ଞମାନଙ୍କ ମତାମତ ନେଇଥାନ୍ତି। ତାହା ପୁଣି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଉପରେ ଆଧାରିତ ହେବା ଏବଂ ଆଲୋଚନାରେ ଅଂଶଗ୍ରହଣକାରୀ ବ୍ୟକ୍ତିବିଶେଷଙ୍କ ମତାମତ କୌଣସି ମର୍ଯ୍ୟାଦା ଉଲ୍ଲଙ୍ଘନ ନ କରିବା ଉପରେ ବିଶେଷ ଧ୍ୟାନ ଦିଆଯାଏ। କୌଣସି ସମ୍ବେଦନଶୀଳ ଘଟଣାର ପ୍ରସଙ୍ଗ ଗଣମାଧ୍ୟମରେ ଚର୍ଚ୍ଚିତ ହେବାର ମୁଖ୍ୟ କାରଣ ହେଲା- ତହିଁର ଏକ ଜନକଲ୍ୟାଣକାରୀ ନିଷ୍କର୍ଷ ପ୍ରତିପାଦନ କରିବା, କୌଣସି ଅସମାହିତ ବିବାଦୀୟ ଘଟଣାକୁ ସମୁଚିତ ମାର୍ଗଦର୍ଶନ ଦେଇ ସମାଧାନର ପନ୍ଥା ନିର୍ଣ୍ଣୟ କରିବା। ଏଭଳି ସମୀକ୍ଷା ସମାଜ, ପ୍ରଶାସନ ତଥା ନ୍ୟାୟପାଳିକା ଉପରେ ସକାରାତ୍ମକ ପ୍ରଭାବ ପକାଇବ ବୋଲି ବିଶ୍ୱାସ କରାଯାଏ। କିନ୍ତୁ ସାଂପ୍ରତିକ ସମୟରେ କୌଣସି ଘଟଣା/ ଦୁର୍ଘଟଣା ଘଟିଲେ ସର୍ବପ୍ରଥମେ ତାହା ସୋସିଆଲ ମିଡିଆରେ ଅତିରଞ୍ଜିତ ହୋଇ ବହୁ ମାତ୍ରାରେ ଏଭଳି ପ୍ରଚାରିତ / ପ୍ରସାରିତ ହୋଇ ଯାଉଛି, ଯେଉଁଥିରେ ସଂପୃକ୍ତ ବ୍ୟକ୍ତିବିଶେଷ, ଅନୁଷ୍ଠାନ, ପ୍ରଶାସନ, ଏପରିକି ସାଧାରଣ ଜନତା ଅତିଷ୍ଠ ହୋଇ ପଡୁଛନ୍ତି। ଅନେକ ଅଜ୍ଞାନୀ, ମୂଢ଼ମତି, ବିକାରଗ୍ରସ୍ତ ସୋସିଆଲ ମିଡିଆ ବ୍ୟବହାରକାରୀ ସଂପୃକ୍ତ ଘଟଣା ପ୍ରସଙ୍ଗରେ ଅଜ୍ଞାତ ଥାଇ ମଧ୍ୟ ଅବାଞ୍ଛିତ ମନ୍ତବ୍ୟ ଦେବାକୁ ଅଧିକ ପସନ୍ଦ କରୁଛନ୍ତି। ସାମାନ୍ୟ ସୌଜନ୍ୟତାବିହୀନ କୁତ୍ସିତ ମନ୍ତବ୍ୟ ବେଳେ ବେଳେ ଘଟଣାକ୍ରମକୁ ଜଟିଳ କରୁଛି ତ ପୁଣି ପ୍ରସଙ୍ଗକୁ ଭିନ୍ନ ମୋଡ଼ ଦେଇ ଅଧିକ ପ୍ରତିକ୍ରିୟା ପ୍ରବଣ କରି ପକାଉଛି। ଏହା ସୁସ୍ଥ ମାନସିକତାର ପରିଚାୟକ ନୁହେଁ, କିମ୍ବା ସମାଜ ପାଇଁ ମଧ୍ୟ ଶୁଭଙ୍କର ଲକ୍ଷଣ ନୁହେଁ ଜାଣି ମଧ୍ୟ ଏଥିରୁ କେହି କେହି ସାମୟିକ ଆନନ୍ଦ ଉତ୍ତେଜନା ଆହରଣ କରୁଛନ୍ତି ତ କେହି ରାଜନୈତିକ ଫାଇଦା ହାସଲ ପାଇଁ ଉଦ୍ୟମ ଜାରି ରଖୁଛନ୍ତି। ସୋସିଆଲ ମିଡିଆ ବ୍ୟବହାରକାରୀ ସଂପୃକ୍ତ ବ୍ୟକ୍ତିବିଶେଷ ଜାଣି ରଖିବା ଉଚିତ ଯେ ସମାଜରେ ଘଟୁଥିବା ସବୁ ଘଟଣା ଅଥବା ଦୁର୍ଘଟଣାର ସମସ୍ତେ କ'ଣ ଯଥାର୍ଥ ସମୀକ୍ଷକ ହୋଇ ପାରିବେ? ସୋସିଆଲ ମିଡିଆରେ ଯେ କୌଣସି ପ୍ରସଙ୍ଗରେ ଅବାଞ୍ଛିତ, ଅଶ୍ଳୀଳ, ଆସୌଜନ୍ୟମୂଳକ ମତ ଓ ମନ୍ତବ୍ୟ ଦେଉଥିବା ଅନଭିଜ୍ଞ ତଥାକଥିତ ସମୀକ୍ଷକଙ୍କୁ ଏଡ଼ାଇ ଯିବା ସର୍ବାଦୌ ବାଞ୍ଛନୀୟ।

ଅବନୀ ଚନ୍ଦ୍ର ଦାସ
ପ୍ରଶାନ୍ତି ବିହାର, ଭୁବନେଶ୍ୱର

# ଜନ୍ମଦେବୀରେ ଲୀଳାଖେଳା ସାରି ବାହୁଡ଼ିଲେ ମହାବାହୁ





**ତାଳଚେର,୫।୭/ଏନ୍‌ଏନ୍‌ଏସ୍:** ନବଦିନାତ୍ମକ ଯାତ୍ରାରେ ଜନ୍ମଦେବୀ ଆଡ଼ପମଣ୍ଡପରୁ ବାହୁଡ଼ିଛନ୍ତି ଦାରୁ ବିଗ୍ରହ। ଏନେଇ ରଥ ଓ ପଥ ପ୍ରସ୍ତୁତ। ବାହୁଡ଼ା ଯାତ୍ରା ଜନ୍ମଦେବୀରେ ଲୀଳାଖେଳା ସାରି ବାହୁଡ଼ିଲେ ମହାବାହୁ। ସେବାୟତମାନେ ଉଜ୍ଜଳିତ ସହ ଲକ୍ଷ୍ମୀଙ୍କୁ ବିଜେ କରିଛନ୍ତି। ସେପରି ଭକ୍ତମାନେ ମଧ୍ୟ ତାଙ୍କର ପ୍ରିୟ କାଳିଆ ସାନ୍ତେଙ୍କୁ ରଥରେ ବସାଇ ରଥଟାଣିନେବାକୁ ବ୍ୟାକୁଳ ହୋଇଥିଲେ। ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ଧରି ଶ୍ରୀମନ୍ଦିର ଫେରିବେ ଶ୍ରୀ ଜଗନ୍ନାଥ। ବାହୁଡ଼ାଯାତ୍ରାକୁ ଶୃଙ୍ଖଳିତରେ ସାରିବାକୁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା। ବାହୁଡ଼ା ଯାତ୍ରା ପାଇଁ ଆଜି ସନ୍ଧ୍ୟା ଦର୍ଶନ ନୀତିକାନ୍ତିକୁ ସଙ୍କୁଚିତ କରାଯାଇଥିଲା। ସନ୍ଧ୍ୟା ୪ଘଟିକାରେ ମନ୍ଦିର ପ୍ରଶାସନ ଦ୍ୱାରା ଆରମ୍ଭ ହୋଇଛି ବାହୁଡ଼ା ଯାତ୍ରା ପ୍ରସ୍ତୁତି। ଅନ୍ୟପକ୍ଷରେ ବାହୁଡ଼ାଯାତ୍ରା ପାଇଁ ନୀତିକାନ୍ତି ତ୍ୱରାନ୍ୱିତ କରାଯାଇଥିଲା। ମଙ୍ଗଳଆଳତୀ, ମଇଲମ, ତଡ଼ପଲାଗି ଓ ରୋଷହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଓ ବେଶଶେଷ ହୋଇ ସକାଳ ମଧ୍ୟରେ ଗୋପାଳ ବଲ୍ଲଭ, ସକାଳ ଧୂପ ଏବଂ ଭୋଗ ଲାଗିଥିଲା। ସେନାପଟ ଲାଗି, ମଙ୍ଗଳାର୍ପଣ, ବାହୁଡ଼ା ପହଣ୍ଡି ବେଶଶେଷ, ଛେରାପହଁରା, ଚାରମାଳ ଫିଟାଇ ରଥଟାଣିବା ପାଇଁ ନୀତିକାନ୍ତ ଚୂଡ଼ାନ୍ତ ହୋଇଥିଲା। ଆଜି ବାହୁଡ଼ାଯାତ୍ରା।

ଜନ୍ମଦେବୀରୁ ରତ୍ନବେଦୀକୁ ବାହୁଡ଼ିବେ ତିନିଠାକୁର। ଆଷାଢ଼ମାସ ଶୁକ୍ଳପକ୍ଷ ଦଶମୀ ବା ବାହୁଡ଼ା ଦଶମୀ ଦିନ ତିନି ଠାକୁର ଗୁଣ୍ଡିଚା ଘରୁ ବଡ଼ଦେଉଳକୁ ଫେରନ୍ତି। ଏହି ଫେରନ୍ତାକୁ କୁହାଯାଏ ବାହୁଡ଼ାଯାତ୍ରା। ବାହୁଡ଼ା ଯାତ୍ରା ବା ଦକ୍ଷିଣାଭିମୁଖୀ ଯାତ୍ରା। ନବମ ଦିବସରେ ଦେବତାମାନଙ୍କୁ ରଥରେ ଅଧିଷ୍ଠିତ କରାଇବା ପାଇଁ ସ୍କନ୍ଦପୁରାଣ ଉତ୍କଳ ଖଣ୍ଡରେ ଉଲ୍ଲେଖ ରହିଛି। ସେହିଦିନ ପ୍ରାତଃକାଳ ଅତ୍ୟନ୍ତ ସମୃଦ୍ଧିବାନ୍। ଭଗବାନ ବିଷ୍ଣୁଙ୍କର ପାଳିତ ଦକ୍ଷିଣାମୁଖୀ ଯାତ୍ରା ସେଦିନ ଦେଖିବା ଅତ୍ୟନ୍ତ ଦୁର୍ଲଭ। ତେବେ ସମ୍ପୂର୍ଣ୍ଣ ଯାତ୍ରାକୁ ତିନୋଟି ଅଙ୍ଗରୂପେ ଧରାଯାଇଛି। ଏଥିମଧ୍ୟରୁ ରଥଯାତ୍ରା ଗୋଟିଏ ଅଙ୍ଗ, ଗୁଣ୍ଡିଚା ମନ୍ଦିରରେ ଦ୍ୱିତୀୟବାସ ଅଙ୍ଗ ଓ ବାହୁଡ଼ାବିଜେ ପର୍ଯ୍ୟନ୍ତ ତୃତୀୟ ଅଙ୍ଗ ବୋଲି ବିବେଚନା ପୂର୍ବପୁରୁଷରୁ କରି ଆସିଛନ୍ତି। ତେବେ ଏହିପରି ତାଳଚେର ପ୍ରସିଦ୍ଧ ରଥଯାତ୍ରା ଓ ବାହୁଡ଼ାଯାତ୍ରା ମହାବାହୁଙ୍କର ରୀତିନୀତି ଅନୁସାରେ ପାଳନ ହୋଇ ଆସୁଛି। ବର୍ଷକୁ ଥରେ ମାତ୍ର ପ୍ରଭୁ ଦେଉଳଛାଡ଼ି ଯାତ୍ରା କରୁଥିବା ବେଳେ ପୁଣି ବାହୁଡ଼ା ଯାତ୍ରାଦିନ ବଡ଼ଦେଉଳକୁ ଫେରି ଆସନ୍ତି। ପୁରାଣରେ ଲେଖାଯାଇଥିବା କେଖାଦିନ୍ତୁ, ପ୍ରଭୁ ମା' ଲକ୍ଷ୍ମୀଙ୍କୁ ୬ଦିନ କହି ୯ଦିନ ଯାତ୍ରା କରିବା ପ୍ରଥା ମାତା ଲକ୍ଷ୍ମୀଙ୍କ କେହରେ ନଯାଉ ସେ ରାଗରୋଷ ଓ ଅଭିମାନ କରି ହେରାପଂଚମୀ ଦିନ ବଡ଼ଦେଉଳରୁ ଗୁଣ୍ଡିଚା ମନ୍ଦିରରେ ପହଁଚି ଯାଆନ୍ତି, ପ୍ରଭୁଙ୍କ ସହ ରାଗରୋଷ କରିବାକୁ। ତେବେ ପ୍ରଭୁ ରଥଯାତ୍ରା ଠାରୁ ଆରମ୍ଭ କରି ବାହୁଡ଼ା ଯାତ୍ରା ଓ ଏକାଦଶୀ ସାରି ପୁଣି ବଡ଼ଦେଉଳକୁ ବିଜେ କରିଥାନ୍ତି। ମା' ଲକ୍ଷ୍ମୀଙ୍କର ରାଗରୋଷ ଶିଖରେ ପହଞ୍ଚ ଯାଇଥିବାରୁ ମା'ଙ୍କ ରାଗ ଶାନ୍ତ କରିବାକୁ ପ୍ରଭୁ ତାଙ୍କ ପାଇଁ ସ୍ନେହର ସହ କିଛି ଲଡୁ ସାଥିରେ ନେଇ ବଡ଼ଦେଉଳ ଅଭିମୁଖେ ଯାତ୍ରା କରନ୍ତି। ଏହି ପ୍ରଭୁଙ୍କ ରଥଯାତ୍ରାଟି ବର୍ଷକୁ ଥରେ ହୋଇଥିବାରୁ ଶ୍ରଦ୍ଧାଳୁମାନେ ପ୍ରଭୁଙ୍କ ଯାତ୍ରା ଦେଖିବାକୁ ନିଜ ଭାଗ୍ୟର ସହ ତୁଳନା କରିଛନ୍ତି। ତେଣୁ ତାଳଚେରର ରଥଯାତ୍ରା ଏକ ଐତିହାସିକ ଓ ପୁରାତନ ଯୁଗରୁ ଚାଲି ଆସିଥିବାରୁ ରଥଯାତ୍ରାରେ ପ୍ରଚୁର ଭକ୍ତଙ୍କ ସମାଗମ ହେଉଥିବା ଇତିହାସ କହୁଛି। ଲକ୍ଷ୍ୟ କରନ୍ତୁ ଯିଏ ରଥାରୂଢ଼ ହୋଇ ବସିଲେ ସେ ହିଁ ସେ ସକଳ ଶକ୍ତିର ଆଧାର, ସେ ହିଁ ଦେବତା ତାହା ସବୁବେଳେ ନୁହେଁ। କୁରୁକ୍ଷେତ୍ରରେ ରଥାରୂଢ଼ ହୋଇଥିଲେ ଅର୍ଜୁନ, ସାରଥି ଥିଲେ କୃଷ୍ଣ। କିନ୍ତୁ କୃଷ୍ଣଙ୍କ ବିନା ମହାଭାରତରେ ଅର୍ଜୁନ ହୁଏତ ପ୍ରତିପ୍ରତି ଦେଖାଇ ପାରି ନଥାନ୍ତେ। ଅର୍ଥାତ୍ ଯିଏ ପରିଚାଳନା କରୁଛି ସିଏ ହିଁ ଯୁଦ୍ଧ ଜିତିବାର ମୁଖ୍ୟ ଭୂମିକା ନେଇଥାନ୍ତି। ଆଉ ଗୋଟିଏ କଥା ରଥଯାତ୍ରାରେ ଭକ୍ତଙ୍କ ଭୂମିକା ସର୍ବୋପରି କାରଣ ରଥକୁ ଭକ୍ତମାନେ ହିଁ ଟାଣିଥାନ୍ତି। ରଥଯାତ୍ରା ବେଳେ ବୃକ୍ଷରୋପଣ କରାଯିବାର ପ୍ରଥା ଓଡ଼ିଶା ସମେତ ସମଗ୍ର ଭାରତରେ ବହୁ ପ୍ରାଚୀନ ଯୁଗରୁ ରହି ଆସିଛି। ଏହାର କାରଣ ହେଲା ଜୁନର ମଧ୍ୟଭାଗରୁ ପୂର୍ବ ଭାରତର ମୌସୁମୀ ଆସିଯାଏ। ତେଣୁ ଚାଷବାସ ବୃକ୍ଷରୋପଣ ପାଇଁ ପରିବେଶ ଅନୁକୂଳ ହୁଏ। ତେଣୁ ଲୋକମାନଙ୍କର ଏହି ଯାତ୍ରା ଉପରେ ବିଶ୍ୱାସ ଏକ ଭକ୍ତିଭାବରେ ହୋଇଥାଏ। ବାହୁଡ଼ା ଯାତ୍ରାରେ ଆଜି ପ୍ରଭୁ ଜଗତରନାଥ ଜଗନ୍ନାଥ ସାଥିରେ ଭାଇ, ଭଉଣୀଙ୍କୁ ନେଇ ଅପରାହ୍ନ ୨.୪୫ମି ସମୟରେ ଗୁଣ୍ଡିଚା ମନ୍ଦିରରେ ରୀତିନୀତି ଅନୁଯାୟୀ ପଣ୍ଡିତମାନେ ତିନି ଦିଅଙ୍କୁ ପୂଜାର୍ଚ୍ଚନା କରି ପହଣ୍ଡି ବିଜେ ହୋଇ ବଡ଼ଦାଣ୍ଡରେ ରଥାରୂଢ଼ ହେବେ ଏବଂ ଶ୍ରୀ ମନ୍ଦିର ଅଭିମୁଖେ ଯାତ୍ରା କରିବେ। ତାଳଚେରରେ ଭକ୍ତଙ୍କ ଦ୍ୱାରା ରଥଟଣା ଯାଇ ରଥକୁ ବାହୁଡ଼ାଇ ନେବେ। ଘଣ୍ଟ, କାହାଳୀ, ହୁଳହୁଳି, ଓ ଭକ୍ତମାନେ ବିଭିନ୍ନ ଦେବାଦେବୀଙ୍କ ବେଶରେ ରଥ ସାମ୍ନାରେ ଅଗ୍ରସର ବଡ଼ଦାଣ୍ଡ ଦୁଲୁକି ଉଠି ପଡ଼ିବା ସହ ପ୍ରଭୁଙ୍କ ଏହି ବର୍ଷକରେ ଥରେ ରଥଯାତ୍ରାକୁ ବଡ଼ ଆନନ୍ଦ, ଉଲ୍ଲାସ ସହକାରେ ପାଳନ କରିଥାନ୍ତି।

## ବଡ଼ଦେଉଳରେ ହରଗୌରୀ କିନ୍ନର ସଂଘର ସେବାକାର୍ଯ୍ୟ



**ତାଳଚେର,୫।୭/ଏନ୍‌ଏନ୍‌ଏସ୍:** ଆଜି ପବିତ୍ର ବାହୁଡ଼ା ଯାତ୍ରା ଉପଲକ୍ଷେ ହରଗୌରୀ କିନ୍ନରସଂଘ ଦ୍ୱାରା ତାଳଚେର ଟାଉନ ବଡ଼ବଜାର ଗୁଣ୍ଡିଚାମନ୍ଦିର ଠାରୁ ଆରମ୍ଭକରି ବଡ଼ଦାଣ୍ଡସାହି ଓ ବଡ଼ଦେଉଳ ପର୍ଯ୍ୟନ୍ତ କିନ୍ନରମାନେ ଏକତ୍ରିତ ହୋଇ ଝାଡୁଧରି ସଫା ସୁତରା କରିଥିଲେ। ତାଙ୍କ କହିବା ମୁତାବକ ଯେ, ଆଜି ଝାଡୁଧରି ଆମ୍ଭେ ଯେଉଁ ସଫାସୁତରା କାର୍ଯ୍ୟ କରୁଛୁ ଏହା ଆମ ପାଇଁ ଏକ ସୌଭାଗ୍ୟର କଥା, ଜଗତର ନାଥ ଜଗନ୍ନାଥଙ୍କର ଏମିତି ସେବା କରିବା ସମସ୍ତଙ୍କ ସୌଭାଗ୍ୟରେ ନଥାଏ। ଆମ୍ଭ ସଂଘ ଦ୍ୱାରା ଆଜି ଯେଉଁ ପୂର୍ଣ୍ଣ୍ୟ କାର୍ଯ୍ୟ ହୋଇଛି ଏହା ଆମ ମନ, ଆତ୍ମାକୁ ତୃପ୍ତି କରିଦେଇଛି, ତେଣୁ ଆମ୍ଭେ ଆଶା ରଖୁ କି, ଆଗମୀ ରଥଯାତ୍ରାରେ ଭବାନଙ୍କ ସେବା କରିବା ଉଦ୍ଦେଶ୍ୟରେ ଏପରି ସୁଯୋଗ ମିଳିଲେ ଆମେ ନିଜକୁ ଧନ୍ୟମନେ କରିବୁ ବୋଲି ସେଠାରେ ଉପସ୍ଥିତ ଥିବା କିଛି ଗଣମାଧ୍ୟମ ପ୍ରତିନିଧିଙ୍କ ସମ୍ମୁଖରେ ପ୍ରକାଶ କରିଥିଲେ। ତେବେ କିନ୍ନର ସଂଘର ଏପରି ସେବାକାର୍ଯ୍ୟକୁ ଦେଖି ସ୍ଥାନୀୟ ଲୋକେ ଖୁସିବ୍ୟକ୍ତ କରିବା ସହିତ କିନ୍ନର ସଂଘ ପ୍ରଶଂସାର ପାତ୍ର ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଚକୁଳିଗଡାରୁ ଦେବିଦୋଳ ରାସ୍ତା ମରାମତି ଦାବି



**ନାଉଗାଁ,୫।୭/ଏନ୍‌ଏନ୍‌ଏସ୍:** ଜଗତସିଂହପୁର ଜିଲ୍ଲା ପୂର୍ତ୍ତ ବିଭାଗ ଅଧିନରେ ଥିବା ନାଉଗାଁ ବ୍ଲକ୍ ଅନ୍ତର୍ଗତ ରୋହିଆ ପଞ୍ଚାୟତର ଚକୁଳି ଠାରୁ ଦେବିଦୋଳ ପର୍ଯ୍ୟନ୍ତ ଏକ କିଲୋମିଟର ରାସ୍ତାର ଅବସ୍ଥା ଏବେ ଖାଲଖମାରେ ପରିଣତ ହୋଇଥିବା ବେଳେ ଯାତାୟତରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ତେବେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟ ଗତ ଦୁଇମାସ ପୂର୍ବେ ଚକୁଳିଗଡା ଠାରୁ ଆରଖକୁଦ ପର୍ଯ୍ୟନ୍ତ ପିଚୁ ମରାମତି ହୋଇଥିବା ବେଳେ ବିଭାଗର ଅଣଦେଖା ଓ ଅବହେଳା କାରଣରୁ ଠିକାଦାରମାନେ ଉକ୍ତ ରାସ୍ତାର ମରାମତି କାର୍ଯ୍ୟକୁ ଅତି ନିମ୍ନମାନର କରିଥିବା ଅଭିଯୋଗ ହେଉଥିବା ବେଳେ ଚକୁଳିଗଡା ଠାରୁ ଦେବିଦୋଳ ପର୍ଯ୍ୟନ୍ତ ରାସ୍ତାକୁ ପିଚୁ କରାଯାଇ ନାହିଁ। ଫଳରେ ଏବେ ଉକ୍ତ ରାସ୍ତାଟିର ଅଧିକାଂଶ ସ୍ଥାନରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ରୋହିଆ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ପ୍ରାୟ ଶତାଧିକ ଲୋକ ଯାତାୟାତ ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭରଶୀଳ ହୋଇଥିବା ବେଳେ ବର୍ତ୍ତମାନ ରାସ୍ତାର ଏଭଳି ପରିସ୍ଥିତି ଯାହାକି ସାଧାରଣ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଏମିତିକି ଏବେ ଲଘୁଚାପ ଜନିତ ବର୍ଷାରେ ଉକ୍ତ ରାସ୍ତାରେ ଥିବା ଖାଲଖମା ଗୁଡ଼ିକ ଜଳପୂର୍ଣ୍ଣ ଅବସ୍ଥାରେ ରହୁଥିବାରୁ ଅଜଣା ଯାତ୍ରୀମାନେ ଏହି ଖାଲଖମାରେ ନିଜର ଭାରସ୍ୟାମ ହରାଇ ପଡ଼ି ଖଣ୍ଡିଆ ଖାବରା ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ତୁରନ୍ତ ମରାମତି କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

## ରସ୍ତାରେ ମାଟି ପଡିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ



**ଧର୍ମଶାଳା,୫।୭/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଅନ୍ତର୍ଗତ ୧୪ ନଂ ୱାର୍ଡକୁ ସଂଯୋଗ କରୁଥିବା ରାସ୍ତାରେ ମାଟି ପଡିଥିବାରୁ ଯାତାୟତ ବାଧାପ୍ରାପ୍ତ ହେଉଛି। ସୂଚନା ମୁତାବକ ପଣ୍ଡୁଆ ଗ୍ରାମର ୧୪ ନଂ ୱାର୍ଡକୁ ସଂଯୋଗ କରୁଥିବା କଂକ୍ରିଟ ରାସ୍ତା କିଛି ଅଂଶ ଦୀର୍ଘ ଦିନ ହେଲା ଭାଙ୍ଗି ଯାଇଛି। ଫଳରେ ବର୍ଷା ଦିନରେ ରାସ୍ତାରେ ଆଣ୍ଠୁଏ ଲେଖାଏଁ ପାଣି ଜମିକି ରହୁଥିବାରୁ ଯାତାୟତ ସୁବିଧା ପାଇଁ ସ୍ଥାନୀୟ ୱାର୍ଡର ଜୈନକ ବ୍ୟକ୍ତି ବେଆଇନ ଭାବେ ସେଠାରେ ମାଟି ଆଣି ପକାଇ ଦେବା ଫଳରେ ଉକ୍ତ ରାସ୍ତାରେ ଯିବା ଆସିବା କରିବା ଅସମ୍ଭବ ହୋଇପଡିଛି। ରାସ୍ତାରେ ମାଟିପଡିବା ଫଳରେ ରାସ୍ତାଟି କାଦୁଅ ପଚପଚ ହେବା ସହ ବର୍ଷା ଜଳ ନିଷ୍କାସିତ ନହୋଇ ରାସ୍ତା ଉପରେ ଜମିକି ରହୁଛି। ଫଳରେ ପୁର୍ବପେକ୍ଷା ଏହି ରାସ୍ତାଦେଇ ଯାତାୟତ କରିବା ଅସମ୍ଭବ ହୋଇପଡିଛି। ଅନ୍ୟଉପାୟ ନଥିବାରୁ ଲୋକେ ଏହି ରାସ୍ତା ଦେଇ ଯିବାକୁ ବାଧ ହେଉଛନ୍ତି। ଫଳରେ ଅନେକ ସମୟରେ ଲୋକେ ରାସ୍ତାରେ ଖସିପଡି ଖଣ୍ଡିଆ ଖାବରା ହେଉଛନ୍ତି। ଏନେଇ ୱାର୍ଡବାସୀ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ହେଁ କିଛି ସୁଫଳ ମିଳୁ ନଥିବା ଅଭିଯୋଗ କରିଛନ୍ତି। ତେବେ ରାସ୍ତାରେ ବେଆଇନ ଭବେ ପଡିଥିବା ମାଟିକୁ ହଟାଯାଇ ପୁନର୍ବାର ଏହି ରାସ୍ତାକୁ କଂକ୍ରିଟ ଦ୍ୱାରା ମରାମତି କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ପଥରକ୍ଷଣୀ-ପୋଇପାଟ ରାସ୍ତା ଶୋଚନୀୟ



**କେନ୍ଦ୍ରାପଡ଼ା,୫।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଗାଙ୍ଗପଡ଼ା ପଞ୍ଚାୟତର ପଥରକ୍ଷଣୀ-ପୋଇପାଟ ରାସ୍ତା ଶୋଚନୀୟ ହୋଇପଡିଛି। ନିମ୍ନମାନର ରାସ୍ତା ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇଥିବାରୁ ଏହିପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀମାନେ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨ ବର୍ଷ ତଳେ ଏହି ରାସ୍ତା ନିର୍ମାଣ ହୋଇଥିଲା। କିନ୍ତୁ ଦୁଇ ବର୍ଷ ନ ଯାଉଣୁ ରାସ୍ତାର ଅବସ୍ଥା ସଙ୍ଗୀନ ହୋଇଗଲାଣି। ପୋଇପାଟ ଗ୍ରାମରେ ୮୦ ପରିବାରର ପ୍ରାୟ ୫୦୦ରୁ ଉର୍ଦ୍ଧ ଲୋକ ବାସ କରୁଛନ୍ତି। ଏହି ରାସ୍ତାଦେଇ କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇକୁ ଯିବା ଆସିବା କରିବା ସହିତ କଟକ ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇର ଏହା ହେଉଛି ମଧ୍ୟସ୍ଥଳ। ରାସ୍ତା ଏପରିକି ହୋଇଛି ଯେ ବର୍ଷାଦିନରେ ରାସ୍ତାରେ ପାଣି ଭର୍ତ୍ତି ହୋଇଯାଉଛି ଏ ସଂକ୍ରାନ୍ତରେ ଗ୍ରାମବାସୀମାନେ କୁହନ୍ତି ଯେଉଁ ଠିକାଦାର ଏହି ରାସ୍ତା କାମ କରିଛନ୍ତି ତାଙ୍କ ବିରୋଧରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ତୁରନ୍ତ ଏହି ରାସ୍ତା ମରାମତି ପାଇଁ ଗ୍ରାମବାସୀମାନଙ୍କ ପକ୍ଷରୁ ଦାବୀ ହେଉଛି।

## ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ



**ରାଜନଗର,୫।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ଡେରା ପଞ୍ଚାୟତ କାଠପଙ୍ଗରା ଗ୍ରାମରେ ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଗ୍ରାମର ବେଣୁଧର ସାମଲଙ୍କ ସ୍ତ୍ରୀ କବିତା ସାମଲ(୪୭) ଘରେ ଶୋଇଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ସାପ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ପରୀକ୍ଷା ନିରୀକ୍ଷା କରିବା ପରେ ମୃତ ଘୋଷଣା କରିଥିଲେ। ଏନେଇ ମୃତ କବିତାଙ୍କ ଭାଇ ସିଦ୍ଧେଶ୍ୱର ଚମ୍ପତିରାୟ ରାଜନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ପହଞ୍ଚି ଶବକୁ ଜବତ କରିଥିଲା। ୧୭/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଛେଦ ପାଇଁ ପଠାଇଥିଲା। ଶବ ବ୍ୟବଛେଦ ପରେ ଗାଁ ମଶାଣୀରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ମୃତ କବିତାଙ୍କର ଏକମାତ୍ର ଝିଅ ଅଛି।

## ମୁଗୁପାଳ ଉଚ୍ଚ ବିଦ୍ୟାଳୟରେ ବନମହୋତ୍ସବ



**କୁଆଖିଆ,୫।୭/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ଜେନାଙ୍କ ଅଧ୍ୟକ୍ଷତାରେ ବନମହୋତ୍ସବ ପାଳନ କରାଯାଇଛି। ଏଥିରେ ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ, ରସୁଲପୁର ଡା. ପ୍ରଭଞ୍ଜନ ପତି ମୁଖ୍ୟ ଅତିଥି ଭାବେ, ସାଧନ ସଂଯୋଜକ ବୈଜୟନ୍ତି ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁ ସଦସ୍ୟ ପ୍ରମୋଦ କୁମାର ଦାଶ ଏବଂ ଶ୍ୟାମସୁନ୍ଦର ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୃକ୍ଷ ରୋପଣ କରିଥିଲେ। ଇକୋ କ୍ଲବ୍ ତତ୍ତ୍ୱାବଧାରକ ତଥା ବିଜ୍ଞାନ ଶିକ୍ଷକ ବିଷ୍ଣୁ ଚରଣ ସାହୁଙ୍କ ପରିଚାଳନାରେ ଇକୋ କ୍ଲବ୍ ସଦସ୍ୟ ପିଲାମାନେ ଏବଂ ଚଳିତ ବର୍ଷ ବିଦ୍ୟାଳୟରୁ ମ୍ୟାଟ୍ରିକ ପରୀକ୍ଷାରେ ଏ୧ ପାଇଥିବା ତିନିଜଣ ପିଲା ଜ୍ୟୋର୍ତିମୟୀ ସାହୁ, ଯୋଗେଶ କୁମାର ସାହୁ, ଆତ୍ମବିତ୍ତ ଷଡ଼ଙ୍ଗୀ ଏବଂ ବରିଷ୍ଠ ଶିକ୍ଷୟିତ୍ରୀ ପଙ୍କଜିନୀ ନାୟକଙ୍କ ସହ ଅନ୍ୟମାନେ ମଧ୍ୟ ଗୋଟିଏ ଲେଖାଏଁ ଗଛ ଲଗାଇଥିଲେ। ବନମହୋତ୍ସବ ପାଳନର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋଚନା ମଧ୍ୟ କରାଯାଇଥିଲା।

## ମହାବିନାୟକ ବିଦ୍ୟାୟନ ବିଦ୍ୟାଳୟରେ ବନମହୋତ୍ସବ




**ବଡ଼ଚଣା,୫।୭/ଏନ୍‌ଏନ୍‌ଏସ୍:** ବଡଚଣା ବ୍ଲକ୍‌ର ସର୍ବପୁରାତନ ବିଦ୍ୟାଳୟ 'ମହାବିନାୟକ ବିଦ୍ୟାୟନ'ରେ ଆଜି ବନମହୋତ୍ସବ ସପ୍ତାହ ମହାସମାରୋହରେ ପାଳିତ ହୋଇଯାଇଛି। ପରିବେଶର ସୁରକ୍ଷା ପାଇଁ ବୃକ୍ଷର ଆବଶ୍ୟକତା ରହିଛି। ରାଜ୍ୟ ବନବିଭାଗ, ପରିବେଶବିତ୍, ସମାଜସେବୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସମସ୍ତ ଶିକ୍ଷାନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀମାନେ ଦାଇତ୍ୱ ବହନ କରି ଏ ବର୍ଷା ଦିନରେ ଗଛ ଲଗାଇ ଯତ୍ନ ନେବାର ଆବଶ୍ୟକତା ରହିଛି। ଏହି ବନମହୋତ୍ସବ ସପ୍ତାହରେ ମହାବିନାୟକ ବିଦ୍ୟୟନ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ବିଦ୍ୟାୟଳର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଲତା ଦେଇଙ୍କ ଅନୁରୋଧ କ୍ରମେ ବଡଚଣା ପଞ୍ଚୟଟର ସମିତି ସଭ୍ୟ ମଧୁସୂଦନ ବଳ ଯୋଗଦେଇ ବିଦ୍ୟାୟାନ ପରିସରରେ ବୃକ୍ଷ ରୋପଣ କରି ସବୁ ଛାତ୍ରଛାତ୍ରୀମାନେ ନିଜ ବାଡିରେ ଗଛଟିଏ ଲଗାଇ ଯତ୍ନ ନେବା ପାଇଁ ପରାମର୍ଶ ଦେଇଥିଲେ। ବୃକ୍ଷ ରୋପଣ ପରେ ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ବାହାରି ପରିକ୍ରମା କରାଯାଇ ଗଛର କଣ ଆବଶ୍ୟକ ସେ ସଂପର୍କରେ ସ୍ଲୋଗାନ ଦେଇ ଛାତ୍ରଛାତ୍ରୀମାନେ ସଚେତନତା ସୃଷ୍ଟି କରିଥିଲେ। ଏହି ଶୋଭାଯାତ୍ରାରେ ଶିକ୍ଷୟିତ୍ରୀ ସ୍ମିତାରାଣୀ ସ୍ୱାଇଁ, ଶିକ୍ଷକ ସତ୍ୟବ୍ରତ କୁଣ୍ଡୁ, ଗଗନ ବାରିକ୍, ସୋନାଲି ଶୁଭଦର୍ଶିନୀ ମହାପାତ୍ର, ଶ୍ରୀକାନ୍ତ ନନ୍ଦ, ରଶ୍ମିତା ସେଠୀ, ରୋଜାଲୀନ ଜେନା, ମନସ୍ୱିନୀ ମଲ୍ଲିକ, ଦେବେନ୍ଦ୍ର ପ୍ରସାଦ ମହାନ୍ତି, ଅଭୟ କୁମାର ପ୍ରତାପ, ମହେନ୍ଦ୍ର କୁମାର ନାୟକ ପ୍ରମୁଖ ଯୋଗଦେଇ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବଜାର ପରିକ୍ରମା କରି ସଚେତନତା ସୃଷ୍ଟି କରିଥିଲେ। ଏହା ଏକ ଜନ ସଚେତନତା ଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଲତା ଦେଇ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ୟୁକୋ କ୍ଲବ୍ ପକ୍ଷରୁ ସମ୍ପୂର୍ଣ୍ଣ ସହାୟତା କାରଯାଇ ଥିଲା।

### ଦକ୍ଷିଣମୋଡ଼ ନେଲେ ବ୍ରହ୍ମତାଳଧ୍ୱଜ ରଥ

## ଆଡ଼ପମଣ୍ଡପ ଛାଡି ରଥାରୂଢ଼ ହେଲେ ଶ୍ରୀବଳଦେବଜିଉ, ଆଜି ରଥଟଣା



**କେନ୍ଦ୍ରାପଡା,୫।୭/ଏନ୍‌ଏନ୍‌ଏସ୍:** ଆଜି ପବିତ୍ର ବାହୁଡା ଉପଲକ୍ଷେ ତୁଳସୀକ୍ଷେତ୍ରର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀବଳଦେବଜିଉଙ୍କ ବ୍ରହ୍ମ ତାଳଧ୍ୱଜ ରଥ ଦକ୍ଷିଣମୋଡ ହେବା ପରେ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ଶ୍ରୀଜିଉମାନଙ୍କୁ ଧାଡି ପହୁଣ୍ଡିରେ ରଥରେ ବିଜେ କରାଯାଇଛି। ତୁଳସୀକ୍ଷେତ୍ରର ଶ୍ରୀ ବଳଦେବଜିଉଙ୍କର ଏହି ନବାଦିନାତ୍ମକ ଯାତ୍ରା ଶେଷ କରି ପାରମ୍ପରିକ ଭାବେ ରଥା ରୁଢ ହୋଇଛନ୍ତି। ଆସନ୍ତାକାଲି ଦ୍ୱିତୀୟ ବାହୁଡାରେ ଶ୍ରୀଜିଉମାନଙ୍କ ରଥଟଣା ଯାଇ ସିଂହଦ୍ୱାର ନିକଟକୁ ନିଆଯିବ। ବାହୁଡା ଉପଲକ୍ଷେ ଜିଉଙ୍କ ଜୟମଙ୍ଗଳା ଆରତୀ, ନୀତିସ୍ନାନ, ବଲ୍ଲଭ ମଣୋହୀ, ଖେଚୁଡି ଧୂପ, ସେନାପଟା, ମଙ୍ଗଳାର୍ପଣ ପରେ ମାଉସୀ ମା' ମନ୍ଦିର ନିକଟରୁ ଏହି ରଥଟଣା ଆରମ୍ଭ ହେବ। ଏହି ବାହୁଡାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ସମାପନ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟରିଆ, ଉପଜିଲ୍ଲାପାଳ ଅରୁଣ ନାୟକ ପ୍ରମୁଖ ରଥ ନିକଟର ରହି ଆଜିର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ଦିର ଟ୍ରଷ୍ଟ ବୋର୍ଡର ନିର୍ବାହି ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆର ସିଂ, ପ୍ରମୁଖ ଉପସ୍ଥିତ ଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ୪ ଜଣ ଡିଏସ୍‌ପିଙ୍କ ସମେତ ଜଣେ ଏସପି ଓ ୧୬ ପ୍ଲାଟୁନ୍ ପୁଲିସ୍ ନିୟୋଜିତ ହୋଇଛନ୍ତି।

## ଧର୍ମଶାଳାରେ ଜଗନ୍ନାଥଙ୍କ ବାହୁଡ଼ାଯାତ୍ରା

**ଧର୍ମଶାଳା,୫।୭/ଏନ୍‌ଏନ୍‌ଏସ୍:** ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ପ୍ରସିଦ୍ଧ ବାହୁଡାଯାତ୍ରା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସ୍ଥାନରେ ଥିବା ମାଉସୀମା ମନ୍ଦିରରେ ୯ଦିନ ରହଣୀ ପରେ ପ୍ରଭୁ ଜଗନ୍ନାଥ, ବଡଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ସାଙ୍ଗରେ ଧରି ଆଜି ମନ୍ଦିର ପରିସରକୁ ଫେରିଛନ୍ତି। ମନ୍ଦିରର ସେବାୟତମାନେ ଶ୍ରୀ ଜୀଉଙ୍କ ପୂଜାର୍ଚ୍ଚନା କରି ପାଛୋଟି ଆଣିଥିଲେ। ଏହି ବାହୁଡାଯାତ୍ରାରେ ଧର୍ମଶାଳା ହାଟପଡିଆସ୍ଥିତ ମାଉସି ମା ମନ୍ଦିରରେ ଧର୍ମଶାଳା ମୁନ୍‌ସୀମିଳନ କମିଟି ଓଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ମିଳିତ ଭାବେ ଅପରାହ୍ନ ସାଢେ ଚାରିଟାରୁ ରଥଟଣା ଆରମ୍ଭ ହୋଇ ଧର୍ମଶାଳା ବଜାର,ଶାନ୍ତିବଜାର, ବୁଦ୍ଧଛକ, ଜାରକା ବଜାର ଦେଇ ଭାଲୁଖାଇ ମନ୍ଦିର ରେ ପହଁଚିଥିଲା। ଠାକୁରଙ୍କ ଏହି ବାହୁଡାଯାତ୍ରା ସମୟରେ ବିଭିନ୍ନ ଛକ ମାନଙ୍କରେ ଭଜନ ପରିବେଷଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଆଖପାଖ ଅଞ୍ଚଳର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇ ରଥ ଟାଣିଥିବା ବେଳେ ବିଭିନ୍ନ ସ୍ଥାନରେ ମହିଳାମାନେ ରାସ୍ତାରେ ମୁରୁଜ ପକାଇବା ସହ କଳସ ବସାଇ ଠାକୁରଙ୍କୁ ବନ୍ଦାପନା କରିଥିଲେ। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ବାହୁଡାଯାତ୍ରାରେ ଯୋଗଦେଇ ରଥାରୁଡ ଠାକୁରଙ୍କୁ ଦର୍ଶନ କରିବା ସହ ରଥ ଟାଣିଥିଲେ। ମୁନ୍‌ସୀମିଳନ କମିଟି ସଭାପତି ତଥା ଥାନା ଅଧିକାରୀ ରଞ୍ଜନ କୁମାର ମାଝି, ସମ୍ପାଦକ ପ୍ରମୋଦ ଦାସ, ଗଗନ ବରାଳ,ବିଚିତ୍ର ସ୍ୱାଇଁ,ଚନ୍ଦ୍ରମଣି ପଣ୍ଡିତ,ରବିନ୍ଦ୍ର କୁମାର ମହାନ୍ତି, ଆଲୋକ ଲେଙ୍କା, ଶରତ ଓଝା,ମନୋଜ ରାଉଳ,ରବିନ୍ଦ୍ର ମହାନ୍ତି,ପ୍ରବୋଧ ପାତ୍ର, ଅମୀୟ ମହାନ୍ତି ଭାଲୁଖାଇ ଜଗନ୍ନାଥ ମନ୍ଦିର କମିଟିର କାର୍ଯ୍ୟକାରୀ ସଭାପତି ଇଂ କଳ୍ପତରୁ ସାହୁ ,ସମ୍ପାଦକ ମନୋଜ ରଣା ,ଅଭୟ ରଉତ, ପ୍ରଭୁଦତ ଜେନା,ଜ୍ଞାନେନ୍ଦ୍ର ରାଉତ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପଇଁ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଆସନ୍ତାକାଲି ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହେବ।

## ବାହୁଡ଼ାଯାତ୍ରାରେ ବଡଦେଉଳ ଅଭିମୁଖେ ମହାବାହୁ

**ପରଜଙ୍ଗ,୫।୭/ଏନ୍‌ଏନ୍‌ଏସ୍:** ଗୁଣ୍ଡିଚା ମନ୍ଦିରରେ ନବ ଦିନ ଲୀଳା ସାରୀ ଚତୁର୍ଦ୍ଧାମୂର୍ତ୍ତି ବଡଦେଉଳ ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପରଜଙ୍ଗ ବଜାର ସ୍ଥିତ ଗୁଣ୍ଡିଚା ମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡ଼ା ପହଣ୍ଡି ବ୍ରାହ୍ମଣ ଗୋସାଇଁମାନେ କରିବା ସହ ରଥ ଉପରେ ପରଜଙ୍ଗ ଓକିଲ ସଂଘର ସଭାପତି ଅଶୋକ କୁମାର ଦଳବେହେରାଙ୍କ ଛେରାପହଁରା ରଥ ଟାଣିବା ପାଇଁ କୀର୍ତ୍ତନ ମଣ୍ଡଳୀ ଓ ଘଣ୍ଟୁଆଁଙ୍କ ପଟୁଆର ଦେଖିବା ପାଇଁ ଭକ୍ତମାନଙ୍କ ଭରପୁର ହୋଇ ଉଠିଥିଲା ପରଜଙ୍ଗ ବଜାର ସ୍ଥିତ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ। ବର୍ଷାରେ ଭିଜି ଭିଜି କାଳିଆ ଠାକୁରଙ୍କୁ ଟିକେ ଦେଖିବା ପାଇଁ ବହୁ ସଂଖ୍ୟକ ଭକ୍ତଙ୍କ ସମାଗମ ହୋଇଥିଲା। ରଥାରୁଢ଼ ମହାବାହୁଙ୍କ ଦିବ୍ୟ ଦର୍ଶନ ପାଇବା ପାଇଁ ପୁଣି ବର୍ଷେ। ବିଭିନ୍ନ ଯୁବ ସ୍ୱେଚ୍ଛସେବୀ ସେବା ଏବଂ ପରଜଙ୍ଗ ପୁଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା, ସୁରକ୍ଷା ବ୍ୟବସ୍ଥା ଓ ଯାନ ବାହାନ ନିୟନ୍ତ୍ରଣ ପାଇଁ ପୁଲିସ ମୁତୟନ ହୋଇଥିଲେ। ଭୋର ସକାଳୁ ମଙ୍ଗଳ ଆଳତି ପରେ ସମୟ ନିର୍ଘଣ୍ଟ ଅନୁସାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପୂଜା ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇ ଦିବା ସାଢ଼େ ତିନିଟା ବେଳକୁ ବାହୁଡ଼ା ପହଣ୍ଡି ଆରମ୍ଭ ହୋଇଥିଲା। ଛେରା ପହଁରା ପରେ ସାଢ଼େ ଚାରିଟା ବେଳକୁ ଦାରୁବ୍ରହ୍ମ ଚତୁର୍ଦ୍ଧାମୂର୍ତ୍ତି ରଥାରୂଢ଼ ହୋଇଥିଲେ। ସାରଥୀ ବଣ୍ଣୁ ବେହେରା ରଥ ଗୀତଗାନ ଶୁଣି ଭକ୍ତମାନେ ରଥ ଦଉଡି ଟାଣି ଟାଣି ବଡ ଦେଉଳ ଅଭିମୁଖେ ନେଇଥିଲେ। ରଥ ଆଗକୁ ଯେତିକି ବଢୁଥିଲା ବର୍ଷାର ଗତି ସେତିକି ବଢୁଥିଲା।

## ସରିଲା ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା

**କାମାକ୍ଷାନଗର,୫।୭/ଏନ୍‌ଏନ୍‌ଏସ୍:** କାମାକ୍ଷାନଗର ସହର ଓ ଆଖପାଖରେ ମହାସମାରୋହରେ ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସହରର ଅନନ୍ତପୁର ସ୍ଥିତ ମାଉସୀ ମା ମନ୍ଦିରରେ ଆଡ଼ମ୍ବରରେ ରୀତିନୀତି ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ନୀତିକାନ୍ତି ସମାପନ କରାଯାଇ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୂଜକ ସତୀଶ ପ୍ରସାଦ ଆଚାର୍ଯ୍ୟଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ସକାଳ ଧୂପ ଠାରୁ ଆରମ୍ଭ କରି ସମସ୍ତ ରୀତିନୀତି ଅନୁସାରେ ପୂଜା କାର୍ଯ୍ୟ ହୋଇଥିଲା। ଅପରାହ୍ନ ତିନିଟା ସମୟରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ କରାଯାଇଥିଲା। ପରେ କାମାକ୍ଷାନଗରର ଗଜପତି ସୁବ୍ରତ ରଞ୍ଜନ ତ୍ରିପାଠୀ ଛେରାପହଁରା କରିଥିବା ବେଳେ ବର୍ଷା ପାଗ ସତ୍ତ୍ୱେ ହଜାର ହଜାର ସଂଖ୍ୟାରେ ଭକ୍ତମାନେ ରଥକୁ ଭିଡି ନେଇଥିଲେ। ସନ୍ଧ୍ୟା ୬ ଟାରେ ରଥ ଜଗନ୍ନାଥ ବଜାର ସ୍ଥିତ




ଜଗନ୍ନାଥ ମନ୍ଦିର ଛକ ନିକଟରେ ପହଞ୍ଚିଥିଲା। ସଞ୍ଜୟ କୁମାର ମିଶ୍ର, ଶ୍ରୁତିପଦ ନନ୍ଦ, ଶିଶିର କାନ୍ତ ପଣ୍ଡା, ପ୍ରିୟବ୍ରତ ପଣ୍ଡା, ହିମାଂଶୁ ମହାପାତ୍ର, ଅଜିତ ଦାଶ, ପ୍ରତ୍ୟୁଷ ମିଶ୍ର, ବିଜୟ ଓଝା, ପ୍ରମୁଖ ମହାପ୍ରଭୁଙ୍କ ସେବାକାର୍ଯ୍ୟରେ ନିୟୋଜିତ ରହିଥିଲେ। ସେହିପରି ଆଳତୁମା ଗ୍ରାମରେ ଥିବା ଦଧିବାମନଜିଉଙ୍କ ମନ୍ଦିରରେ ମଧ୍ୟ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିରିଡାମାଳି, ବାଇସିଙ୍ଗା, ମହୁଲି, ବଡ଼ସୁଆଁଳ ପ୍ରଭୃତି ଗ୍ରାମରେ ବାହୁଡ଼ା ଯାତ୍ରା ମହା ସମାରୋହରେ ପାଳିତ ହୋଇଯାଇଛି। କାମାକ୍ଷାନଗର ଥାନା ଅଧିକାରୀ ଆଶିଷ ଜେନାଙ୍କ ନେତୃତ୍ୱରେ ଆରକ୍ଷୀ ବାହିନୀ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ଖୁବ୍‌ଶୀଘ୍ର ଶାରଳା ସୂତାକଳ ସ୍ଥାନରେ ଟେକ୍ସଟାଇଲ ମିଲ୍



**ଜଗତ୍‌ସିଂହପୁର,୫।୭/ଏନ୍‌ଏନ୍‌ଏସ୍:** ଖୁବ୍‌ଶୀଘ୍ର ତିର୍ତ୍ତୋଲ ନାଉଗିରା ସ୍ଥିତ ଶାରଳା ସମବାୟ ସୂତାକଳ ସ୍ଥାନରେ ଏକ ଟେକ୍ସଟାଇଲ ମିଲ୍ ଖୋଲିବାକୁ ଯାଉଛି । ଯାହାଦ୍ୱାରା ଜିଲ୍ଲାର ଶତାଧିକ ବେକାରୀ ଯୁବକ ଓ ଯୁବତୀମାନେ କର୍ମ ନିଯୁକ୍ତି ପାଇ ପାରିବେ ବୋଲି ଶନିବାର ପାରାଦୀପ ବିଧାୟକ ତଥା ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଉକ୍ତ ମିଲ ପରିଦର୍ଶନ ସମୟରେ ସୂଚନା ପ୍ରଦାନ କରିଛନ୍ତି । ଜିଲ୍ଲାରେ ଏହି ଟେକ୍ସଟାଇଲ ମିଲ ଖୋଲିବା ନିମନ୍ତେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ । ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଗତସିଂହପୁର ଜିଲ୍ଲା ଉତ୍ସବ କଲ୍ୟାଣ ୨୦୨୫ରେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ଦାବି ରକ୍ଷା କରିବା ସହିତ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ଏଥି ନିମନ୍ତେ ଖୋଲା ଦିଆଯାଇଥିବା ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କ ସହିତ ଜିଲ୍ଲାପାଳ ଜେ ସୋନାଲ ଏବଂ ବିଭାଗୀୟ କର୍ମକର୍ତ୍ତାମାନେ ଯାଇ ସରଜମିନ ଅନୁଧାନ କରିଛନ୍ତି । ଯାହାକୁ ନେଇ ଅଞ୍ଚଳର ଶ୍ରମିକମାନେ ଏବଂ ବେକାର ଯୁବକ ଯୁବତୀଙ୍କ ମୁହଁରେ ହସ ଫୁଟିଥିବା ଦେଖାଯାଉଛି । ପ୍ରକାଶ, ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଦ୍ୱାରା ନାଉଗିରା ଠାରେ ୮ଏକର ଲିଜ ଜାଗା ସହିତ ୨୪ ଏକର ଜାଗାରେ ଶାରଳା ସମବାୟ ସ୍ପିନିଂ ମିଲ ପ୍ରତିଷ୍ଠା କରାଯାଇଥିଲା । ଏହି ମିଲରେ ଶତାଧିକ ଜନ ସାଧାରଣ କର୍ମ ନିଯୁକ୍ତି ପାଇବା ସହିତ ଲାଭରେ ଚାଲିବା ନେଇ ଅଂଚଳରେ ଗୌରବମୟ ସୃଷ୍ଟି କରିଥିଲା । ଭଲ ସୂତା ଉତ୍ପାଦନ ନେଇ ଦେଶ ଓ ବିଦେଶରେ ଚାହିଦା ମଧ୍ୟ ଥିଲା । କାଳକ୍ରମେ ଉକ୍ତ ମିଲର ପରିଚାଳନାରେ ତ୍ରୁଟି ଯୋଗୁ କ୍ଷତିରେ ଚାଲିବା ଆରମ୍ଭ କରିଥିଲା । କ୍ଷତି ପରିମାଣ ଏତେ ପରିମାଣରେ ବୃଦ୍ଧି ଘଟିଥିଲାରେ ବାଧ ହୋଇ ସେଠାରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଛଟେଇ କରି ଦିଆ ଯାଇଥିଲା । ତେବେ କ୍ଷତିର ଭରଣ ମିଲ କିମ୍ବା ତତ୍‌କାଳିନ ସରକାର ବହନ କରି ନପାରିବାରୁ ଦୀର୍ଘ ୨୫ବର୍ଷ ହେଲା ଉକ୍ତ ମିଲଟି ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଥିଲା । ବିଜେଡି ସରକାରଙ୍କ ସମୟରେ ଜଗତସିଂହପୁର ବିଧାୟକ ସ୍ୱର୍ଗତ ବିଷ୍ଣୁ ଦାସ ମିଲକୁ ଚଲାଇବା ପାଇଁ ବହୁ ଉଦ୍ୟମ କରିବା ସହିତ ସେଠାରେ ପାଖାପାଖି ୧କୋଟି ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ବହୁ ବେକାର ହୋଇଥିଲା । ମହାବାତ୍ୟା ଓଡ଼ା ୧୯୯୯ ମସିହାରେ ମିଲଟି ସମ୍ପୂର୍ଣ୍ଣ ଭାଙ୍ଗି ଯାଇ ଛାରଖାର ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନ ଉପରେ ବ୍ୟାଙ୍କ ଲୋନ ଥିବାରୁ, ବ୍ୟାଙ୍କ ତାର ଅର୍ଥ ନପାଇବା ନେଇ ଉକ୍ତ ସମସ୍ତ ଜାଗାକୁ ସିଜ୍ କରି ନେଇଛନ୍ତି । ଅପର ପକ୍ଷରେ କଂଗ୍ରେସ ପକ୍ଷରୁ ଉକ୍ତ ସ୍ପିନିଂ ମିଲକୁ ପୁନଃଉଦ୍ଧାର ନିମନ୍ତେ ଯୋରଦାର ଦାବି ହୋଇ ଆସୁଥିଲା । ୨୪ବର୍ଷ ବିଜେଡି ସରକାରଙ୍କ ପକ୍ଷରେ ସମ୍ଭବ ନହେବା ପରେ ୧ବର୍ଷ ବିଜେପି ସରକାର ଉକ୍ତ ସ୍ଥାନରେ ସ୍ପିନିଂ ମିଲ ବଦଳରେ ଟେକ୍ସଟାଇଲ ମିଲ ଖୋଲିବା ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ତେବେ ଏହି କାର୍ଯ୍ୟ କେବେ ଆରମ୍ଭ ହୋଇ ଓ ଶେଷ ହେବ ତାହା ସ୍ପଷ୍ଟ ହୋଇ ନାହିଁ ।

# ଇସ୍କନ ମନ୍ଦିରରୁ ଚୋରି

**ରାଜନଗର,୫।୭/ଏନ୍‌ଏନ୍‌ଏସ୍:** ରାଜନଗର ବ୍ଲକ୍ ବ୍ରାହ୍ମଣସାହି ପଞ୍ଚାୟତ ଗଜରାଜପୁରଠାରେ ଥିବା ଇସ୍କନ (ଜଗନ୍ନାଥ) ମନ୍ଦିରରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ନେଇ ରାଜନଗର ଥାନାରେ ଅଭିଯୋଗ ହୋଇଛି । ଇସ୍କନ ମନ୍ଦିର ପକ୍ଷରୁ ସଂପାଦକ ଅର୍ଜୁନ ନାୟକ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ମନ୍ଦିର ବାଉଣ୍ଡରୁରେ ଥିବା କିଛି କର୍ମକର୍ତ୍ତା ଓ ଭକ୍ତମାନେ ପୁରୀ ରଥଯାତ୍ରାକୁ ଯାଇଛନ୍ତି । ଏହାର ସୁଯୋଗ ନେଇ ଶୁକ୍ରବାର ରାତି ପ୍ରାୟ ୨ଟା ସମୟରେ ମନ୍ଦିର ମଧ୍ୟରେ ଥିବା ଅନ୍ୟ ଭକ୍ତମାନଙ୍କୁ ବାହାରୁ ତାଲା ପକାଇ ଦେଇଥିଲେ । ଏହାପରେ ମୁଖ୍ୟ ମନ୍ଦିରର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ଦାନ ବାକ୍ସ ନେଇଯାଇଛନ୍ତି । ପୁଲିସ ୨୨୮/୨୫ରେ ମାମଲା ରୁଜୁ କରିବା ସହ ତଦନ୍ତ ଚାଲୁ ରହିଛି ବୋଲି ଆଇଆଇସି ନରେଶକୁମାର ସାହୁ ସୂଚନା ଦେଇଛନ୍ତି ।

## ପୂର୍ତ୍ତବିଭାଗ ରାସ୍ତା ମରାମତି କାର୍ଯ୍ୟରେ ଅବହେଳା

**ପରଜଙ୍ଗ,୫।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ପରଜଙ୍ଗ ଠାରୁ ଖାଲ୍ଲୁମୁଣ୍ଡା ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ରେଳ ଲାଇନ ଓଭରବ୍ରିଜ୍ ଠାରେ ଥିବା କଂକ୍ରିଟ ରାସ୍ତା ପାଇଁ ଶୋଚନୀୟ ଅବସ୍ଥାରେ ଥିବାବେଳେ ଦୈନିକ ଖବରକାଗଜ ନିତିଦିନରେ ୨୨/୬ ରେ ଖବର ପ୍ରକାଶିତ ହେବା ପରେ ପୂର୍ତ୍ତବିଭାଗ ରାସ୍ତା ମରାମତି କାର୍ଯ୍ୟ ପାଇଁ ତତ୍ପର ହୋଇଥିଲା । ତେବେ ସେଇଁଭଳି ଠିକାଦାରଙ୍କ ଓ ଖାମଖିଆଲି ଭାବେ ରାସ୍ତା ମରାମତି କାର୍ଯ୍ୟ ଅତି ନିମ୍ନମାନର ହେବବୋଲି ପଥଚାରୀମାନେ ଚର୍ଚ୍ଚା କରୁଛନ୍ତି । ତେବେ ରାସ୍ତାରେ ରଡ଼ ବିଛା ଯାଇଥିବାବେଳେ ମାଟି ମଳମଳ ସହ ବର୍ଷା ପାଣି ଜମିରହିଛି । ସେଥରେ କାର୍ଯ୍ୟ ରକ୍ଷଣ ବାଷକଣ ପାଇଁ ପୂର୍ତ୍ତବିଭାଗଙ୍କ କୌଣସି ଯତ୍ନଶୀଳ ଦେଖାଯାଉନାହିଁ । ଯାହା ଫଳରେ ଠିକାଦାର ମନଇଛା କାର୍ଯ୍ୟ କରୁଛନ୍ତି । ଲଗାଣ ବର୍ଷା ଓ ବ୍ରେକ ଡ୍ରାଇଭ ପକାଇବା ଯୋଜନା ରହିଥିବା ଦୃଷ୍ଟିମାନ ହେଉଛି । କଂକ୍ରିଟ ରାସ୍ତା ଫାଟି ପୂର୍ବପରି ଶୋଚନୀୟ ଅବସ୍ଥା ହେବାର ସମ୍ଭାବନା ରହିଛି ।

**AFFIDAVIT**

By virtue of an Affidavit No.1628 Dtd.03.07.2025 sworn before the Notary Public,Kujanga, I Akuli Charan Mohapatra Address At-Honsura, PO-Anolipatan, PS- ujanga,Dist-Jagatsinghpur declare that I have changed my son's name from Bhola Kujur to Aditya Kumar Mohapatra. Henceforth he shall be known as Aditya Kumar Mohapatra for all future purposes.

**AFFIDAVIT**

By virtue of an affidavit sworn before Notary Public, Balliguda dated **03.07.2025**, I **Ranu Nayak**, Wife of Prakash Nayak of Village/P.O- Khamankhole, P.S- Balliguda, Dist- Kandhamal, PIN- 762110, Odisha have changed the name of my minor son from "**ALLAN NAYAK**" to "**AMLLAN NAYAK**", and henceforth he shall be known as "**AMLLAN NAYAK**" for all purpose.

**AFFIDAVIT**

By virtue of an affidavit sworn before Executive Magistrate, Barbil I Dalwadi Ektaben Navnitkumar, D/O-Navnitkumar Chotabhai Dalwadi, Flat no-7 B-Block, Joda west lower camp Joda-758034 declare that henceforth I shall be known and called as Dalwadi Ektaben Navnitkumar for all official and personal purpose including for issuance, renewal or correction of my passport.

**AFFIDAVIT**

By Virtue of an affidavit sworn before Executive Magistrate Erasama, Jagatsinghpur, dated 17-06-2025, I Arakshit Samal, At-Janakadeipur, Po - Sahada, Ps- Erasama, Dist - Jagatsinghpur, Odisha, declare that I have changed my daughter's name form Lusi Mandal (old name) to Lusi Samal (new name). Henceforth, she shall be known as Lusi Samal for all purpose.

Arakshit Samal

**AFFIDAVIT**

By virtue of an affidavit sworn before the Executive Magistrate, Aska dated 5th of July 2025, I A.Padmana Dora, aged about 49 years, S/o. Late A.Apparao Dora, permanent resident of Village/PO: Badakholi, PS-Kotinada, Dist. Ganjam, Odisha, Pin Code: 761116, declare that I have changed my son's name from A.Swayam Dora (old name) to A.Tanmaya Dora (new name). Henceforth he shall be known as **A.Tanmaya Dora** for all purposes.

**NOTICE**

The partnership firm M/S ROAD AND ROOF CONSTRUCTION bearing Regd No-120202400265/2024 Dist-Angul, Odisha has been reconstituted on 30.06.2025 due to retirement of one partner Mr Biswa Bhusan Amanta and admission of one partner Mrs Madhusmita Pattnayak w.e.f 30.06.2025.

Abhaya Kumar Singh
Managing Partner
M/S ROAD AND ROOF CONSTRUCTION

**AFFIDAVIT**

By virtue of an affidavit sworn before the Executive Magistrate, Kanika; I Prajna Paramita Biswal D/o- Prasanta Biswal resident of Vill/P.O.- Baruna, P.S.- Rajkanika, Dist.- Kendrapara hereby declare that the actual spelling of my name is Prajna Paramita Biswal & the same has been recorded in my educational certificates along with my Aadhaar Card bearing No.- 7121 4508 1006, but in the Sukanya Samriddhi Yojana Pass Book in Baruna Post Office bearing A/C No. 6456368961 my name has been wrongly mentioned as Pragyan Parimita Biswal instead of Prajna Paramita Biswal. Now I want to rectify such error & record my name as Prajna Paramita Biswal in place of Pragyan Parimita Biswal in my above mentioned Pass Book.

**AFFIDAVIT**

By virtue of an affidavit sworn before the Executive Magistrate, M.Rampur, Kalahandi, dtd. 04.07.2025, I, Sri Haste Jani, aged about 37 years, W/o- Lambodar Jani, At - Ghodapokhari, Po- Muding, Ps- M.Rampur, Dist- Kalahandi, Pin-766102, Odisha do hereby declare that my staying at my perantal house at - Binekala, Po- Kasrupada, Ps- Kesinga, Dist- Kalahandi but present I am residing at my matrimonial house with Gaji Jani father in law and his family members at-Ghodapokhari, Po- Muding, Ps- M.Rampur, Dist- Kalahandi. That my W/o- **Lambodar Yani** and **Labodar Jani** both name is one man and samer person.

# ବାହୁଡ଼ିଲେ ତିନି ଠାକୁର

**ଜଗତ୍‌ସିଂହପୁର,୫।୭/ଏନ୍‌ଏନ୍‌ଏସ୍:** ଶନିବାର ଅପରାହ୍ନରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ସ୍ଥାନରେ ପବିତ୍ର ବାହୁଡା ଯାତ୍ରା ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ପରେ ରଥଟଣା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ରଥକୁ କେବଳ ଗ୍ରାମର ସମସ୍ତ ମହିଳା ଓ ଝିଅମାନେ ଏକଜୁଟ ହୋଇ ଟାଣିଟାଣି ନେଇଥିଲେ । ଟାଣିବା ସମୟରେ ଠାକୁର



ଏହି ଅବସରରେ ଗୁଣ୍ଡିଚା ମନ୍ଦିରରେ ରିତିବିଧି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯିବା ପରେ ତିନି ଠାକୁର ରଥ ଉପରକୁ ପହଣ୍ଡିବିଜେ କରାଯାଇଥିଲା । ପ୍ରଥମେ ଜ୍ୟେଷ୍ଠ ଭ୍ରାତା ପ୍ରଭୁ ଶ୍ରୀବଳଭଦ୍ର ପରେ ଭଉଣୀ ମା' ସୁଭଦ୍ରାଙ୍କୁ ରଥ ଉପରକୁ ଅଣା ଯାଇଥିଲା । ଶେଷରେ ମାଉସିମା ମନ୍ଦିରରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ରଥ ଉପରକୁ ଅଣାଯାଇଥିଲା । ରଥ ଉପରେ ରିତିବିଧି ଅନୁଯାୟୀ ପୂଜାଅର୍ଚ୍ଚନା କରାଯିବା ପରେ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବାହୁଡା ଯାତ୍ରା ଦେଖିବା ପାଇଁ ଓ ରଥ ଦଉଡି ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଦେଖିବାକୁ ମିଳିଥିଲା । ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ୧୭ନଂ ୱାର୍ଡରେ ତିନି ଠାକୁରଙ୍କ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପଣ୍ଡା ଦେବବ୍ରତ ଦାଶ ଓ ତାଙ୍କ ସହ ଯୋଗୀଙ୍କ ଦ୍ୱାରା ରିତିବିଧି ଅନୁଯାୟୀ ତିନି ଠାକୁରଙ୍କ ପୂଜାଅର୍ଚ୍ଚନା ପରେ ମାଉସୀମା ମନ୍ଦିରରୁ ରଥ ଉପରକୁ ଅଣା ଯାଇଥିଲା । ରଥ ଉପରେ ତିନି ଠାକୁରଙ୍କ ବିରାଜମାନ ହେବା ପରେ ବଡ ପଣ୍ଡାଙ୍କ ଦ୍ୱାରା କିଛି ନିତିକର୍ମ ସମାପନ ରାଜା ତଥା କାଉନସିଲର ଦେବାଶିଷ ସ୍ୱାଇଁଙ୍କ ସମେତ ଗ୍ରାମର ଯୁବ ଗୋଷ୍ଠୀ ସୁଶାନ୍ତ ରଞ୍ଜନ ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ସ୍ୱାଇଁ, ରାହୁଲ ସ୍ୱାଇଁ, ସ୍ୱାଧୀନ ସ୍ୱାଇଁ, ଦୁଷ୍ମନ୍ତ ସ୍ୱାଇଁ, ଅଜୟ ମହାରଣା, ସୌମ୍ୟରଞ୍ଜନ ସ୍ୱାଇଁ, ପରାସାନତ କୁମାର ସ୍ୱାଇଁ, ଚିତ ରଞ୍ଜନ ସ୍ୱାଇଁଙ୍କ ବହୁ ଯୁବକ ଓ ମୁରବି ଅଦୟତ ଚରଣ ନାୟକ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ । ଗ୍ରାମର ଶତାଧିକ ମହିଳା, ପୁରୁଷ ଓ ଯୁବକମାନଙ୍କ ହୁଳହୁଳି ହରିବୋଲ ଶବ୍ଦରେ ବଡଦାଣ୍ଡ କମ୍ପି ଉଠିଥିଲା । ତେବେ ଏହି ରଥଯାତ୍ରାର ବିଶେଷତ୍ୱ ହେଲା ପୁରୁଷମାନେ ଜଗନ୍ନାଥ ମନ୍ଦିରରୁ ମାଉସୀମା ମନ୍ଦିର ପର୍ଯ୍ୟନ୍ତ ରଥକୁ ଟାଣି ନେଇଥିଲେ । କିନ୍ତୁ ବାହୁଡାରେ ମାଉସୀମା ମନ୍ଦିରରୁ ତିନି ଠାକୁରଙ୍କ ରଥକୁ କେବଳ ମହିଳାମାନେ ଟାଣି ନେଇଥିଲେ ବିରଜା କ୍ଷେତ୍ରକୁ । ସେହିପରି ପ୍ରଶାସନ ଓ ଶ୍ରୀବଳଦେବଜିଉ ମନ୍ଦିର କମିଟି ପକ୍ଷରୁ ସିଦ୍ଧଳଠାରେ ଶ୍ରୀଜିଉଙ୍କ ବାହୁଡାଯାତ୍ରା ମହା ସମାରୋହାରେ ଅନୁଷ୍ଠିତ ହୋଇଯାଇଛି । ସେହିପରି ସ୍ଥାନୀୟ ପାଣିସାଳିଆ ନଡିଆବାଦ, ସରାପ୍ପୋ ଠାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥିଲା ।

# ଶାନ୍ତିଶୃଙ୍ଖଳାରେ ସରିଲା ବାହୁଡ଼ାଯାତ୍ରା

**ହିନ୍ଦୋଳ,୫।୭/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଆଜି ଶ୍ରୀଜିଉମାନଙ୍କ ବାହୁଡ଼ାଯାତ୍ରା ସମ୍ପର୍ଣ୍ଣ ହୋଇଯାଇଛି । ଭୋର ୪. ୩୦ରେ ପହଡ ଭାଙ୍ଗିବାପରେ ଠାକୁରଙ୍କ ସମସ୍ତ ନୀତିଙ୍କାତି ସମ୍ପର୍ଣ୍ଣ ହେବାପରେ ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ଇତ୍ୟାଦି ପରେ ରଥପୂଜା ହୋଇଥିଲା । ଏବଂ ଶ୍ରୀଜିଉମାନଙ୍କୁ ପହଣ୍ଡିକରି ଦିବା ୧୧ରେ ରଥାରୁଢ଼ କରାଯାଇଥିଲା । ଅପରାହ୍ନ ୩. ୩୦ରେ ରଥଟଣା ଆରମ୍ଭ ହୋଇଥିଲା । ପ୍ରଭୁ ଜଗନ୍ନାଥଙ୍କ ଆର୍ଶୀବାଦରେ ପ୍ରଥମେ ବଳଭଦ୍ରଙ୍କ ତାଳଧ୍ୱଜ ରଥ, ଦ୍ୱିତୀୟରେ ଦେବି ସୁଭଦ୍ରାଙ୍କ ଦର୍ପଦଳନ ରଥ ଏବଂ ସର୍ବଶେଷରେ ପ୍ରଭୁ ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପୋଡ଼ପିଠା ଖାଇବାକୁ ମାଉସୀ ଘରେ ପହଞ୍ଚି ଥିଲେ । ଆସନ୍ତାକାଲି ପବିତ୍ର ସୁନାବେଶ ଅନୁଷ୍ଠିତ ହେବାସହ ତପ୍ରରେ ନୀଳାଦ୍ରି ବିଜେ ହେବେବୋଲି ପ୍ରଶାସନ ପକ୍ଷରୁ ଜଣାପଡିଛି ।


# ବର୍ଷାପାଣି ନିଷ୍କାସନରେ ସମସ୍ୟା,ରାସ୍ତାରୋକ କଲେ ଗ୍ରାମବାସୀ

**କେନ୍ଦ୍ରାପଡା,୫।୭/ଏନ୍‌ଏନ୍‌ଏସ୍:** କେନ୍ଦ୍ରାପଡା ପୌରାଞ୍ଚଳର ୧୩ନଂ ୱାର୍ଡ ରଣପଡା ଗ୍ରାମରେ ବର୍ଷାପାଣି ପଶି ଯାଇଥିବାରୁ ଗ୍ରାମବାସୀମାନେ ରାସ୍ତାରୋକ କରି ପ୍ରତିବାଦ ଜଣାଇଛନ୍ତି । ୪ଦିନ ହେଲା ଲଗାଣ ବର୍ଷା ଫଳରେ ପୌରାଞ୍ଚଳର ତଳିଆ ଅଞ୍ଚଳ ରଣପଡା ପୋଲ ନିକଟବର୍ତ୍ତି ଗ୍ରାମ ଗୁଡିକରେ ଆଣ୍ଠୁଏ ଉଚ୍ଚର ବର୍ଷାଜଳ ପ୍ରବେଶ କରିବା ସହ ଘର ଭିତରେ ପାଣି ପଶି ଯିବାରୁ ସ୍ଥାନୀୟ ବାସିନ୍ଦାମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଜଳ ନିଷ୍କାସନ ପଥ ଅବରୁଦ୍ଧ ହୋଇଥିବାରୁ ଉଦ୍‌ବୃତ ବର୍ଷାଜଳ ଗୋବରୀ ନଦୀକୁ ନିଷ୍କାସିତ ହୋଇ ନପାରି ଏହିଗାଁ ଗୁଡିକରେ ଜନ ସାଧାରଣଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରିଛି । ଅବସ୍ଥା ଏପରି ହୋଇଛି ଯେ, ବର୍ଷାଜଳ ଲୋକଙ୍କ ଘର ଭିତରେ ଏବଂ ରାସ୍ତାରେ ଲହଡି ମାରୁଛି । ଏ ଘଟଣାକୁ ନେଇ ଗ୍ରାମବାସୀମାନେ ପୌର ଅଧିକାରୀଙ୍କୁ ଜଣାଇଥିଲେ ମଧ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଜି ଶତାଧିକ ମହିଳା ରାସ୍ତାରୋକ କରିଥିଲେ ।



# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ୩ ବର୍ଷର ଶିଶୁ

**ଯାଜପୁର,୫।୭/ଏନ୍‌ଏନ୍‌ଏସ୍:** ବୟସ ମାତ୍ର ତିନି ବର୍ଷ । କିନ୍ତୁ ସ୍ମରଣ ଶକ୍ତି ପ୍ରଖର ।ନିଜ ଜ୍ଞାନ ଗାରିମା ପାଇଁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସର ଅଧିକାରୀ ହେବାରେ ସଫଳ ହୋଇପାରିଛନ୍ତି । ଯାଜପୁର ଜିଲ୍ଲା ବରୀ ବ୍ଲକ ଅଧିନ କିମ୍ବିରିଆପାଳ ପଞ୍ଚାୟତ ଭଳିନୂଆଗାଁ ଗ୍ରାମର ରବିନ୍ଦ୍ର ନାଥ ସାହୁଙ୍କ ତିନିବର୍ଷର ନାତି ଅୟାଂସ ସାହୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ଏହି ରେକର୍ଡସ ଗତ ୧୪ ତାରିଖ ଦିନ ମିଳିଥିବା ପରିବାର ପକ୍ଷରୁ କୁହାଯାଇଛି । ୪୫ ପଶୁମାନଙ୍କ ନାମ,୨୨ ଟି ପକ୍ଷିପରିବାର ନାମ,୨୦ଟି ଫଳରନାମ,୧୫ ଯାନର ନାମ,୧୨ଟି ତ୍ରିଥକ୍ଷେତ୍ରରନାମ,୨୬ ଟି ଆଲଫାବେଟିକାଲ ୱାର୍ଡ ର



ନାମ, ୫ଟି ଇଂଗ୍ଲିଶ ରାଇମସ୍,ବର୍ଷକ ୧୨ ମାସର ନାମ, ଛଅଟି ଋତୁର ନାମ, ଏକରୁ ପଚାଷ ଭିତରେ ଦଶଗୋଟି ସାଧାରଣ ଜ୍ଞାନର ଉତ୍ତର କହି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି । ପିତା ଅସିତ କୁମାର ସାହୁ,ମାତା ଶୁଭଶ୍ରୀ ସାହୁ ଜେଜମା କନକ ଲତା ସାହୁ, ଅଜା ସୁରେଶ ସାହୁ,ଆଇମାଆ ନୀଳିମା ସାହୁଙ୍କ ଆର୍ଶୀବାଦ, ଶିକ୍ଷା ପ୍ରଦାନ ଅୟାଂସଙ୍କୁ ଏହି ସଫଳତା ଦେଇଛି । ଛୋଟିଆ ପରିବାର । ଶଙ୍ଖାରିଗଡା ବଜାରରେ ଶଶିକଳା ଭେରାଇଟ ଷ୍ଟୋର ନାମରେ ଏକ ବ୍ୟବସାୟୀ ପ୍ରତିଷ୍ଠାନ ରହିଛି । ଏନେଇ ପରିବାର ଲୋକେ ଖୁସି ପ୍ରକାଶ କରିଥିଲା ବେଳେ ବରୀ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି ।

# ପୀଡ଼ିତା ଶିଶୁର ପରିବାରଙ୍କୁ ଭେଟିଲେ ସାଂସଦ

**ଢେଙ୍କାନାଳ,୫।୭/ଏନ୍‌ଏନ୍‌ଏସ୍:** ହିନ୍ଦୋଳ ବ୍ଲକ ନୂଆବଗ ପଞ୍ଚାୟତ ସରାସିଂହ ଗ୍ରାମର ପୀଡିତା ଶିଶୁ ପରିବାରକୁ ଭେଟି ଶିଶୁର ସ୍ୱାସ୍ଥ୍ୟ ସହ ଭଲ ମନ୍ଦ ପଚାରି ବୁଝିଛନ୍ତି ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି । ଏନେଇ ଢେଙ୍କାନାଳ ଆରକ୍ଷୀ ଅଧିକ୍ଷକଙ୍କ ସହ ଆଲୋଚନା କରି ଦୋଷୀକୁ କଠୋରରୁ କଠୋର ଦଣ୍ଡବିଧାନ ସହ ପୀଡିତା ପରିବାର ସଂପର୍କରେ ଆଲୋଚନା କରିଛନ୍ତି । ଏହି ଅବସରରେ ପୀଡିତା ଶିଶୁ ପରିବାରକୁ ଆର୍ଥିକ ସହଯୋଗ ଯୋଗାଇଦେଇଛନ୍ତି ।



ଏହାପରେ ନିକଟସ୍ଥ ବାଘଧରିଆ ଗ୍ରାମରେ ହାତୀ ଆକ୍ରମଣରେ ମୃତ ସ୍ୱର୍ଗତ ବିପିନି ଗଡନାୟକଙ୍କ ପରିବାରବର୍ଗଙ୍କୁ ଭେଟି ସମସ୍ତ ସୁବିଧା ଅସୁବିଧା ପଚାରିବୁଝିବା ସହ ସମସ୍ତ ପ୍ରକାର ସରକାରୀ ସୁବିଧା ଶୀଘ୍ର ପାଇବା ନିମନ୍ତେ ଢେଙ୍କାନାଳ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ଏବଂ ମୃତକ ପରିବାର ବର୍ଗଙ୍କୁ ଆର୍ଥିକ ସହଯୋଗ କରିଛନ୍ତି । ଏହି ଅବସରରେ ପାଳଚକଡା ସରସାହିରେ ନୂତନ ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଜନସାଧାରଣ ଏବଂ ଆମେରିକାର ସର ଦମ୍ପତିଙ୍କ ସହ କେତେକ ସ୍ଥାନୀୟ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ସାଂସଦଙ୍କ ପ୍ରତିନିଧି ସୁଶାନ୍ତ ପତି , ବ୍ଲକ ଉପାଧ୍ୟକ୍ଷ ବରୁଣ ସର , ବିଜେପି ନେତା ଭାସ୍କର ନାୟକ , ତପନ ମହାପାତ୍ର, ମନୋଜ ପଟନାୟକ , ପ୍ରେମାନନ୍ଦ ପଟନାୟକ , ପ୍ରବୋଧ ପ୍ରଧାନ , ଲିଙ୍ଗରାଜ ସାହୁ , ବିଷ୍ଣୁସାହୁ , ବିଭୁତି ମାଝୀ , ଗିରିଷ ସେଠି , ଆଲୋକ ଚିନାରା , ଧରଣିଧର ପାଳ, ଦୁଷ୍ମନ୍ତ ନାଏକ , ସମେତ ବହୁକମର୍ତ୍ତା ଉପସ୍ଥିତ ଥିଲେ ।

CAD-1005

**GOVERNMENT OF ODISHA**
**ST & SC Development Department**
**OFFICE OF THE PROJECT ADMINISTRATOR, NILGIRI**
**e-Procurement Notice**
**e-Procurement Notice Bid Identification No. ITDANGR-01 / 2025-26**

Notice No. 417/ITDA Date : 04.07.2025

**CORRIGENDUM**

In continuation to the office Bid Identification No. ITDANGR-01/2025-26 Notice No. 392/ITDA dtd 30.06.2025 the following change are hereby made.

Availability of Bids 10.00 AM of 08.07.2025 to 5.00 PM of 23.07.2025 & Date of opening & scrutiny to technical bid : 11.00 AM of 24.07.2025 instead of availability of Bids : 10.00 AM of 05.07.2025 to 5.00 PM of 20.07.2025 & Date of opening & scrutiny to technical id : 10.00 AM of 21.07.2025 in the office of the PA, ITDA, Nilgiri, Other terms & conditions remain unchanged.

The bidders have to participate in ONLINE bidding only. The details will be available in the website : www.tendersorissa.gov.in from 10.00 AM of 08.07.2025 to 5.00 PM of 23.07.2025.

Sd/- Project Administrator
ITDA, Nilgiri

OIPR-26055/11/0002/2526

O-391

**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
E-mail: eerwngp@rediffmail.com

Letter No. 3956 Date : 04.07.2025

1st Corrigendum to Bid Identification No- EERWNGP-Online-02/2025-26 invited vide this office letter No-3858 dt-25.06.2025

In continuation to this office tender ID No- EERWNGP-Online-02/2025-26 invited vide this office letter No-3858 dt-25.06.2025, partial modification of TCN has been made as follows: -

| Sl. No. | Items | Time schedule as per original TCN | Time schedule as per Corrigendum notice |
|---|---|---|---|
| 1 | Availability of Tender on-line for bidding | From 04.07.2025 at 10:00 AM To 14.07.2025 up to 3:00 PM | From 10.07.2025 at 10:00 AM To 20.07.2025 up to 3:00 PM |
| 2 | Date & Time of opening of tender (Technical Bid) | 15.07.2025 at 11:00 AM | 21.07.2025 at 11:00 AM |
| 3 | Date & Time of opening of tender (Financial Bid) | Will be intimated later on to the successful bidders | Will be intimated later on to the successful bidders |

All other terms and conditions will remain unaltered.

Sd/- Superintending Engineer
Rural Works Division-I, Nabarangpur

OIPR-25092/11/0016/2526

CAD-979

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
**PIN: 751012, Tel No.(0674) 2562020,**
**e-Mail: theoccltd@odishaconstruction.com**
**GSTIN- 21AAACO2571K2ZM**
**"e- Procurement Notice No- 17/OCCL/2025-26 (on-line)**

On-line Item rate tenders are invited for the following works;

| Sl No | Name of Work | Bid Identification No | Approx value of work | Bid Security (through on-line transfer only) (in Rs.) | Period of Completion (in days) | Availability & Submission of tender of Tender (on-line) |
|---|---|---|---|---|---|---|
| 1 | TANK IMPROVEMENT/ RENOVATION/ MODERNISATION WORKS OF 05 (five) Nos of Minor Irrigation Projects in Keonjhar District **(CLUSTER-VI)** under OIIPCRA Scheme | OCCL_TSI_CL_VI_01/ 2025-26 | Rs.8.18 Crore | Rs. 8,18,000/- | 510 days | From 10/07/2025, 10.00 Hrs to 08/08/2025, 15.00 Hrs. |
| 2 | TANK IMPROVEMENT/ RENOVATION/ MODERNISATION WORKS OF 12 (twelve) Nos of Minor Irrigation Projects in Kalahandi & Bargarh District **(CLUSTER-VII)** under OIIPCRA Scheme | OCCL_TSI_CL_VII_01/ 2025-26 | Rs.3.93 Crore | Rs. 3,93,000/- | 510 days | From 10/07/2025, 10.00 Hrs to 08/08/2025, 15.00 Hrs. |
| 3 | TANK IMPROVEMENT/ RENOVATION/ MODERNISATION WORKS OF 10 (ten) Nos of Minor Irrigation Projects in Mayurbhanj District **(CLUSTER-VIII)** under OIIPCRA Scheme | OCCL_TSI_CL_VIII_01 /2025-26 | Rs.8.56 Crore | Rs. 8,56,000/- | 510 days | From 10/07/2025, 10.00 Hrs to 08/08/2025, 15.00 Hrs. |
| 4 | TANK IMPROVEMENT/ RENOVATION/ MODERNISATION WORKS OF 2 (two) Nos of Minor Irrigation Projects in Keonjhar Districts **(CLUSTER-IX)** under OIIPCRA Scheme | OCCL_TSI_CL_IX_01/ 2025-26 | Rs.11.33 Crore | Rs. 11,33,000/- | 510 days | From 10/07/2025, 10.00 Hrs to 08/08/2025, 15.00 Hrs. |

Procurement Officer: Managing Director, OCCL
Date of Opening of the Tender: **08.08.2025, 15.30 Hrs. onwards**
Further details can be seen from the e-procurement portal: https://www.tendersodisha.gov.in https://octdms.in https://odishaconstruction.com

OIPR-34120/11/0037/2526

MANAGING DIRECTOR

# ଖାଦ୍ୟସାମଗ୍ରୀ ଦୋକାନରେ ଯାଞ୍ଚ, ୧୦ ହଜାର ଜରିମାନା

**ଢେଙ୍କାନାଳ,୫।୭/ଏନ୍‌ଏନ୍‌ଏସ୍:** ସମ୍ପ୍ରତି ସମଗ୍ର ରାଜ୍ୟରେ ଦେଖାଦେଇଥିବା ଝାଡା ବାନ୍ତି ରୋଗ ପରିପେକ୍ଷୀରେ ଉକ୍ତ ଗଁଦିଆ ବ୍ଲକରେ ମଧ ଅନୁରୂପ ଭାବରେ କେତେକ ସ୍ଥାନରେ ଏହି ଝାଡା ବାନ୍ତି ରୋଗ ବ୍ୟାପିବାର ସମ୍ଭାବନା ଥିବାର ଆଶଙ୍କା କରି ଆଜି ଢେଙ୍କାନାଳ ଖାଦ୍ୟ ଅଧିକାରୀ ଲୋପାମୁଦ୍ରା ନାଏକ ଓ ସ୍ଥାନୀୟ ତହସିଲଦାର ସତ୍ୟଜିତ ମହାପାତ୍ରଙ୍କ ସମେତ ଗଁଦିଆ ପୁଲିସ ପକ୍ଷରୁ ବ୍ଲକର ମୁଖ୍ୟ କେନ୍ଦ୍ର ବ୍ଲକ ଛକ, ବଣିଆପଡା ଛକ, ହାଟ ଛକ, ଗଁଦିଆ ଛକ, ମେଡିକାଲ ଛକ ଗୁଡିକରେ ଥିବା ଜଳଖିଆ, ହୋଟେଲ, ଢ଼ାବା ତଥା ଅନ୍ୟ ଖାଦ୍ୟ ସାମଗ୍ରୀ ବିକ୍ରି କରୁଥିବା ଦୋକାନ ଗୁଡିକ ଉପରେ ଥିବା ଖାଦ୍ୟ ଗୁଡିକର ମାନ ଯାଞ୍ଚ କରାଯାଇଥିଲା । କେତେକ ଖାଦ୍ୟ ବିକ୍ରୟ ଦୋକାନ ନିମ୍ନ ମାନର ଖାଦ୍ୟ ରଖି ଜନସାଧାରଣମାନଙ୍କୁ ବିକ୍ରି କରୁଥିବାର ଦେଖିବାକୁ ମିଳିଥିଲା । ଆଜି ୫ଗୋଟି ଜାଗାରେ ଯାଞ୍ଚ ପରେ ସେଠାରେ ବ୍ୟାନ ଥିବା ଚାଇନା ସ୍ଲଟ ସହିତ ବ୍ୟାନ କମ୍ପାନୀ ରଙ୍ଗ ଓ ବାସି ଖାଦ୍ୟ ରଖି ବିକ୍ରୟ ଅଭିଯୋଗରେ ଜରିମାନା ବାବଦରେ ୧୦ହଜାର ଟାଙ୍କର ଆଦାୟ କରାଯାଇଥିବାର ବିଭାଗୀୟ ସୂତ୍ରରୁ ଜଣାଯାଇଛି । ଏହି ୫ଟି ଖାଦ୍ୟ ବିକ୍ରୟ କେନ୍ଦ୍ରମାନଙ୍କର ଏଫ୍‌ଏସ୍‌ଏସ୍‌ଆଇ ଏଠାରେ ଥିବା ହୋଟେଲ, ଢ଼ାବା, ଜଳଖିଆ ଦୋକାନ ଫାଷ୍ଟଫୁଡ୍ ଦୋକାନ ଗୁଡିକ ବେଆଇନ ଭାବରେ ଖାଦ୍ୟ ଓ ଅନ୍ୟାନ ଖାଦ୍ୟ ଯୁକ୍ତ ସାମଗ୍ରୀ ଖୁଲମ ଖୁଲା ବିକ୍ରି କରୁଥିଲେ । ତୁରନ୍ତ ଫୁଡ ବିଭାଗରେ ଆବେଦନ କରି ଖାଦ୍ୟ ବିକ୍ରୟ ନିମନ୍ତେ ହୋଟେଲ, ଜଳଖିଆ, ଫାଷ୍ଟଫୁଡ, ଢ଼ାବା ଗୁଡିକ ଅନୁମତି ପତ୍ର ଆଣି ବିକ୍ରୟ କରିବାକୁ ତାଗିଦ କରାଯାଇଛି । ଯଦି ଆଗାମୀ ଦିନରେ ଏପରି ବେଆଇନ କାର୍ଯ୍ୟ ହେଉଥିବାର ଦେଖିବାକୁ ମିଳେ ତାହାଲେ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ବୋଲି ସ୍ଥାନୀୟ ତହସିଲଦାରଙ୍କ ଠାରୁ ପ୍ରକାଶ ।

OIPR-32160/11/0030/2526 A-369

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**CENTRAL IRRIGATION CIRCLE, BHUBANESWAR**
**'e' Procurement Notice No. ACECIC - 05/ 2025-26**

| Procure ment Officer | Bid Identifi cation No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid docume nts (Rs) | Class of Contractor | Bid documents available online for bidding | | Date of opening of Technical Bid | Period of completio n of work |
|---|---|---|---|---|---|---|---|---|---|---|
| | | | | | | | From | To | | |
| ACE, CIC, Bhuban eswar | NGR-04/ 2025-26 | Protection to Mahanadi Right Embankment from Banapur to Banapur College from RD.1200 mtr. to 2700 mtr. | 720.09 | 720100/- (On Line) | 10000/- (On Line) | "A" & "Special" Class | 08.07.2025 At 10.00 Hours | 22.07.2025 At 17.00 Hours | 23.07.2025 At.11.00 Hours | 12 (Twelve Calendar Month) |

e-mail ID: -secic_dowr@yahoo.com
Further details conditions can be seen from Govt. website www.tenderorissa.gov.in

Sd/- Additional Chief Enigneer
Central Irrigation Circle

# ଏନ୍‌ସି କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା

**ନୟାଗଡ଼,୫।୭/ଏନ୍‌ଏନ୍‌ଏସ୍‌:** ନୟାଗଡ଼ ବ୍ଲକ ଅନ୍ତର୍ଗତ କେନ୍ଦୁଡିପି ଦର୍ପ ନାରାୟଣପୁର ଯୁକ୍ତ ଦୁଇ କଲେଜରେ ଏକକାଳୀନ ୩ ଜଣଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ସେମାନେ ହେଲେ ଇତିହାସ ବିଭାଗର ଅଧ୍ୟାପକ ପ୍ରଶାନ୍ତ କୁମାର ରଥ, ଗ୍ରନ୍ଥାଗାରିକ ଅଲେଖ ସାହୁ ଓ ମୁଖ୍ୟ କିରାଣି ଭୁବନେଶ୍ୱର ପ୍ରଧାନ । ମୁଖ୍ୟ କିରାଣୀ ଶ୍ରୀ ପ୍ରଧାନ ଅପ୍ରେଲ ମାସରେ ଅବସର ନେଇଥିବା ବେଳେ ଅଧ୍ୟାପକ ଶ୍ରୀ ରଥ ଓ ଗ୍ରନ୍ଥାଗାରୀକ ଶ୍ରୀ ସାହୁ ମେ ମାସରେ ଅବସର ନେଇଥିଲେ ।ତେବେ ସେମାନଙ୍କୁ କଲେଜ ପକ୍ଷରୁ ଏକକାଳୀନ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । କଲେଜର ଅଧ୍ୟକ୍ଷ ନାରାୟଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ଅଧ୍ୟକ୍ଷ ରାଜକିଶୋର ପଣ୍ଡା ଯୋଗଦେଇ ସେମାନଙ୍କ ଚାକିରୀ ଜୀବନର ନିଷ୍ଠା ଓ ପରାକାଷ୍ଠା ଏବଂ ସେମାନେ



ନିଜ ନିଜ ପଦବୀର ପଦମର୍ଯ୍ୟାଦା ଠିକ୍ ଭାବେ ରଖି ପାରିଥିବା କହିବା ସହିତ ତାଙ୍କର କର୍ତ୍ତବ୍ୟ ପରାୟଣତା ପାଇଁ କଲେଜ ତାଙ୍କୁ ସବୁଦିନ ମନେ ରଖିବ ବୋଲି କହିଥିଲେ । ଅଧ୍ୟକ୍ଷ ଶ୍ରୀ ଚୌଧୁରୀ କଲେଜ ପ୍ରତି ଥିବା ସେମାନଙ୍କର ଅବଦାନ ଭୁଲିବାର ନୁହେଁ ବୋଲି କହିବା ସହିତ ଦୀର୍ଘ ୩୫ ବର୍ଷ ଧରି ଏହି ଅନୁଷ୍ଠାନରେ ଶ୍ରମଦାନ କରି ଅବସର ନେଇଥିଲା ବେଳେ ଗଲାବେଳେ ବିନା ପେନ୍‌ସନ୍‌ରେ ରିକ୍ତ ହସ୍ତରେ ଘରକୁ ଫେରିବା ଅତ୍ୟନ୍ତ ଦୁଃଖ ଦାୟକ ବୋଲି କହିଥିଲେ । ବିଦାୟୀ ଅଧ୍ୟାପକ ଶ୍ରୀ ରଥ ନିଜ ଚାକିରି ଜୀବନର ଅଭିଜ୍ଞତାକୁ ବାଣ୍ଟିବା ସହିତ କର୍ତ୍ତବ୍ୟ ଓ ଦାୟିତ୍ୱବୋଧ ଏବଂ ଭଲ କୁହ ଭଲ ମଣିଷ ହୁଅ ବୋଲି ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କଲେଜରେ ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲାବେଳେ ଅଧ୍ୟାପକ ପଦ୍ମ ଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗୃହରକ୍ଷୀ ଚୟନ ପ୍ରକ୍ରିୟାକୁ ନେଇ କଂଗ୍ରେସର ଅଭିଯୋଗ

**ନୟାଗଡ଼,୫।୭/ଏନ୍‌ଏନ୍‌ଏସ୍‌:** ନୟାଗଡ଼ ଜିଲ୍ଲାର ବିଭିନ୍ନ ଥାନାରେ ଗୃହରକ୍ଷୀ ନିଯୁକ୍ତି ପାଇଁ ଜିଲ୍ଲା ଏସ୍‌ପିଙ୍କ ଦସ୍ତଖତରେ ଜିଲ୍ଲା ଗୃହରକ୍ଷୀ କାର୍ଯ୍ୟାଳୟ ପତ୍ର ଅନୁସାରେ ପ୍ରକାଶିତ ବିଜ୍ଞାପନ ସର୍ତ୍ତାବଳୀଗୁଡିକୁ ଖୋଲା ଉଲ୍ଲଙ୍ଘନ କରାଯାଇ ମନଇଛା ନିଯୁକ୍ତି ଦିଆଯାଇଛି ବୋଲି ବରିଷ୍ଠ ଆଇନଜୀବୀ ତଥା ନୟାଗଡ଼ ବିଧାନସଭା କଂଗ୍ରେସ ପ୍ରାର୍ଥୀ ରଣଜିତ ଦାଶ ଅଭିଯୋଗ କରିଛନ୍ତି । ଗୃହରକ୍ଷୀ ଚୟନ ପାଇଁ ସମୁଦାୟ ୧୦୦ ମାର୍କ ପରୀକ୍ଷାରୁ ୬୦ ମାର୍କ ଲିଖିତ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ କେଉଁ ଉଦ୍ଦେଶ୍ୟରେ ୨୦+୨୦ ମାର୍କ ଲେଖାଏଁ ଉଦ୍ଦିଷ୍ଟ ଥିବା ବିଭିନ୍ନ ଟ୍ରେଡ୍ ପରୀକ୍ଷା ସମେତ ସାକ୍ଷାତକାର ମାର୍କ ମିଶାଇ ୪୦ ମାର୍କ ପରୀକ୍ଷା ଫଳ ପରୀକ୍ଷାର୍ଥୀ ମାନଙ୍କ ଉପଲବ୍ଧ ପାଇଁ ପ୍ରକାଶ କରାନଯିବା ଯୋଗୁଁ ନିଯୁକ୍ତି ପ୍ରକ୍ରିୟା ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ ବୋଲି କଂଗ୍ରେସ ନେତା କହିଛନ୍ତି । ଏହି ଦୁଇଟି ପରୀକ୍ଷାର ୪୦ ନମ୍ବର ମାର୍କକୁ ସାର୍ବଜନୀନ କରାନଯାଇ ଲୁଚାଚୋରା ଭାବେ ଏହାର ଦୁରୁପଯୋଗ କରାଯାଇ ଥିବା ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ମନରେ ସନ୍ଦେହ ବଢ଼ିବଢ଼ି ଚାଲିଛି । ଯଦି ୧୦୦ ମାର୍କ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ନିଯୁକ୍ତି ପାଇବେ ବୋଲି ବିଜ୍ଞାପନ ରେ ଦର୍ଶାଯାଇ ଥିଲା ତେବେ ୮୦ ମାର୍କ ନମ୍ବର ଆଧାରରେ



ଗୃହରକ୍ଷୀ ନିଯୁକ୍ତି ଦିଆଯାଇ ଥିବା ଅଭିଯୋଗରେ ସତ୍ୟତା ଥିଲେ ସମୁଦାୟ ଗୃହରକ୍ଷୀ ନିଯୁକ୍ତିରେ ପ୍ରିୟାପ୍ରୀତି ଜାଲିଆତି ହୋଇଥିବା ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ ବୋଲି ଶ୍ରୀ ଦାଶ ଗଣମାଧ୍ୟମକୁ କହିଛନ୍ତି । ନିଯୁକ୍ତି ପ୍ରକ୍ରିୟାର ଆଉ ଏକ ଖୋଲା ଉଲ୍ଲଙ୍ଘନ ପ୍ରସଙ୍ଗ ହେଉଛି ନୟାଗଡ ସଦର ଥାନା ପାଇଁ ବିଜ୍ଞାପନ ଅନୁସାରେ ୧୫ଗୋଟି ଗୃହରକ୍ଷୀ ପଦବୀ ନିର୍ଦ୍ଧାରିତ ଥିବାବେଳେ ପରୀକ୍ଷାରେ ୧୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଲେ । କିନ୍ତୁ ଚୂଡାନ୍ତ ନିଯୁକ୍ତି ତାଲିକାରେ ମାତ୍ର ୬ଜଣଙ୍କୁ ନିଯୁକ୍ତି ଦିଆଯାଇ ଅବଶିଷ୍ଟ ୯ ଗୋଟି ପଦବୀ ଅନ୍ୟ ଥାନାକୁ ଦିଆଯିବା ଭଳି ସଂଗୀନ ତ୍ରୁଟି କରାଯାଇ ମୂଳ ବିଜ୍ଞାପନ କାର୍ଯ୍ୟକାରୀ କରାଯାଇ ନାହିଁ । ଏହିଭଳି ନୟାଗଡ ଜିଲ୍ଲାରେ ଗୃହରକ୍ଷୀ ନିଯୁକ୍ତି ପ୍ରକ୍ରିୟାରେ ସମସ୍ତ ନୀତିନିୟମ ଉଲ୍ଲଙ୍ଘନ କରାଯାଇ ମନଇଛା ନିଯୁକ୍ତି ଦିଆଯାଇ ଥିବା ପ୍ରତିବାଦ ରେ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ପାଇଁ ରାଜ୍ୟ ଗୃହରକ୍ଷୀ ବାହିନୀ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ନୟାଗଡ଼ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯିବ ବୋଲି ରଣଜିତ ଦାଶ ସୂଚନା ଦେଇଛନ୍ତି ।

# କଲେଜ ଛାତ୍ରୀ ନିଖୋଜ, ଥାନାରେ ଅଭିଯୋଗ

**କୁଆଁପାଳ,୫।୭/ଏନ୍‌ଏନ୍‌ଏସ୍‌:** ମାହାଙ୍ଗା ବ୍ଲକ ଏରକଣାସ୍ଥିତ ମାହାଙ୍ଗା ପୁଷ୍ପଗିରୀ ମହାବିଦ୍ୟାଳୟର +୩ ବିଜ୍ଞାନ ଦ୍ୱିତୀୟ ବର୍ଷର ଛାତ୍ରୀ ସୋନମ୍ ସୋନାଲୀ ରାଉତ(୧୯)ଙ୍କର କୌଣସି ପତ୍ତା ମିଳୁନଥିବା ଅଭିଯୋଗ ଥାନାରେ ହୋଇଛି । ସୋନାଲୀଙ୍କର ଘର ପୋଡାମରାଇ ପଞ୍ଚାୟତ ଅଲିଆରା ଗ୍ରାମରେ । ସେ ଘରୁ ଦିନ ୧୦ ଘଟିକା ସମୟରେ କଲେଜ ଯିବାକୁ କହି କେଉଁଆଡ଼େ ଚାଲି ଯାଇଛନ୍ତି । ଖୋଜାଖୋଜି ପରେ ଝିଅର ପତ୍ତା ନ ମିଳିବାରୁ ଭଦ୍ରେଶ୍ୱର ଥାନାରେ ଝିଅର ବାପା ରମାକାନ୍ତ ରାଉତ ଲିଖିତ ଅଭିଯୋଗ କରିଛନ୍ତି ।


















## ପ୍ରଥମ ପୃଷ୍ଠାରୁ

# ସିଂହଦ୍ୱାର ସମ୍ମୁଖରେ ...

୭. ୧୦ରେ ମଇଲମ, ୭. ୧୫ଟାରେ ତଡ଼ପ ଲାଗି, ୭. ୧୦ ରୁ ୭. ୪୦ରୋଷହୋମ ଓ ଅବକାଶ ପୂଜା ଶେଷ, ୮. ୦୫ରେ ସୂର୍ଯ୍ୟପୂଜା ସମ୍ପନ୍ନ ହେବା ପରେ ୮. ୩୦ରୁ ୯. ୧୦ମିନିଟ୍ ମଧ୍ୟରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ଖେଚୁଡ଼ି ଭୋଗ ଖାଇ ୯. ୫୫ ମିନିଟ୍‌ରେ ମହାପ୍ରଭୁଙ୍କ ଧାଡ଼ି ପହଣ୍ଡି ଆରମ୍ଭ ହୋଇଥିଲା । ପ୍ରଥମେ ଚକ୍ରରାଜ ସୁଦର୍ଶନ, ପରେ ପଛକୁ ପଛ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସୁସଜ୍ଜିତ ଟାହିଆ ପରିଧାନ କରି ୧୨. ୩୦ ସୁଦ୍ଧା ରଥାରୂଢ଼ ହୋଇଥିଲେ । ଏହା ପରେ ୧. ୦୫ରେ ରାମକୃଷ୍ଣ ଓ ମଦନ ମୋହନ ରଥାରୂଢ଼ ହୋଇଥିଲେ । ୨. ୪୦ମିନିଟ୍‌ରେ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ତିନିରଥର ଛେରା ପହଁରା କାର୍ଯ୍ୟ ସମାପନ କରାଯାଇଥିଲା ।

ଛେରାପହଁରା ପରେ ଚାରମାଳ ଖୋଲାଯାଇ ଘୋଡ଼ା ଯୋଚା ଯାଇଥିଲା । ପରେ ଆରମ୍ଭ ହୋଇଥିଲା ରଥଟଣା । ପ୍ରଥମେ ୨. ୫୦ମିନିଟ୍‌ରେ ଗଡ଼ିଥିଲା ପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ । ପରେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ୩. ୪୦ରେ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ୪. ୦୩ମିନିଟ୍ ସମୟରେ ଶ୍ରୀମନ୍ଦିର ଅଭିମୁଖେ ଗଡ଼ିଥିଲା । ଲକ୍ଷ ଲକ୍ଷ ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନୀରେ ବଡ଼ଦାଣ୍ଡ ଆଧାତ୍ମିକ ପରିବେଶ ସୃଷ୍ଟିହେବା ସହ ଭକ୍ତ ଓ ଭଗବାନଙ୍କର ଅପୂର୍ବ ମିଳନ ପରିଲକ୍ଷିତ ହୋଇଥିଲା ।

ଭକ୍ତଙ୍କ ଜୟ ଜଗନ୍ନାଥ ଧ୍ୱନି ଓ ହରିବୋଲ ହୁଳହୁଳିରେ କମ୍ପୁଥିଲା ବଡ଼ଦାଣ୍ଡ । ବାଟରେ ଚତୁର୍ଦ୍ଧାମୂରତି ତାଙ୍କ ପ୍ରିୟ ମାଉସୀ ମା' ପ୍ରସ୍ତୁତ କରିଥିବା ପୋଡ଼ପିଠା ଖାଇବା ପରେ ପୁନର୍ବାର ରଥ ଶ୍ରୀମନ୍ଦିର ଅଭିମୁଖେ ଗଡ଼ି ଚାଲିଥିଲା ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଆଜି ଶରଧାବାଲି ଠାରୁ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିବା ବେଳେ ଅଧବାଟରେ ତାଙ୍କୁ ଅଟକାଇଛନ୍ତି ମା' ଲକ୍ଷ୍ମୀ । ରଥଯାତ୍ରାରେ ତାଙ୍କୁ ସାଥୀରେ ନେଇ ନଥିବାରୁ ପ୍ରଭୁ ଜଗନ୍ନାଥଙ୍କ ଉପରେ ମା' ଲକ୍ଷ୍ମୀ ଅଭିମାନ କରିଛନ୍ତି । ଶେଷରେ ଆସୁଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ଶ୍ରୀନହର ସମୁଖରେ ପହଞ୍ଚିବା ପରେ ସେଠାରେ ଗଜପତି ମହାରାଜ ଦିବ୍ୟସିଂହ ଦେବ ଲକ୍ଷ୍ମୀ-ନାରାୟଣ ଭେଟ କରାଇଥିଲେ । ଏହି ନୀତି ସମ୍ପନ୍ନ ହେବା ପରେ ନନ୍ଦିଘୋଷ ରଥ ସିଂହଦ୍ୱାର ଅଭିମୁଖେ ଟଣା ଯାଇଥିଲା । ଆଜି ବାହୁଡ଼ାଯାତ୍ରାର ସମସ୍ତ ନୀତିକାନ୍ତି, ନିର୍ଦ୍ଧାରିତ ସମୟ ଆଗରୁ ସମ୍ପନ୍ନ କରାଯାଇଥିଲା । ନିର୍ଦ୍ଧାରିତ ସମୟର ପ୍ରାୟ ୧ ଘଣ୍ଟା ୧୦ମିନିଟ୍ ଆଗରୁ ରଥଟଣା ଆରମ୍ଭ ହୋଇଥିଲା । ରଥଟଣା ପାଇଁ ପୂର୍ବରୁ ସ୍ଥିରୀକୃତ ସମୟ ଅପରାହ୍ଣ ୪ଟାର ଯଥେଷ୍ଟ ପୂର୍ବରୁ ତଥା ଅପରାହ୍ଣ ୨. ୫୦ମିନିଟ୍‌ରେ ବଳଭଦ୍ରଙ୍କ ତାଳଧ୍ୱଜ ରଥଟଣା ଆରମ୍ଭ ହୋଇଥିଲା । ଶାନ୍ତିଶୃଙ୍ଖଳାର ସହ ବଡ଼ଠାକୁର ବଳଭଦ୍ର ମହାପ୍ରଭୁଙ୍କ ତାଳଧ୍ୱଜ, ମା' ସୁଭଦ୍ରାଙ୍କ ଦର୍ପଦଳନ ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ୯.୩୧ମିନିଟ୍‌ରେ ସିଂହଦ୍ୱାର ସମ୍ମୁଖରେ ପହଞ୍ଚିଥିଲା ।

ଅନ୍ୟପଟେ ମହାପ୍ରଭୁ ବାହୁଡ଼ି ଆସିବା ପରେ ଏବେ ଝୁରୁଛି ଗୁଣ୍ଡିଚା ମନ୍ଦିରର ଆଡ଼ପମଣ୍ଡପ ସହ ଶରଧାବାଲି । ଗତ ନଅଦିନ ଧରି ମହାପ୍ରଭୁଙ୍କୁ ପାଇଁ ଆଡ଼ପମଣ୍ଡପ ନିଜକୁ ଧନ୍ୟ ମନେ କରୁଥିବା ବେଳେ ଶରଧାବାଲି ଅଞ୍ଚଳ ଏବେ ମହାପ୍ରଭୁଙ୍କ ଅନୁପସ୍ଥିତିରେ ନୀରବି ଯାଇଛି ।

ଆସନ୍ତାକାଲି ଏକାଦଶୀ ଅବସରରେ ଅନୁଷ୍ଠିତ ହେବ ଶ୍ରୀଜିଉ ଦୁର୍ଲଭ ବଡ଼ତଢ଼ାଉ ବା ସୁନାବେଶ । ରଥ ଉପରେ ମହାପ୍ରଭୁଙ୍କ ମଧ୍ୟାହ୍ନ ଧୂପ ସରିବା ପରେ ସନ୍ଧ୍ୟା ଆଳତି ସହ ମେକାପ ସର୍ବାଙ୍ଗ ନୀତି କରାଯାଇ ସୁନାବେଶ ଲାଗି କରାଯିବ । ଅପରାହ୍ଣ ପ୍ରାୟ ୫ଟାରୁ ସୁନାବେଶରେ ମହାପ୍ରଭୁ ବିଭୂଷିତ ହୋଇ ରାତି ୧୧ଟା ପର୍ଯ୍ୟନ୍ତ ଦର୍ଶନ ଦେବେ । ସୁନାବେଶ ଦର୍ଶନ ପାଇଁ କିଛିବର୍ଷ ଧରି ପ୍ରବଳ ଜନସମାଗମ ହେଉଥିବାରୁ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ପରି ସୁରକ୍ଷା ବନ୍ଦୋବସ୍ତ କରାଯିବ । ପ୍ରାୟ ୧୦ ହଜାର ପୁଲିସ ଅଧିକାରୀ ଓ କର୍ମଚାରୀ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାରେ ମୁତୟନ ରହିବେ ।

# ସୁରୁଖୁରୁରେ ଦର୍ଶନ ପାଇଁ ...

ହୋଇଛି । ଯାନବାହନ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ଟ୍ରାଫିକ ପୁଲିସ ମୁତୟନ ହୋଇଛନ୍ତି । ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନକୁ ସ୍ୱତନ୍ତ୍ର ଏବଂ ସ୍ମରଣୀୟ କରିବା ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ।

# ଅମରନାଥ ଯାତ୍ରା, ଦୁର୍ଘଟଣାରେ ...

ପରେ, ଜମ୍ମୁ କାଶ୍ମୀର ଉପରାଜ୍ୟପାଳ ଏଲଜି ମନୋଜ ସିହ୍ନା ଅମରନାଥ ଯାତ୍ରା କରୁଥିବା ତୀର୍ଥଯାତ୍ରୀଙ୍କ ଗାଡ଼ି ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା, ସମସ୍ତ ପ୍ରମୁଖ ସ୍ଥାନରେ ସୁରକ୍ଷା ଯାଞ୍ଚ ଏବଂ ଯାତ୍ରା ମାର୍ଗରେ ଖାଦ୍ୟ ଏବଂ ଔଷଧର ନିରବଚ୍ଛିନ୍ନ ଉପଲବ୍ଧତା ସୁନିଶ୍ଚିତ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପହଲଗାମ୍ ରୁଟ୍ ଏବଂ କେବଳ ଧାର୍ମିକ ତୀର୍ଥ ଭାବରେ ଅମରନାଥ ଆସୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ବାଲଟାଲ୍ ରୁଟ୍‌କୁ ଭଲ ମାର୍ଗ ଭାବେ ବିବେଚନା କରାଯାଏ ।

ପ୍ରକାଶ, ପ୍ରବଳ ବର୍ଷା ସତ୍ତ୍ୱେ, ଶନିବାର ଭଗବତୀ ନଗର ବେସ୍ କ୍ୟାମ୍ପରୁ ୬,୯୦୦ ତୀର୍ଥଯାତ୍ରୀଙ୍କ ଏକ ନୂତନ ଦଳ ଅମରନାଥଙ୍କ ଦର୍ଶନାର୍ଥେ ବାହାରିଥିଲା । ଏହି ଦଳରେ ୫୧୯୬ ପୁରୁଷ, ୧୪୨୭ ମହିଳା, ୨୪ ଶିଶୁ, ୩୩୧ ସାଧୁ ଓ ସାଧ୍ୱୀ ଏବଂ ଜଣେ ଟ୍ରାନ୍ସଜେଣ୍ଡର ଅଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଉଭୟ ରୁଟ୍‌ରେ ପ୍ରାୟ ୩୦,୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଅମରନାଥଙ୍କ ଦର୍ଶନ କରିସାରିଛନ୍ତି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି ।

# ଖୋଲିଲା ରେଙ୍ଗାଲି ଡ୍ୟାମ୍‌ର ...

୬ ଟା ୨୦ ମିନିଟ୍‌ରେ ଡ୍ୟାମ୍ କର୍ତ୍ତୃପକ୍ଷ ଡ୍ୟାମ୍‌ର ଗୋଟିଏ ଗେଟ୍ (ଗେଟ୍ ନଂ-୭)କୁ ଖୋଲି ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରିଥିଲେ । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୨୪୮୯.୯୭ ଘନ ମିଟର ବନ୍ୟାଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ଗୋଟିଏ ଗେଟ୍ ଓ ପାୱାର୍ ଚ୍ୟାନେଲ୍ ମାଧ୍ୟମରେ ମୋଟ୧୭୦୦ ଘନ ମିଟର ବନ୍ୟାଜଳ ନିଷ୍କାସିତ ହେଉଛି । ଡ୍ୟାମ୍ ଗେଟ୍ ଖୋଲିବା ସମୟରେ ମୁଖ୍ୟଯନ୍ତ୍ରୀ ହୃଦାନନ୍ଦ ମଲ୍ଲିକ, ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଭଗବାନ ଚନ୍ଦ୍ର ଦାସ, ଅଧୀକ୍ଷଣ ଯନ୍ତ୍ରୀ ସୌମେନ୍ଦ୍ର ବେହେରା, ଉପଖଣ୍ଡ ଅଧିକାରୀ ଶଙ୍କରା ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ ।

# କେନାଲବନ୍ଧ ରାସ୍ତା ଭାଙ୍ଗିଲା

**ଫୁଲନଖରା,୫।୭/ଏନ୍‌ଏନ୍‌ଏସ୍‌:** ପ୍ରତାପନଗରୀଠାରୁ କୋରକରା ମଧ୍ୟରେ କାକଟପୁର ଶାଖା କେନାଲ ବନ୍ଧ ବିଭିନ୍ନ ସ୍ଥାନରେ ଭାଙ୍ଗିଥିବା ଦେଖିବାକୁ ମିଳିଛି । ମୂଳକୋଦିଣ୍ଡା, ଖଲର୍ଦ୍ଦା ଓ ଅନ୍ୟାନ୍ୟ ସ୍ଥାନରେ ଏହା କ୍ଷତିଗ୍ରସ୍ତ ହୋଇଛି । କେନାଲ ଶଯ୍ୟା ଢଳେଇ ଏବଂ ଲାଇନିଙ୍ଗ କାର୍ଯ୍ୟ ଚାଲିଥିଲାବେଳେ ଠିକାଦାରଙ୍କ ବେପରୱା କାର୍ଯ୍ୟ ଯୋଗୁଁ ଏପରି ହୋଇଥିବା ଅଭିଯୋଗ ହୋଇଛି । ସଂସ୍ଥାଦ୍ୱାରା ବଡ଼ ବଡ଼ ଭାରୀଯାନ ଚଳାଚଳ କରିବାରୁ ଢଳେଇ ରାସ୍ତା ଫାଟି ବିପଜ୍ଜନକ ଅବସ୍ଥାରେ ରହିଛି । ଅପରପକ୍ଷରେ ଦିନ ରାତି ବାଲି ବୋଝେଇ ହାଇୱା ଦ୍ରୁତ ବେଗରେ ଯିବା ଆସିବା କରିବା ଯୋଗୁଁ ମଧ୍ୟ ରାସ୍ତା ଗୁରୁତରଭାବେ କ୍ଷତିଗ୍ରସ୍ତ ହେଉଛି । ଏଥିପ୍ରତି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ପ୍ରାଚୀ ଡିଭିଜନ ପ୍ରତାପନଗରୀ ଜଳସମ୍ପଦ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

**୬ଦଫା ଦାବି ପୂରଣ ନେଇ ଓଡ଼ିଶା ଡ୍ରାଇଭର ମହାସଂଘର ନିଷ୍ପତ୍ତି**

# ଜୁଲାଇ ୮ରୁ ଆନ୍ଦୋଳନ ଧମକ

**କଣ୍ଟିଲୋ,୫।୭/ଏନ୍‌ଏନ୍‌ଏସ୍‌:** ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ତରଫରୁ ଡ୍ରାଇଭରମାନଙ୍କର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ୭ ଦଫା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ବେଳେ ସରକାର ଏଥି ମଧ୍ୟରୁ ଗୋଟିଏ ମାତ୍ର ଦାବି ପୂରଣ କରି ଅବଶିଷ୍ଟ ୬ଗୋଟି ଦାବିକୁ ଆଜିଯାଏ ପୂରଣ କରିପାରି ନଥିବାରୁ ଡ୍ରାଇଭରମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଯଥାଶୀଘ୍ର ଗୋଟିଏ ମାସ ମଧ୍ୟରେ ତାହା ପୂରଣ କରିବା ପାଇଁ ଡ୍ରାଇଭର ମହାସଂଘ ରାଜ୍ୟ ସରକାରଙ୍କୁ ଲିଖିତ ଆବେଦନ କରିଥିଲେ । ଏହି ଭିତରେ ଏକମାସର ଧାର୍ଯ୍ୟ ସମୟ ସୀମା ପୂର୍ତ୍ତି ହୋଇଥିଲେ ମଧ୍ୟ ସରକାର କୌଣସି ପ୍ରକାର ସମାଧାନ କରି ନଥିବାରୁ ଆସନ୍ତା ଜୁଲାଇ ୮ରୁ ସମୂହ ଡ୍ରାଇଭର ମହା ସଂଘ ଆନ୍ଦୋଳନ କରିବାକୁ ଧମକ ଦେଇଛନ୍ତି ।

ସୂଚନାରୁ ଜଣାପଡିଛି ଯେ, ଅଲ୍ ଓଡିଶା ଡ୍ରାଇଭର ମହାସଂଘ ନିଜର ବିଭିନ୍ନ ପ୍ରକାର ସମସ୍ୟାର ସମାଧାନ ପାଇଁ ଗତ ମାର୍ଚ୍ଚ ୨୯ ତାରିଖରେ ଭୁବନେଶ୍ୱର ଲୋୟର ପିଏମଜି ଛକରେ ୬ଦିନ ଧରି ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ । ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇ ଡ୍ରାଇଭରମାନଙ୍କ ସମସ୍ୟାକୁ ଅଣଦେଖା କରି ଗୁରୁତ୍ୱ ନଦେଇ କୌଣସି ପ୍ରକାର ପଦକ୍ଷେପ କିମ୍ବା ସମାଧାନ କରୁନଥିବାରୁ ଯଥା ଶୀଘ୍ର ଆସନ୍ତା ଗୋଟିଏ ମାସ ମଧ୍ୟରେ ଦାବି ପୂରଣ ପାଇଁ ଜୁନ ୨୦୨୫ରେ ମାସିକିଆ ସମୟ ସୀମା ରଖି ଏକ ଲିଖିତ ଆବେଦନ କରିଥିଲେ । ଯଦି ଏହି ମାସ ମଧ୍ୟରେ ଦାବି ପୂରଣ ପାଇଁ ରାଜ୍ୟ ସରକାର କିଛି ସମାଧାନ ନ କରନ୍ତି, ତେବେ ଜୁଲାଇ ୮ରୁ ଅଲ୍ ଓଡ଼ିଶା ଡ୍ରାଇଭର ମହାସଂଘ ସମୂହ ଏକ କାଳୀନ ଷ୍ଟେରିଙ୍ଗ ଛାଡ଼ିବା ସହିତ ସରକାରଙ୍କୁ ଅସହଯୋଗ କରି ରାଜ ରାସ୍ତାରେ ଆନ୍ଦୋଳନ କରିବା ପାଇଁ ଧମକ ଦେଇଛନ୍ତି । ଏଥି ପାଇଁ ଅଲ୍ ଓଡିଶା ଡ୍ରାଇଭର ମହାସଂଘ ଆଦୌ ଦାୟୀ ହେବେ ନାହିଁ ବୋଲି ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଶାଖା ସଭାପତି ରଜତ କୁମାର ଦାସ ସୂଚନା ଦେଇଛନ୍ତି ।


# ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହେଲେ ବାଚସ୍ପତି




**ଓଡ଼ଗାଁ,୫।୭/ଏନ୍‌ଏନ୍‌ଏସ୍‌:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ପଞ୍ଚିରିଡ଼ା ବନାଞ୍ଚଳ ଦର୍ପନାରାୟଣପୁର ଗୋପବନ୍ଧୁ କୋଅପରେଟିଭ ଫାର୍ମ ପରିସରରେ ଫରେଷ୍ଟର ଚନ୍ଦ୍ରମଣି ଡାକୁଆଙ୍କ ତତ୍ତ୍ୱାବଧାନରେ ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢୀ ଯୋଗଦେଇ ପରିବେଶ ସୁରକ୍ଷା ଦିଗରେ ବକ୍ତବ୍ୟ ରଖିଥିଲେ । ଗତବର୍ଷ ମାନଙ୍କରେ ଅନେକ ଜଙ୍ଗଲ ଉଜୁଡ଼ି ଯାଇଥିବା ବେଳେ କାଠମାଫିଆ ଜଙ୍ଗଲକୁ ନଷ୍ଟକରି ଚାଲିଛନ୍ତି ।ଯାହାଦ୍ୱାରା ଜଙ୍ଗଲ ଧିରେ ଧିରେ ଲୋପ ପାଉଛି । ବାୟୁମଣ୍ଡଳରେ ଅସ୍ୱାଭାବିକ ପରିବର୍ତ୍ତନ ଘଟିବା କାରଣରୁ କୃଷିକ୍ଷେତ୍ରରେ ସମସ୍ୟା ସୃଷ୍ଟିହେଉଛି । ତେଣୁ ସମସ୍ତେ ଅଧିକରୁ ଅଧିକଗଛ ଲଗାଇ ପରିବେଶକୁ ସୁସ୍ଥ ରଖିବାକୁ ଜନସାଧାରଣଙ୍କୁ ବାର୍ତ୍ତା ମାଧ୍ୟମରେ ପରାମର୍ଶ ଦେଇଥିଲେ । ବନଖଣ୍ଡ ଅଧିକାରୀ କ୍ଷମା ଷଡ଼ଙ୍ଗି ଯୋଗଦେଇ ସରକାରଙ୍କ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚାରାରୋପଣ କରିବା ଯେତିକି ଜରୁରୀ ଗଛର ଯତ୍ନନେବା ଅଧିକ ଜରୁରୀ ବୋଲି କହିଥିଲେ । ଗଛ ବଞ୍ଚିଲେ ତାହା ଆମପାଇଁ ଏକ ସଂକଳ୍ପ ବୋଲି ଧରିବାକୁ ହେବବୋଲି କହିଥିଲେ । ଏ ଅବସରରେ ଅଳାଁ, ବାହାଡ଼ା, ମହୁଲ, ଆମ୍ବ ଆଦି ୫ଶହରୁ ଊର୍ଦ୍ଧ୍ୱ ଚାରା ଲଗାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଏସିଏଫ୍ ସତ୍ୟଜିତ୍ କର, ପଞ୍ଚିରିଡ଼ା ଏସଏଫ୍ ଚୂଡ଼ାରାଣୀ ମୁର୍ମୁ, ଫରେଷ୍ଟର ଲୋକମାନ ଅଲ୍ଲୀ, ଶ୍ରବଣ କୁମାର ବଳିୟାରସିଂହ ଉପସ୍ଥିତ ଥିବାବେଳେ ଦର୍ପନାରାୟଣପୁର ଫରେଷ୍ଟର ଚନ୍ଦ୍ରମଣୀ ଡ଼ାକୁଆ ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ ।ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନେ ଯୋଗଦେଇଥିଲେ ।

# ବିଜେଡି କର୍ମୀଙ୍କ ମୃତ୍ୟୁରେ ଶୋକ


**ସାଲେପୁର,୫।୭/ଏନ୍‌ଏନ୍‌ଏସ୍‌:** ସାଲେପୁର ବ୍ଲକ ଅନ୍ତର୍ଗତ ଓଡାସିଂ ପଞ୍ଚାୟତ ଧନୁପଡ଼ା ଗ୍ରାମର ସମାଜସେବୀ ତଥା ବିଜେଡ଼ିର ସକ୍ରିୟ କର୍ମୀ ଜଗଦୀଶ ପରିଜା(୭୮)ଙ୍କ ପରଲୋକ ଘଟିଛି । ସେ କିଛି ଦିନ ହେବ ଶାରୀରିକ ଅସୁସ୍ଥତା ପାଇଁ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ହେଲେ, ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସ୍ୱର୍ଗତ ପରିଜା ଜଣେ ମିଷ୍ଟଭାଷୀ, ପରୋପକାରୀ, ସ୍ନେହୀ, ମେଳାପି,ସମାଜସେବୀ ଓ ବିଜେଡିର ଜଣେ ସକ୍ରିୟ କର୍ମୀ ଥିଲେ । ସେ ପ୍ରାକ୍ତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରାଙ୍କ ଏକାନ୍ତ ଅନୁଗତ ଥିଲେ । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପୁଅ ସଞ୍ଜୀବ ପରିଜା, ନିହାର ପରିଜା, ମିଳନ ପରିଜା, ପୁତୁରା ରଶ୍ମିରଞ୍ଜନ ପରିଜା, ବୋହୂ, ଝିଅ, ଜ୍ୱାଇଁ ନାତିନାତୁଣୀ ଓ ଆତ୍ମୀୟ



ସ୍ୱଜନମାନେ ଉପସ୍ଥିତ ଥିଲେ । ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସତ୍କାର କରାଯାଇଥିବା ବେଳେ ବଡ଼ପୁଅ ସଞ୍ଜୀବ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଚନ୍ଦ୍ର ସାରଥୀ ବେହେରା, ବିଧାୟକ ପ୍ରଶାନ୍ତ ବେହେରା, ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷା ପ୍ରମିଳା ବେହେରା, ବରିଷ୍ଠ ବିଜେଡି ନେତା ଦିଲ୍ଲୀପ ଦାଶ, ସାଲେପୁର ବ୍ଲକ ବିଜେଡ଼ି କାର୍ଯ୍ୟକାରୀ ସଭାପତି ନାରାୟଣ ପତି, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତ ରଂଜନ ମହାନ୍ତି, ପ୍ରାକ୍ତନ ସରପଞ୍ଚ ଅକ୍ଷୟ ନାୟକ, ସରପଞ୍ଚ ଜ୍ୟୋତିରେଖା ନାୟକ, ନାଏବ ସରପଞ୍ଚ ନିରଞ୍ଜନ ସିଂଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିବା ସହିତ ଶୋକ ସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ବାପାଙ୍କ ଚପଲ



ଜିନାତମାମ୍ ଦର୍ଜୀ

ବାପାଙ୍କୁ ଏମିତି ଡେଇଁ ଡେଇଁ ଆସୁଥିବା ଦେଖି ସେ ଭାରି ବିରକ୍ତ ହେଲା । ବାଲକୋନୀରେ ବସି ସାମ୍ନା ରାସ୍ତାକୁ ଅନେଇ ଥିଲା ସେ । ଖୁସି ଭିତରେ ରୁଟି ତିଆରି କରୁଛି । ବାପାଙ୍କର ଏଇଟା କଣ ଫେରିବା ସମୟ ? ହାତ ଘଣ୍ଟାରୁ ସମୟ ଦେଖିଲା ସାତଟା ହେଲାଣି । ଆହୁରି ବିରକ୍ତ ହୋଇ ଉଠିଲା ସିଏ ମନେ ମନେ । ଶୀଘ୍ର ଘରକୁ ଫେରି ଆସିଲେ ଅସୁବିଧା କଣ ? ବୁଢା ଲୋକ ଖାଇବ, ପିଇବ, ଘରେ ଶାନ୍ତିରେ ବସିବ । ଅଯଥାରେ ବାହାରେ ଧାଁ ଧପଡ଼ ହେଲେ ଦେହ ଖରାପ ହେବା ହିଁ ସାର ହେବ ।

ବାପା ଶିଢ଼ି ଚଢ଼ି ଉପରକୁ ଆସୁ ଆସୁ ସେ ବାପା ଉପରେ ବର୍ଷିଗଲା । କୁଆଡେ ଯାଇ ଥିଲ ଏତେବେଳ ଯାଏ ? କେତେଥର କହିଛି ଏମିତି ମଇଳା ପୁରୁଣା ଲୁଗା ପିନ୍ଧନି, ଲୋକେ କଣ କହିବେ ! ଏହେଁ ! ଦେହଟା ପୁରା ଭିଜି ଯାଇଛି ! କାହିଁକି ବର୍ଷାରେ ଭିଜୁଥିଲ ? ଠିକ ଭାବେ କଣ ଚାଲି ପାରୁନ ଏମିତି ଡେଇଁ ଡେଉଁ ଆସୁଛ ।

ଏକା ସାଥେ ଏତେ ଗୁଡିଏ ପ୍ରଶ୍ନ ଓ ଅଭିଯୋଗ ଶୁଣି ବାପା ପ୍ରଥମେ ଥଙ୍ଗ ଥଙ୍ଗ ହୋଇଗଲେ । ପରେ ଶାନ୍ତ ଦୁଃଖିତ ଗଳାରେ କହିଲେ, 'ଶାନ୍ତିପଡା ରାଧାମାଧବ ମନ୍ଦିରରେ ସଂକୀର୍ତ୍ତନ ହେଉଥିଲା, ହରି ନାମ ଧରିବାକୁ ଯାଇଥିଲି । ବାହାର ପିଣ୍ଡିରେ ଚପଲ ରଖି ଦେଇଥିଲି । ଏମିତି ବାଦଲ ଫଟା ବରଷା ହେଲା ଯେ ଆଣ୍ଠୁଏ ଲେଖା ପାଣିର ସୁଅ ଛୁଟିଲା । ପାଣି ସୁଅରେ ମୋର ପଟେ ଚପଲ ଭାସିଗଲା । ଚପଲକୁ ଧରିବା ପାଇଁ ଭିଜି ଭିଜି ତା ପଛରେ ଦୌଡ଼ିଲି । ହେଲେ ଚପଲକୁ ଧରିବା ଆଗରୁ ଡ୍ରେନ୍ ଭିତରକୁ ପଶିଗଲା । ଖାଲି ପାଦରେ ଚାଲିବା ଭାରି କଷ୍ଟ । ଗେଡି ଗୋଡି ବାଜି ପାଦ କାଟିଲା । ତହିଁକୁ ପୁଣି ଏ ବର୍ଷା ମାସରେ ରାସ୍ତା ସାରା ବଡ଼ ବଡ଼ ଗୁଳି, ସାପ, ବିଛୁ, ସେଇଥିପାଇଁ ଡେଇଁ ଡେଇଁ ଆସୁଛି । ତତେ ତ ଭଡାଘର ଖୋଜିଲା ବେଳେ କେତେଥର ମନା କରିଥିଲି ସହରଠୁ ବାହାରେ ଏମିତି ଅନାବନା ଗଛଲତା ଭରିଥିବା, ପକ୍କା ରାସ୍ତା ନଥିବା ଜାଗାରେ ଘର ନେଏନି ବୋଲି । କିଛି ଶୁଣିଲୁଣି ମୋ କଥା । ନିଜେ ସିନା ଗାଡ଼ିରେ ବାହାରି ଯାଉଛୁ ବୋଲି ଜନ୍ତୁଜୁନ୍ତା କଥା କିଛି ଜାଣିନୁ... ସେତେବେଳେ ଯାଇ ତା ଦୃଷ୍ଟି ବାପାଙ୍କ ଖାଲି ପାଦ ଉପରେ ପଡିଲା ।

ଉଭୟଙ୍କ ପାଟି ଶୁଣି ଖୁସି ହାତ ପାପୁଲିରେ ଅଟାର ଗୋଲାଟିଏ ଧରି ବାହାରି ଆସିଲା । ଦେଖୁ ଦେଖୁ ନାକ ଟେକିଲା । ଛି ! ଛି ! ପୁରା ବାରଣ୍ଡାଟା କାଦୁଅ ହେଇଗଲା । ମଣିଷ ଏବେ ଏତେ ରାତିରେ ପୁଣି ହଇରାଣ ହୋଇ ବାରଣ୍ଡା ଧୋଇବ । ଗଲ ବାପା ଆଗ ପାଦଟା ଧୋଇଲ, ହଳିଆ, ମୁଲିଆଙ୍କ ଭଳି ପାଦରେ ମେଞ୍ଚେ କାଦୁଅ ଲାଗିଛ । ଦେଖିଲେ ବାନ୍ତି ମାଡୁଛ । ବାନ୍ତି ଆସିଲା ଭଳି ଦୁଇ ଥର ଅଁ.. ଅଁ.. କରି ଅତି ବିରକ୍ତିର ସହ କହିଲା ଖୁସି ।

ବାପା ପାଦ ଧୋଇବା ପାଇଁ ଚାଲିଗଲେ । ଖୁସି ରୁଟି ତିଆରି କରିବା ପାଇଁ ଫେରିଗଲା ପରେ ବିକ୍ରାନ୍ତ ବି ନିଜ ରୁମରୁ ଫେରିଆସି ବେଡ଼ରେ ଗଡି ପଡିଲା । ତା' ଆଖି ସାମ୍ନାରେ ଆଉଥରେ ଦେଖା ଗଲା ବାପା କେମିତି ଡେଇଁ ଡେଇଁ ଆସୁଥିଲେ । ସେ ନିଜେ ବି ଥରେ ଠିକ୍ ଏମିତି ଡେଇଁ ଡେଉଁ ଚାଲିଥିଲା । ତା'ର ପୁରୁଣା କଥା ସବୁ ମନେପଡି ଯାଉଥାଏ । ସେତେବେଳେ ସେ ଛୋଟଟେ ଥିଲା । ତିନି କି ଚାରି ପଢୁଥାଏ । ଥରେ ବାପାଙ୍କ ସହ କୌଣସି କାମ ପାଇଁ ବଡ଼ ସହରକୁ ଯାଇଥାଏ । ବଡ଼ ସହରର ପିଚୁ କରା କଳା ମଚ୍‌ମଚ୍ ଚଉଡା ପକ୍କା ରାସ୍ତା ସିଧା ସିଧା ଲମ୍ବିଥାଏ । ତାରି ଉପରେ ବାପ ପୁଅ ଦୁହେଁ ଯାକ ଚାଲୁଥିଲେ । ଅଚାନକ ତା' ଚପଲ ଛିଡ଼ିଗଲା । ବୈଶାଖ ମାସ । ରାସ୍ତା ଏମିତି ତାତୁ ଥାଏ ଯେମିତି ରାସ୍ତା ରାସ୍ତା ନୁହଁ ଭାଟି ଉପରେ ଚଢ଼ିଥିବା ଲୁହା ତାୱା । ଦୁଇ ମିନିଟରେ ପାଦରେ ଫୁଟକରା ଉଠିଯିବ । ସେତେବେଳେ ସେ ଠିକ୍ ଏମିତି ଡେଇଁ ଡେଇଁ ଚାଲିଥିଲା । ଶେଷରେ ଦୌଡ଼ି ଯାଇ ଛିଡା ହୋଇଥିଲା ରାସ୍ତା କଡ଼ କୃଷ୍ଣଚୂଡା ଗଛମୂଳେ । ରାସ୍ତାର ଉଭୟ ପାର୍ଶ୍ୱରେ କିଛି କିଛି ବ୍ୟବଧାନରେ ମୁଣ୍ଡରେ ନାଲି ଫୁଲର ତାଜ୍ ପିନ୍ଧି ଛିଡା ହୋଇଥିଲେ ଏମିତି ଗୋଟିଏ ଗୋଟିଏ କୃଷ୍ଣଚୂଡା ସୁନ୍ଦରୀ । ବାପା ତା' ପାଖକୁ ଆସିଲା ପରେ ସେ ଆଗକୁ ଥିବା ଆଉ ଗୋଟିଏ କୃଷ୍ଣଚୂଡା ଗଛ ଯାଏ ଦୌଡ଼ି ଯାଇ ସେଇଠି ପୁଣି ବାପାଙ୍କୁ ଅପେକ୍ଷା କରୁଥିଲା । ବାପା ସେଇଠି ପହଞ୍ଚିବା ପରେ ଆଉ ଏକ ଗଛ ତଳକୁ । ତାକୁ ଲାଗୁଥିଲା ଏ ଖଇଫୁଟା ରାସ୍ତାର ଯନ୍ତ୍ରଣାରୁ ତା ପାଦକୁ ରକ୍ଷା ଦେବା ପାଇଁ ଏ କୃଷ୍ଣଚୂଡା ମାନେ ନିଜର ପଣତ ପାରି ଦେଇଛନ୍ତି । ରାସ୍ତା କଡ଼ରେ ଯେ ଚପଲ ବିକ୍ରି ହେଉ ନଥିଲା ସେ କଥା ନୁହେଁ, କିନ୍ତୁ ଚପଲ କିଣି ଦେବା ଭଳି ସାମର୍ଥ୍ୟ ସେତେବେଳେ ବାପାଙ୍କ ନଥିଲା । କୁମ୍ଭାର ବାପା ଟଙ୍କା ଟଙ୍କାର ହିସାବ କରି ଘର ଚଳାଉଥିଲେ । କୌଣସି ବାବଦକୁ କିଛି ଟଙ୍କା ଅଧିକ ଖର୍ଚ୍ଚ ହୋଇଗଲେ ଦୈନନ୍ଦିନ ଚାଉଳ, ଡାଲି କିଣିବା ପାଇଁ ମଧ ଅଭାବ ପଡେ । ସେଦିନ ଶେଷରେ ବାପା ନିଜ ଚପଲ ଖୋଲି ତାକୁ ପିନ୍ଧିବା ପାଇଁ ଦେଇ ଦେଇଥିଲେ । ସିଏ ସିନା ସେଦିନ ବାପାଙ୍କ ବଡ଼ ବଡ଼ ଚପଲ ଭିତରେ ନିଜର ଛୋଟ ଛୋଟ ପାଦ ଗଲେଇ ଆରାମରେ ଚାଲିଲା; ହେଲେ ବାପା ସେଇ ନିଆଁବର୍ଷି ଖରାରେ ନଙ୍ଗଳା ପାଦରେ ଚାଲିଥିଲେ । ପିଲାଦିନର ସେଇ ଅଭାବି ଦିନଠାରୁ ଆଜିର ଏ ସ୍ୱଚ୍ଛଳ ଦିନ ପର୍ଯ୍ୟନ୍ତ ଅନେକ ସଂଘର୍ଷ କରିବାକୁ ପଡିଛି ତାକୁ ଆଉ ପରିବାରକୁ । ସବୁଠୁ ବେଶି ତ୍ୟାଗ ଦେଇଛନ୍ତି ବାପା । ତାଙ୍କ ତ୍ୟାଗ ବଳିଦାନ ନଥିଲେ ଆଜି ସେ ପୋଷ୍ଟ ମାଷ୍ଟର ଚାକିରୀଟିଏ ପାଇ ସୁଖ ସୁବିଧା ଭୋଗୀପାରୁ ନଥାନ୍ତା । ଆହାଃ ବାପାଙ୍କ ପାଇଁ ସିଏ ସତରେ କଣ ବା କରି ପାରିଲା ଜୀବନରେ । ଆଜିଯାଏ ଖଣ୍ଡେ କୁର୍ତ୍ତା ବି କିଣି ଦେଇ ପାରିନାହିଁ ! ଯେତେ ଥର ବାପାଙ୍କୁ କହିଲେ ବାପା ମନା କରି ଦିଅନ୍ତି ।

କାଲି ବାପା ନୂଆ ଚପଲ କିଣିବା ପାଇଁ ମାର୍କେଟ ଯାଏ ଖାଲି ପାଦରେ ଯିବେ କେମିତି ? ଘର ଯେ ପୁଣି ସହରଠୁ ବାହାରେ । ସେ ମନେମନେ ନିର୍ଣ୍ଣୟ କଲା, ସେ ଏବେ ବାହାରି ଯାଇ ବାପାଙ୍କ ପାଇଁ ହଳେ ନୂଆ ଚପଲ କିଣି ଆଣିଦେବ । ପୋଷ୍ଟ ଅଫିସରୁ ଫେରି ଭାରି ହାଲିଆ ଲାଗୁଛି । ଆଉ କିଛି ସମୟ ଯାଉ ତା'ପରେ ବାହାରି ଯିବ ବଜାରକୁ । ଏମିତି ଭାବୁ ଭାବୁ ରାତି ହେଇ ଆସିଲା ହେଲେ ନିଜ ଅଳସୁଆମି ଛାଡି ସେ ଯାଇ ପାରିଲା ନାହିଁ ବଜାର । ମନେ ମନେ ପ୍ରତିଜ୍ଞା ଖାଇଲା, କାଲି ଶୀଘ୍ର ଉଠି ଆଗ ବାପାଙ୍କ ପାଇଁ ଚପଲ ଆଣିଦେବ । ତା'ପରେ ଯାଇ ଯିବ ନିଜ ଡ୍ୟୁଟିକୁ । ସେଇ ଭାବନା ସହ ବିକ୍ରାନ୍ତ ଖାଇ ପିଇ ଶୋଇ ପାରିଲା ରାତିରେ ।

ସକାଳେ ନିଦ ଭାଙ୍ଗିଲା ବେଳକୁ ଘଡି ଦେଖି ଏକ ପ୍ରକାର ଚମକି ପଡିଲା ସେ । ସାତଟା ତିରିଶ । ସେ ଏତେବେଳ ଯାଏ ଶୋଇ ପଡିଲା କେମିତି ? ଶୀଘ୍ର ନ ବାହାରିଲେ ଏତେ ଦୂରରେ ଥିବା ତା' ଅଫିସକୁ ପହଞ୍ଚିବାକୁ ନିହାତି ଲେଟ୍ ହେବ । ଶୀଘ୍ର ଶୀଘ୍ର ନିତ୍ୟକର୍ମ ସାରି, ଗାଧୋଇ ପଧୋଇ, ବାହାରି ପଡିଲା ସିଏ । ନିଜ ଜୋତା ହଳକ ପାଦରେ ଗଲାଉ ଗଲାଉ ତା'ର ମନେ ପଡିଲା ବାପାଙ୍କ ଚପଲ କଥା । କେମିତି ଯେ ତା' ମୁଣ୍ଡରୁ ବାହାରି ଗଲା । ହେଲେ ଏବେ କିଛି ଉପାୟ ନାହିଁ । ଅଫିସରୁ ଫେରିଲେ ଯାଇ ଯାହା କରିହେବ ।

ବିକିର ଯିବା ବାଟକୁ ବାପା ଶୂନ୍ୟ ଆଖିରେ ଚାହିଁ ରହିଥିଲେ ।


ବିକ୍ରାନ୍ତ ଚାଲିଗଲା ପରେ ବାପା ବାରଣ୍ଡାରେ ଥିବା ଚପଲ ଷ୍ଟାଣ୍ଡରୁ ନିଜର ପୁରୁଣା ଛିଣ୍ଡା ଚପଲ ହଳେ ଖୋଜୁଥିଲେ, କାମ ଚଳେଇ ନେବା ପାଇଁ । କାଇଁ ତାଙ୍କର ଗୋଟିଏ ବି ପୁରୁଣା ଚପଲ ତ ଦେଖା ଯାଉନି । ତାଙ୍କର ମନେ ପଡିଲା, ଖୁସିକୁ ନୂଆ ନୂଆ ଶାଢ଼ୀ ଓ ନୂଆ ନୂଆ ଚପଲର ବହୁତ ସଉକ । ଥରେ ମାର୍କେଟ ଗଲେ ଏକା ସାଥେ ଅନେକ ଶାଢ଼ୀ, ଆଉ ଅନେକ ଯୋଡ଼ା ଚପଲ ନିଜ ପାଇଁ ନେଇଆସେ । ଏମିତି ଦିନେ ତିନି-ଚାରି ଯୋଡ଼ା ଭେରାଇଟି ଭେରାଇଟି ଚପଲ ନେଇ ଆସିଥିଲା । ସେଇସବୁ ଚପଲ ରଖିବା ପାଇଁ ଷ୍ଟାଣ୍ଡରେ ଜାଗା କମ୍ ପଡିଲା ବୋଲି ତାଙ୍କ ପୁରୁଣା ଚପଲ ଗୁଡ଼ାକୁ ଫୋପାଡ଼ି ଦେଇଥିଲା । ବାପା ଷ୍ଟାଣ୍ଡରୁ ବିକ୍ରାନ୍ତର ପୁରୁଣା ଚପଲ ହଳେ ଖୋଜି ପାଇଲେ । ଯାକୁ ପିନ୍ଧି ଯଦି ଚାଲିହେବ ତା'ହେଲେ ଆଉ ଚିନ୍ତାନାହିଁ । ସେଇ ଚପଲକୁ ଗଳେଇ ବାପା ବାରଣ୍ଡାର ଏପଟରୁ ସେପଟ, ସେପଟରୁ ଏପଟ ଚାଲିବାକୁ ଲାଗିଲେ । ତାଙ୍କ ଚାଲି ଏମିତି ଲାଗୁଥିଲା ଯେମିତି ନିପଟ ଗାଉଁଲି ଝିଅଟିଏ ନୂଆ ନୂଆ ହାଇ ହିଲ୍ ମାଡି ଚାଲିବା ପ୍ରାକ୍ଟିସ୍ କରୁଛ ।

'ନା, ଏ ଚପଲ ବି ଛିଣ୍ଡି ଯାଇଛ । ସହଜରେ ଚାଲି ହେଉନି- ବାପା ନିରାଶ ହେଲେ ।

ପର ମୁହୂର୍ତ୍ତରେ ବାପା ବିକିର ସେଇ ପୁରୁଣା ଚପଲକୁ କାଗଜରେ ଗୁଡେଇ, ଏକ ପଲିଥିନ ଭିତରେ ଭରି, ଖାଲି ପାଦରେ ବାହାରି ଗଲେ । ବୋଧେ ସହରର ମୋଚି ପାଖରୁ ସିଲେଇ କରି ଆଣିବା ପାଇଁ...

ମୋ -୮୦୧୮୮୦୭୧୫୩

# ରଥଯାତ୍ରା



**ରବୀନ୍ଦ୍ରନାଥ ଠାକୁର**
**ମୂଳ ବଙ୍ଗଳାରୁ ଓଡ଼ିଆ ଅନୁବାଦ: ମୃଣାଳ**

ରଥଯାତ୍ରା ଦିନ ପାଖେଇ ଆସିଲା ।
ରାଣୀ ରାଜାଙ୍କୁ କହିଲେ, ଚାଲ ରଥ ଦେଖିବାକୁ ଯିବା ।
ରାଜା କହିଲେ, ହେଉ ।
ଘୋଡାଶାଳରୁ ଘୋଡ଼ା ବାହାରିଲା । ହାତୀଶାଳରୁ ହାତୀ ।
ମୟୁରପଙ୍ଖି ରଥ ଧାଡ଼ି ଧାଡ଼ି । ବଲ୍ଲମ ହାତରେ ସୈନ୍ୟ ଧାଡ଼ି ଧାଡ଼ି । ଦଳ ଦଳ ଦାସଦାସୀ ପଛେ ପଛେ ଚାଲିଲେ । ବାକି ରହିଲା କେବଳ ଜଣେ । ରାଜା ଘରେ ଝାଡୁର କାଠି ଗୋଟେଇ ଆଣିବା ତା'ର କାମ ।
ସର୍ଦ୍ଦାର ଆସି ତାକୁ ଦୟା କରି ଡାକିଲା, ଆରେ ତୁ ଯିବୁ ଯଦି ଚାଲ ।
ସେ ହାତ ଯୋଡ଼ି କହିଲା ମୋର ଯିବା ହେବ ନି ।
ରାଜାଙ୍କ କାନକୁ କଥା ଗଲା, ସମସ୍ତେ ଯାଉଛନ୍ତି, କେବଳ ସେଇ ଦୁଃଖୀଟା ଯାଉନି ।
ରାଜା ଦୟା କରି ମନ୍ତ୍ରୀଙ୍କୁ କହିଲେ, ତାକୁ ବି ଡାକି ନିଅ ।
ରାସ୍ତା କଡ଼େ ତା' ଘର । ହାତୀ ଯେତେବେଳେ ସେଠି ପହଞ୍ଚିଲା, ମନ୍ତ୍ରୀ ତାକୁ ଡାକି କହିଲେ, ଆରେ ଦୁଃଖୀ, ଠାକୁର ଦେଖିବୁ ଚାଲ ।
ସେ ହାତ ଯୋଡ଼ି କହିଲା, କେତେ ଚାଲିବି ? ଠାକୁରଙ୍କ ଦୁଆରକୁ ପହଞ୍ଚିବି - ସେ ସାଧ କଣ ମୋର ଅଛି !
ମନ୍ତ୍ରୀ କହିଲେ, ତୋର କଣ ଭୟ ? ରାଜାଙ୍କ ସହିତ ଚାଲିବୁ ।
ସେ କହିଲା, ସର୍ବନାଶ । ରାଜାଙ୍କ ପଥ କଣ ମୋର ପଥ ?
ମନ୍ତ୍ରୀ କହିଲେ, ତେବେ ତୋର କଣ ଉପାୟ ? ତୋ ଭାଗ୍ୟରେ କଣ ରଥଯାତ୍ରା ଦେଖା ହେବ ନାହିଁ ?
ସେ କହିଲା, ନିଶ୍ଚୟ ଦେଖା ହେବ । ଠାକୁର ରଥରେ ବସି ମୋ ଦୁଆରକୁ ଆସନ୍ତି ।
ମନ୍ତ୍ରୀ ହସିଲେ । କହିଲେ, ତୋ ଦୁଆରରେ ରଥର ଚିହ୍ନ କାହିଁ ?
ଦୁଃଖୀ କହିଲା, ତାଙ୍କ ରଥର ଚିହ୍ନ ପଡ଼େନାହିଁ ।
ମନ୍ତ୍ରୀ କହିଲେ, କାହିଁକି ?
ଦୁଃଖୀ କହିଲା, ଠାକୁର ପୁଷ୍ପକ ରଥରେ ଆସନ୍ତି ।
ମନ୍ତ୍ରୀ କହିଲେ, କାହିଁ ସେ ରଥ ?
ଦୁଃଖୀ ଦେଖେଇ ଦେଲା, ତା'ଦୁଆରର ଦୁଇ ପାଖରେ ଦୁଇଟି ସୂର୍ଯ୍ୟମୁଖୀ ଫୁଟି ରହିଛି ।



ସଂଗୃହିତ-ଲିପିକା ଗ୍ରନ୍ଥରୁ(୧୯୨୨)

**ସଂଚାରମାର୍ଗ, ଢ଼େଙ୍କାନାଳ**
**ମୋ-୯୪୩୭୦୨୬୧୯୪**


# ପାଞ୍ଚଟି ଏକପଦୀ



ଡ.ଭରତ ଚନ୍ଦ୍ର ଦାଶ

-୧-
ତୁମ ପ୍ରତିଛବି ଦେଖିଲା ପରେ ଗୋ
ନିଦ ମୋ ଯାଇଛି ଚାଲି,
ନିଶୀଥ କଷଣ ଅତନୁରେ ପ୍ରାଣ
ସପନେ ଖୋଜୁଛି ଖାଲି ।
-୨-
ପ୍ରୀତି ମୋ କହିଲା ହୃଦୟରେ ତୁମ
ସରାଗେ ରହିଛି ଯାଇ
ଅନ୍ୟତ୍ର କାହିଁକି ଖୋଜୁଛ ଗୋ ପ୍ରିୟ
ହୃଦୟେ ମୋ ଅଛ ରହି ।
-୩-
ମୋ ପ୍ରେୟସୀ ଦେହ ପ୍ରଣୟେ ସମ୍ମୋହ
ଅନଙ୍ଗ ଅନଳେ ଜଳେ ?
ଶୟନେ ସପନେ ପ୍ରଣୟୀର ରୂପ
ଚିନ୍ତା ଚେତନାରେ ଭାଳେ ।
-୪-
ତନୁରେ ମଞ୍ଜ ତୋଳଇ ରୋମାଞ୍ଚ
ଦେହ ଦେଉଳର ଗାତ୍ରେ
କେମିତି ବର୍ଣ୍ଣିବି ଅତନୁର ରାସ
ପ୍ରବାହ ଜୀବନ ପାତ୍ରେ ।
-୫-
ଭଲ ପାଉଥିଲି ତୋତେ ଲୋ ସଙ୍ଗିନୀ
ପ୍ରଣୟ ପ୍ରଦୀପ ଜାଳି
ମୋ ହୃଦୟେ ତୁମେ ପ୍ରୀତିର ପୀୟୂଷ
ଗୋଧୂଳି ଲଗ୍ନର ଧୂଳି ।

**ମାର୍କୋଣା, ବାଲେଶ୍ୱର**
**ମୋ-୮୯୮୪୪୩୯୧୬୬**



# ଶିପସରୁବାଲି



ପବିତ୍ର ମୋହନ ଦାଶ

ଶିପସରୁବାଲି
ନୁହଁ ଖାଲି ବାଲିର ପ୍ରାନ୍ତର,
ଯୋଉଠି ସହଜରେ ଖୋଲିହବ ନିଅଁ
ତୁମ ପଞ୍ଚତାରକା ବିକୃତିର ।

ଗଢାହେବ ସୁଇମିଂପୁଲ୍
ଆବଦ୍ଧ ବିଳାସର,
ଗଡ଼ିଗଡ଼ି ଯିବ ଗୁଡ଼କଙ୍କ
ତୁମ ଅଳସ ସ୍ୱପ୍ନର,
ତିଆରି ହେବ ପ୍ରଦର୍ଶନୀ ପଡ଼ିଆ
ହାଟ ସରାଗୀ ମନର,
ପ୍ରସ୍ତୁତ ହେବ ଗଲ୍‌ଫ୍ କୋର୍ସ
ତୁମ ଲକ୍ଷଭେଦୀ ମଗଜର,
ଗଢ଼ାହେବ ସ୍ପା
ତାଜା କରିବାକୁ
ତେଜହୀନ ସ୍ନାୟୁକୁ ତୁମର ।

ଶିପସରୁବାଲି
ନୁହଁ ଖାଲି ଛନ୍ଦାଛନ୍ଦି ଜାଲ ହେନ୍ତାଳବନର,
ଯୋଉଠି ନିଅନ୍ ଅନ୍ଧାରେ
ତୁମ ପକେଟ୍‌ର ଝନ୍‌ଝନ୍
ତୀର ହୋଇ କରିଯିବ ହରିଣୀ ଶିକାର ।


ଜୀବନର ରହସ୍ୟ ଆମର ଏଠି
ମାଇଲ୍ ମାଇଲ୍ ଝାଉଁ ଜଙ୍ଗଲ,
ଧାଡ଼ି ଧାଡ଼ି ତାଳଗଛ
ଆମର ସିଧା ମେରୁହାଡ଼,
ଆମ ବହିଯିବାର ଇଚ୍ଛାରେ ପ୍ରଖର
କେତକୀ ଝର,
ଆମର ରସ ଶୋଷକୁ
ଫଳରୂପେ ଧରିରଖେ ଆମ୍ବ ଡ଼ାଳ,
ବାଲି ହିଁ ଆମର ଭାଗବତ,
ଭାବକୁଣ୍ଡଳ ।

ଯେବେ ନଥିଲା
ବନ୍ଦୋବସ୍ତ, ତହସିଲ୍
ନକ୍‌ସା, ଖାତା, ପ୍ଲଟନମ୍ବର
ସେଦିନରୁ ବାଲିଉପରେ ଲେଖା
ଆମର ନାଁ — ବାଲିଗରଡ଼ା ପଥର ।

ସୁନ୍ଦରୀ ବନ୍ତ ଉପରେ ଠିଆ ଆମର ଟାଣପଣ
ତା'ର କିଣାବିକା କରିପାରିବ କି
ଗ୍ଲୋବାଲ୍ ଟେଣ୍ଡର୍ ?

**ଇଂରାଜୀ ବିଭାଗ**
**ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ**
**ବାଲିପୁଟ, ପୁରୀ**
**ମୋ-୯୪୩୭୨୦୭୫୪୮**

## ନବ ସୃଜକ



# ଅମୃତପୁରୁଷ ଶ୍ରୀଜଗନ୍ନାଥ

**ସଂକଳକ ଓ ସଂପାଦନା-ପୀତବାସ ରାଉତରାୟ**
**ପ୍ରକାଶକ-ମହାବୀର ପ୍ରକାଶନ,**
**ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର**
**ମୂଲ୍ୟ-୪୦୦/-**

ଜଗନ୍ନାଥ ହେଉଛନ୍ତି ଭାବର ଠାକୁର । ଯିଏ ଯେପରି ଭାବରେ ଡ଼ାକିଛି, ମହାପ୍ରଭୁ ସେଭଳି ଭାବରେ ଦର୍ଶନ ଦେଇଛନ୍ତି । ଦାସିଆ ବାଉରୀ କି ସାଲବେଗ ନୁହେଁ, ଏବେ ବି ପ୍ରାୟ ସବୁ ଜଗନ୍ନାଥପ୍ରେମୀଙ୍କ ମନରେ ଯେମିତି ଭାବ ରହିଛି, ସେପରି ମଧ୍ୟ ରହିଛି କିଛି ନାକିଛି ଦିବ୍ୟ ଅନୁଭବ । ଶ୍ରୀଜଗନ୍ନାଥଙ୍କୁ ଆଖି ପୂରେଇ ଥରେ ଦେଖିନେଲେ, ମନ ଭିତରେ ଯେଉଁ ଅଫୁରନ୍ତ ଭାବ ଜାଗ୍ରତ ହୁଏ, ତାହା କେଉଁ ଦିବ୍ୟ ଅନୁଭବ ଠାରୁ କିଛି କମ୍ ନୁହେଁ । ଅନେକ ଭକ୍ତ ମଧ୍ୟ ମହାପ୍ରଭୁଙ୍କର ଅଲୌକିକ ଲୀଳା ଓ ଭାବକୁ ଅନୁଭବ କରିଛନ୍ତି । ଅନେକଙ୍କର ଜୀବନର ଘଟିଛି ସେହି ଅଲୌକିକ ଘଟଣାର ପୁନରାବୃତ୍ତି । ସେ ଭକ୍ତଙ୍କୁ କେବଳ ଭକ୍ତିର ମାଧ୍ୟମ ଦେଇ ଟାଣି ନିଅନ୍ତି ନାହିଁ ବରଂ କିଛି ଅନୁଭବର ଭାବକୁ ଉପଲବ୍ଧି କରିବା ପାଇଁ ବଡ଼ଦାଣ୍ଡରେ ସ୍ମରଣିବା ପାଇଁ ଆହ୍ୱାନ କରିଥାନ୍ତି । ସେହିଭଳି ଏକ ନିଦର୍ଶନକୁ ନେଇ ଅବିଶ୍ରାନ୍ତ ଭାବରେ ପ୍ରକାଶ କରୁଥିବା ଏକ ଅନନ୍ୟ ସଂକଳନ ହେଉଛି ଅମୃତପୁରୁଷ ଶ୍ରୀଜଗନ୍ନାଥ । ସଂପାଦକ ଅବିଚଳିତ ଭାବରେ ଦୀର୍ଘ ବର୍ଷ ଧରି ଶ୍ରୀଜଗନ୍ନାଥଙ୍କ ମହିମା, କରୁଣା, ଅଲୌକିକତାକୁ ଅନୁଭବ କରିଥିବା ଶ୍ରଦ୍ଧାଳୁଙ୍କ ବହୁମୂଲ୍ୟ ଆଲେଖ୍ୟ ସଂଗ୍ରହ କରି ଯେଉଁ ଶ୍ରମଦାନ କରନ୍ତି, ମହାପ୍ରଭୁଙ୍କର କୌଣସି ପ୍ରିୟ ସେବକଙ୍କ ସେବା ଠାରୁ କିଛି କମ୍ ନୁହେଁ । ଶ୍ରୀଜଗନ୍ନାଥଙ୍କ ମହିମା ପ୍ରଚାର ପ୍ରସାର କରିବା କେବଳ ଓଡ଼ିଶା ନୁହେଁ ଦେଶବିଦେଶରେ ବାସ କରୁଥିବା ଜଗନ୍ନାଥପ୍ରେମୀଙ୍କ ପର୍ଯ୍ୟନ୍ତ ଯେଉଁ ଅବାରିତ ସେବା କରିଚାଲିଛନ୍ତି, ତାହା ନିହାତି ଭାବରେ ପ୍ରଶଂସାଯୋଗ୍ୟ ପଦକ୍ଷେପ । ଅନେକଙ୍କ ଅନୁଭବ, ସାକ୍ଷାତକାର, କାହାଣୀମାଳା, କବିତାରେ ରହିଛି ସେହି ମହନୀୟ ଭାବଧାରାର ଝଲକ । ଯେଉଁମାନେ ଥରେ ବି ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି, ସେମାନେ ବୁଝି ନେଇଛନ୍ତି ମହାପ୍ରଭୁ କେଡ଼େ କୀର୍ତ୍ତିମନ୍ତ ଦେବତା । ଯାହାଙ୍କ ମାନବୀୟ ନୀତିକାନ୍ତି କେବଳ ମାନବସମାଜକୁ ସଚେତନ କରିବାର ଏକ ଭାବର ଧାରା । ମହାପ୍ରଭୁଙ୍କ ପ୍ରତିଟି ନୀତିକାନ୍ତି ମଧ୍ୟରେ ଯେମିତି ବୈଜ୍ଞାନିକ, ସାମାଜିକ, ସାଂସ୍କୃତିକ ଭାବ ରହିଛି, ତାହା ମାନବ ସମାଜର ମଙ୍ଗଳ ପାଇଁ କେବଳ ନୁହେଁ ସମାଜକୁ ଶୃଙ୍ଖଳିତ କରିବାର ଅନୁଶାସନ ମଧ୍ୟ ରହିଛି । ପ୍ରତିଟି ବେଶ, ପର୍ବ, ଯାତ୍ରା, ରୀତିନୀତି ପଛରେ ମାନବୀୟ ସାମାଜିକ ଚେତନାର ବାର୍ତ୍ତା ରହିଛି । ଏହି ସଂକଳନରେ ଯେଉଁ ମହାନୁଭବମାନେ ନିଜର ଆଲେଖ୍ୟ ଲେଖିଛନ୍ତି, ସେମାନେ ମହାପ୍ରଭୁଙ୍କ ଗୁଣଗାନ କେବଳ କରିନାହାନ୍ତି ବରଂ ଦେଖେଇ ଦେଇଛନ୍ତି ଜଗତରନାଥ ଜଗନ୍ନାଥଙ୍କ ମହିମାମଣ୍ଡିତ ଅଧ୍ୟାୟ । ଏହି ସଂକଳନ ପ୍ରତିବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କୁ ପ୍ରଥମେ ସମର୍ପି ସାର୍ବଜନୀନ କରାଯାଇଥାଏ, ଯାହାର ସ୍ୱାଦ ଆସ୍ୱାଦନ କରନ୍ତି ଶ୍ରଦ୍ଧାଳୁ । ଏହି ସଂକଳନଟି ଅନେକ ଦୁର୍ମୂଲ୍ୟ ଲେଖାକୁ ନେଇ ସମୃଦ୍ଧ । ମହାପ୍ରଭୁଙ୍କ ଇଚ୍ଛାରେ ସବୁ ସମ୍ଭବ, ଯାହାଙ୍କ ଦାୟିତ୍ୱ ନେଇ ସଂପାଦକ ମହାନ କାର୍ଯ୍ୟକୁ ଆହୁରି ଅଗ୍ରସର କରିଛନ୍ତି ।

# ବର୍ଷାର ଏକ ସ୍କେଚ୍



କୈଳାସ ବେହେରା

ରାସ୍ତା କଡ଼ରେ ଛତା ବିକୁଥିବା ପିଲାଟି ସେମିତି ଆକାଶକୁ ଅପଲକ ନୟନରେ ଚାହିଁରହିଥାଏ । ପାଖ ପାନ ଦୋକାନରେ ଖବର କାଗଜ ପଢୁଆ ବାବୁମାନଙ୍କ କଥାକୁ ବି କାନେଉ ଥାଏ । ଆଜି ବର୍ଷା ବାବଦେ କିଛି ଖବର ବାହାରିଛି କି !

ଏଥର ସେମିତି ଭଲବର୍ଷା ଅସରାଏ ନାହିଁ ବୋଲି ଛତା ବେପାର ନାହିଁ । ଆଜି ବି ଛତାତକ ଫେରେଇ ଘରକୁ ଯିବାକୁ ହେବ । ମା' ର ଶୁଖିଲା ମୁହଁ ତା' ଆଖି ଆଗରେ ଭାସି ଉଠୁଥାଏ । ସେ ତ ନିରୁପାୟ! କ'ଣ ଅବା କରିପାରିବ ଦଇବ ପାଖରେ । ପିନ୍ଧିଥିବା ଜାମାରୁ ଠାଏ ଠାଏ ଦେହର ଅଂଶ ଦୃଶ୍ୟମାନ ହେଉଥାଏ । ନୁଖୁରା କେଶରୁ ଅଭାବୀର କରୁଣଚିତ୍ର ବାରି ହୋଇପଡୁଥାଏ । ଆଜିବି ତା' ମା'କୁ ଯାଇ କହିବ ଛତା ବିକ୍ରି ହୋଇନି ବୋଲି । ତା' ମା' ମୁହଁରୁ ଚେନାଏ ହସ ସେ ଦେଖି ପାରିବନି ଏଇ ବର୍ଷାର ଅନୁପସ୍ଥିତ ପାଇଁ । ଗାଁ ମହାଜନ ପାଖରୁ କରଜ ଆଣି ଛତା ବେପାର ଆରମ୍ଭ କରିଥିଲା । ପାଖ ପାନ ଦୋକାନରୁ ସ୍ପଷ୍ଟ ଭାବେ ସେ ଶୁଣିପାରୁଥିଲା ମୌସୁମୀ ଗାଏବ, ଲଘୁଚାପ ଟଳିଗଲା, ବର୍ଷାର ସମ୍ଭାବନା କ୍ଷୀଣ, ଏତକ କଥା ତା' ହୃତସ୍ପନ୍ଦନ ବଢ଼େଇ ଦେଲା । ଛତା ବିକୁଥିବା ପିଲାଟି ସେଇମିତି ଆକାଶକୁ ଚାହୁଁଥାଏ । ଟୋପା ଟୋପା ବର୍ଷା ପଡ଼ିଲେ ସିନା ତା ସୌଭାଗ୍ୟର ଅନ୍ନ ତା' ହାତ ପାପୁଲିରେ ଅଜାଡ଼ି ପଡ଼ିବ ।

**ଟିହିଡି, ଭଦ୍ରକ, ମୋ - ୭୦୦୮୭୪୫୧୭୦**





## ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଲେ ଶ୍ରୀଜିଉ

# ଲଗାଣ ବର୍ଷାରେ ଅଟକିଲା ବଳଦେବଜିଉଙ୍କ ରଥ

**କେନ୍ଦୁଝର,୫।୭/ଏନ୍‌ଏନ୍‌ଏସ୍:** କେନ୍ଦୁଝରର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ବଳଦେବଜିଉଙ୍କ ବାହୁଡ଼ା ଯାତ୍ରା ଲଗାଣ ବର୍ଷା ମଧ୍ୟରେ ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥିବା ବେଳେ ବଡ଼ଦାଣ୍ଡର ମଧ୍ୟଭାଗରେ ବଳଗଣ୍ଡିରୁ ଅଳ୍ପ ଆଗରେ ରଥ ଅଟକିଯାଇଛି। ପ୍ରବଳ ବର୍ଷା ସହ ରଥ ବାମକୁ ଯିବାରୁ ରଥ ଅଟକିଥିଲା। ସନ୍ଧ୍ୟା ଆଳତି ସମୟ ହୋଇଥିବାରୁ ରଥ ଅଟକିବା ସହ ରବିବାର ସକାଳ ୯ଟାରେ ରଥ ଟଣା ଓ ସନ୍ଧ୍ୟାରେ ସୁନାବେଶ ଅନୁଷ୍ଠିତ ହେବ। ପ୍ରବଳ ବର୍ଷା ମଧ୍ୟରେ ୪ଟାରୁ ଶ୍ରୀଜିଉଙ୍କ ଅବକାଶ, ୫ଟାରେ ଲୁଗାଲାଗି, ୯ଟାରେ ଧୂପ ଓ ୧୦ଟାରେ ପୁଷ୍ପାଞ୍ଜଳି ଅନୁଷ୍ଠିତ ହୋଇଥିଲା। ପରେ ଚକାଭିଡ଼ା କରାଯାଇ ଅପରାହ୍ନ ୨ଟା ୧୦ରେ ଶ୍ରୀଜିଉଙ୍କ ପହଁଣ୍ଡି କାର୍ଯ୍ୟ କରାଯାଇ ୪ଟାରେ ଶେଷ ହୋଇଥିଲା। କେନ୍ଦୁଝର ରାଜାସାହେବ ଧନଞ୍ଜୟ ନାରାୟଣ ଭଞ୍ଜଦେଓ ପୁଷ୍ପାଞ୍ଜଳି ଦେବା ପରେ ଘଣ୍ଟଘଣ୍ଟା, ଖୋଳକୀର୍ତ୍ତନ ଓ ଭକ୍ତଙ୍କ ହରିବୋଲ ହୁଳହୁଳି ଧ୍ୱନି ମଧ୍ୟରେ ଧାଡ଼ି ପହଣ୍ଡି ଯୋଗେ ପ୍ରଥମେ ପ୍ରଭୁ ସୁଦର୍ଶନ ପରେ ବଳଦେବଜିଉ, ମାତା ସୁଭଦ୍ରା ଓ ଶେଷରେ ଶ୍ରୀ ଜଗନ୍ନାଥଙ୍କୁ ରଥ ଚାରିପଟେ ପ୍ରଦକ୍ଷିଣ କରିବା ପରେ ରଥାରୂଢ଼ କରାଯାଇଥିଲା। ରଥ ଉପରେ ଚକାଭିଡ଼ା କାର୍ଯ୍ୟକ୍ରମ ଶେଷ ହେବାପରେ ରାଜାସାହେବଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ଶେଷ ହୋଇଥିଲା। ଅପରାହ୍ନ ୫ଟା୧୫ରେ ରଥଟଣା ଆରମ୍ଭ ହୋଇ ଶ୍ରୀ ରଘୁନାଥଜିଉ ମନ୍ଦିର ସହ ଗଳଗଣ୍ଡି ନିକଟରେ ପାରମ୍ପରିକ ଭୋଗନୀତି ପାଇଁ ଅଟକି ରହିଥିଲା। ତେବେ ଲଗାଣ ବର୍ଷା କାରଣରୁ ରଥ ସନ୍ଧ୍ୟା ସମୟରେ ଅଟକି ରହି ଆଳତି ହୋଇଥିଲା। ବାହୁଡ଼ା ଯାତ୍ରାରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ବଡ଼ଦେଉଳକୁ ରାସ୍ତା ଗଡ଼ାଣିଆ ଓ ପ୍ରବଳ ବର୍ଷା ହୋଇଥିବାରୁ ରଥକୁ ଶୃଙ୍ଖଳିତ ଭାବେ ଟାଣିବା ପାଇଁ ପୁଲିସ,ସ୍ୱେଚ୍ଛାସେବୀ ଓ ଜିଲ୍ଲା ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଘୁଙ୍ଗୁରୁ କ୍ଲବ୍‌ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ପ୍ରତ୍ୟକ୍ଷଦର୍ଶୀ ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ଇଲେଭେନ୍ ବୁଲେଟ୍ କ୍ଲବ୍ ପକ୍ଷରୁ ଭକ୍ତଙ୍କୁ ମାଗଣା ପ୍ରସାଦ ବିତରଣ କରାଯାଇଥିବାବେଳେ ବଡ଼ଦାଣ୍ଡରେ ୟଙ୍ଗ ଜିନିୟସ୍ କ୍ଲବ୍ ପକ୍ଷରୁ କ୍ଷୀରି ଓ କାକରା ବଣ୍ଟା ଯାଇଥିଲା। ରାଜପୁରୋହିତ ପ୍ରସନ୍ନ କୁମାର ନନ୍ଦ, ବ୍ରହ୍ମା ଗଙ୍ଗାଧର ମିଶ୍ର, ବଡ଼ପଣ୍ଡା ରାଜକିଶୋର ପଣ୍ଡା, ବରିଷ୍ଠ ପୂଜାପଣ୍ଡା ସୁବ୍ରତ କୁମାର ତ୍ରିପାଠୀ, ସୁଜିତ କୁମାର ଦାଶ, ଜଗନ୍ନାଥ ପତି, ଈଶ୍ୱର ତ୍ରିପାଠୀ, ପଦ୍ମନାଭ ନନ୍ଦ, ସିଦ୍ଧେଶ୍ୱର ମିଶ୍ରଙ୍କ ସମେତ ପୂଜାପଣ୍ଡା, ସୁଆର ଓ ଖୁଣ୍ଟିଆ ସେବକମାନେ ସେବା ଯୋଗାଇଥିଲେ। ବିଭିନ୍ନ ସ୍ଥାନରୁ ଆସିଥିବା ପହଣ୍ଡିଆ ସେବକଙ୍କ ଦ୍ୱାରା ପହଣ୍ଡି କାର୍ଯ୍ୟ ଶେଷ ହୋଇଥିଲା। ରଥଟଣାକୁ ସୁଚାରୁରୂପେ ସମ୍ପାଦନ ପାଇଁ ଏସ୍‌ପି ନିତିନ କୁଶଲକର, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ରବୀନ୍ଦ୍ର କୁମାର ପ୍ରଧାନ, ଅତିରିକ୍ତ ଏସ୍‌ପି ଜ୍ୟୋତର୍ମୟ ଭୁକ୍ତା, ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀ ଉମାଶଙ୍କର ଦଳାଇ, ସଦର ଏସ୍‌ଡିପିଓ ସୁଦର୍ଶନ ଗଙ୍ଗୋଇ, ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ, ସଦର ତହସିଲଦାର୍ ଶୁଭେନ୍ଦୁ ସାହୁଙ୍କ ସମେତ ବରିଷ୍ଠ ପୁଲିସ ଓ ମାଜିଷ୍ଟ୍ରେଟ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ସସ୍ମିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଧ୍ୟାତ୍ମିକ ଅନୁଷ୍ଠାନ ଜ୍ଞାନମଣ୍ଡଳର ମୁଖପତ୍ର 'ତାଳଧ୍ୱଜ'କୁ ଅତିରିକ୍ତ ଜିଲ୍ଲାପାଳ ଓ ଉପଜିଲ୍ଲାପାଳ ଉନ୍ମୋଚନ କରିଥିଲେ। ଦେବାଶିଷ ମିଶ୍ର ଓ ପୂର୍ତ୍ତ ବିଭାଗର ଅଧିକାରୀମାନେ ରଥଟଣା ପରିଚାଳନା କରିଥିଲେ। ରବିବାର ରଥ ପହଞ୍ଚିବା ପରେ ସୁନାବେଶକୁ ଶୃଙ୍ଖଳିତ କରିବା ପାଇଁ ରଥକୁ ବ୍ୟାରିକେଡ୍ ଓ ୱାଚ୍ ଟାୱାର୍ ନିର୍ମାଣ କରାଯିବ। ଅପରାହ୍ନ ୩ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଶ୍ରୀଜିଉଙ୍କ ସୁନାବେଶ ଓ ବଡ଼ ଏକାଦଶୀ ଅନୁଷ୍ଠିତ ହେବ।



# ଆଜି ଶ୍ରୀଜିଉଙ୍କ ସୁନାବେଶ

**ବାଲେଶ୍ୱର:** ଜିଲ୍ଲାର ବାଲଗୋପାଳପୁର ଶିଳ୍ପାଞ୍ଚଳସ୍ଥିତ ଇମାମୀ ନଗରରେ ଶ୍ରୀଗୁଣ୍ଡିଚା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କ ସହ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚାରେ ୯ ଦିନ ଅବସ୍ଥାନ କରି ଶନିବାର ଅପରାହ୍ନରେ ଶ୍ରୀମନ୍ଦିରକୁ ବାହୁଡ଼ିଛନ୍ତି । ଏଥିରେ ସ୍ଥାନୀୟ ଅଞ୍ଚଳ, ଜିଲ୍ଲା, ଜିଲ୍ଲା ବାହାରୁ ତଥା ଅନ୍ୟ ରାଜ୍ୟର ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିବାର ଦେଖିବାକୁ ମିଳିଛି। ହରିବୋଲ, ହୁଳହୁଳି, ଶଙ୍ଖ ଓ ଘଣ୍ଟାନାଦ ସହ ଋଷିକେଶ କଳାକାରଙ୍କ ଦ୍ୱାରା ଶ୍ରୀରାଧାକୃଷ୍ଣ ରାସଲୀଳା ଏବଂ ନାମ ସଙ୍କୀର୍ତ୍ତନରେ ଚଉଦିଗ ପ୍ରକମ୍ପିତ ହୋଇ ଉଠିଥିଲା। ଏହି ଅବସରରେ ସକାଳ ୫ଟା ୧୫ରେ ଆରତୀ ଅବକାଶ, ୮ଟା ୪୦ରେ ମଙ୍ଗଳାର୍ପଣ, ୯ଟା ୨୦ରେ ଆଜ୍ଞାମାଳ ନୀତି, ୧୧ଟା ୩୦ରେ ଧାଡ଼ିପହଣ୍ଡି, ୨ଟା ୩୦ରେ ଛେରାପହଁରା ଓ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ପରେ ଠାକୁରଙ୍କୁ ପହଣ୍ଡି କରାଯାଇ ଶ୍ରୀମନ୍ଦିରକୁ ନିଆଯାଇଥିଲା। ରାତି ୯ଟାରେ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ କଳି, ରସଗୋଲା ଭୋଗ ଓ ପରେ ମହାପ୍ରଭୁଙ୍କ ନିଳାଦ୍ରି ବିଜେ ରାତି ୧୦ଟାରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପୂଜକଙ୍କ ତତ୍ତ୍ୱାବଧାନରେ ସମସ୍ତ ରୀତିନୀତି ସମ୍ପନ୍ନ ହୋଇଥିଲା । କଲିକତାସ୍ଥିତ ଇମାମୀ ଫାଉଣ୍ଡେସନ୍‌ର ହାଇଭ୍ ଇଣ୍ଡିଆ ସଂସ୍ଥାରେ ଡାକ୍ତରୀ ଟିମ୍ ଏବଂ ଇମାମୀର ଡାକ୍ତରୀ ଟିମ୍ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମରେ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ତଥା ଇମାମୀର ମୁଖ୍ୟ ପୃଷ୍ଠପୋଷକ ରାଧେଶ୍ୟାମ ଅଗ୍ରୱାଲ ଓ ରାଧେଶ୍ୟାମ ଗୋଏଙ୍କାଙ୍କ ପ୍ରତିନିଧି ଭାବେ ମନ୍ଦିରର ମୁଖ୍ୟ ପୃଷ୍ଠପୋଷକ ସୁଶିଲ କୁମାର ଗୋଏଙ୍କା ଏବଂ ପତ୍ନୀ ଇନ୍ଦୁ ଗୋଏଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ, ଇମାମୀ ଗ୍ରୁପ୍‌ର ପୂର୍ଣ୍ଣକାଳୀନ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନିର୍ଦ୍ଦେଶକ ବିବେକ ଚାୱଲା, ଇମାମୀର ସଭାପତି ଆଶିଷ ଅବିନାଶ ଗୁପ୍ତା, ଉପସଭାପତି ଚନ୍ଦ୍ରେଶ ଗୁପ୍ତା, ମୁଖ୍ୟ ପରିଚାଳକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି, ଡିଜିଏମ୍ ଦେବବ୍ରତ ହୋତା, ରମେଶ ଚନ୍ଦ୍ର ଖୁଣ୍ଟିଆ, ଆର୍ କେ କୁଣ୍ଡୁ, ଏଜିଏମ୍ ଓମ୍ ପ୍ରକାଶ ଶର୍ମା, ମନ୍ଦିର ପ୍ରଶାସନିକ ଅଧିକାରୀ ନିଖିଳ ରଞ୍ଜନ ଦାସ ସାମନ୍ତରାୟ, ପ୍ରବନ୍ଧକ ବିନୋଦ କୁମାର ଜେନା, ମନ୍ଦିର ମୁଖ୍ୟ ପୂଜକ ଏବଂ ତାଙ୍କ ସହଯୋଗୀ, ଇମାମୀ ଲେଡିଜ୍ କ୍ଲବ୍‌ର ସଭାପତି ବନ୍ଦନା ଗୁପ୍ତା, ସମ୍ପାଦିକା ନିବେଦିତା ଖୁଣ୍ଟିଆଙ୍କ ସହ ସଦସ୍ୟା ବୃନ୍ଦ ଓ ସତ୍ୟସାଇ ସଂଗଠନ କର୍ମକର୍ତ୍ତାଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା । ସେହିପରି ଜଗନ୍ନାଥ ପ୍ରବଚକ ଅବସରପ୍ରାପ୍ତ ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି ଧାରା ବିବରଣୀ ପାଠ କରିଥିଲେ। ପୁଣି ୬ ତାରିଖ ସକାଳ ୮ଟାରେ ୩୦ରେ ଶ୍ରୀଜିଉ ସୁନାବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ସୂଚନା ଦେଇଛନ୍ତି। ଏଥିରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ବରିଷ୍ଠ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।





# ଜିଲ୍ଲାପାଳଙ୍କ ଦ୍ୱାରା ଛେରାପହଁରା

**ତିହିଡ଼ି:** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ଗୁଆମାଳ ମୋଡ଼ସାହିସ୍ଥିତ ମାଉସୀ ମା' ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତି ଭଦ୍ରକ ବ୍ଲକ୍ ଅଧୀନ କେଶପୁରସ୍ଥିତ ହରିବୋଲ କ୍ଷେତ୍ରକୁ ବାହୁଡ଼ିଛନ୍ତି। ଚତୁର୍ଦ୍ଧା ମୂର୍ତ୍ତି ୩ ରଥକୁ ବିଜେ କରିବା ବେଳେ ବର୍ଷାରେ ଭିଜି ଭକ୍ତମାନେ ଭାବବିହ୍ୱଳ ହୋଇପଡ଼ିବା ସହ ଭଗବାନ-ଭକ୍ତ ଏକାକାର ହୋଇଯାଇଥିଲେ। ବାହୁଡ଼ା ଯାତ୍ରା ପାଇଁ ମାଉସୀ ମା' ମନ୍ଦିରରେ ସକାଳୁ ପୂଜକଙ୍କ ଦ୍ୱାରା ବିଭିନ୍ନ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ପହଣ୍ଡି ବିଜେ ପରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କୁ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ପାଲିଙ୍କିରେ ବସାଇ ୩ ରଥ ପାଖକୁ ନିଆଯାଇଥିଲା। ସେଠାରେ ସମସ୍ତ ବିଧି ମୁତାବକ ୩ ରଥ ଉପରେ ଜିଲ୍ଲାପାଳ ଛେରା ପହଁରା କରିଥିଲେ। ମହନ୍ତ ଭାଗବତ ମିଶ୍ର, ପୂଜକ କଳ୍ପତରୁ ଉଦ୍‌ଗାତା, ଦେବେନ୍ଦ୍ର ଉଦ୍‌ଗାତା ଓ ଜଗନ୍ନାଥ ପଣ୍ଡା ପ୍ରମୁଖ ଶ୍ରୀଜିଉଙ୍କ ନୀତିକାନ୍ତି ସମ୍ପନ୍ନ କରିଥିଲେ। ଅପରାହ୍ନ ୨ଟାରେ ୩ ରଥ କେଶପୁରସ୍ଥିତ ହରିବୋଲ କ୍ଷେତ୍ର ଅଭିମୁଖେ ଗଡ଼ିଥିଲା। ମହିଳାମାନେ ସଙ୍କୀର୍ତ୍ତନର ତାଳେତାଳେ ମା' ସୁଭଦ୍ରାଙ୍କ ରଥକୁ ଟାଣିଥିଲେ। ମୋଡ଼ସାହି ଶ୍ରୀଗୁଣ୍ଡିଚା ମନ୍ଦିର ପରିଚାଳନା କମିଟି ସଭାପତି ଲକ୍ଷ୍ମୀକାନ୍ତ ଖୁଣ୍ଟିଆ, ସମ୍ପାଦକ ସନାତନ ଜେନା, କୋଷାଧ୍ୟକ୍ଷ ମନୋରଞ୍ଜନ ଖୁଣ୍ଟିଆ, ରବିନାରାୟଣ ସାମଲ, ଭରତ ଚନ୍ଦ୍ର ସାହୁ, ରବିନ୍ଦ୍ର ପୃଷ୍ଟି, ପ୍ରମୋଦ କୁମାର ନାୟକ, ଅତୁଲ୍ୟ ଜେନା, ସନ୍ତୋଷ ସାମଲଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ରହି ରଥଯାତ୍ରା ପରିଚାଳନା କରିଥିଲେ।

# ଦେବଦାସୀ ନୃତ୍ୟରେ ଭକ୍ତ ବିଭୋର୍

**ବାହାନଗା:** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ୍ ଅନ୍ତର୍ଗତ ତାଳକୁରୁନିଆ, ଅଭନା, ସାଉଡ୍, ଗୋପାଳପୁର, ପଣ୍ଡାଶୁଣି, ଷଠି, ପନପନା ଓ ଖନ୍ତାପଡ଼ା ଆଦି ବିଭିନ୍ନ ସ୍ଥାନରେ ଶ୍ରୀଜିଉ ଘୋଷଯାତ୍ରାରେ ଭକ୍ତଙ୍କ ଗହଣରେ ଶ୍ରୀମନ୍ଦିର ଛାଡ଼ି ମାଉସୀ ମା' ମନ୍ଦିରକୁ ଯାଇ ଲୀଳାଖେଳା କରିଥିଲେ। ତେବେ ଘୋଷଯାତ୍ରା ପରି ନୀତିକାନ୍ତି ସାରି ଶ୍ରୀଜିଉ ରଥାରୂଢ଼ ହୋଇଥିଲେ। ପରେ ବିଭିନ୍ନ ସ୍ଥାନରେ ରଥ ମାର୍ଜନା ହେବା ପରେ ପୂର୍ବରୁ ସ୍ଥିରୀକୃତ ରଜାମାନେ ରଥରେ ଛେରା ପହଁରା କରିଥିଲେ। ଉପକୂଳବର୍ତ୍ତୀ ଅଞ୍ଚଳରେ ତାଳକୁରୁନିଆ ରଥ ବହୁ ପୁରୁଣା ଥିବାରୁ ସେଠାରେ ବହୁ ଶ୍ରଦ୍ଧାଳୁ ଯୋଗଦେଇ ୩ଟି ରଥ ଟାଣିଥିଲେ। ଅନ୍ୟପଟେ ପଣ୍ଡାଶୁଣିରେ ୨ଟି ରଥ ହୋଇଥିବାବେଳେ ପ୍ରଥମ ରଥରେ ରମାକାନ୍ତ ପଣ୍ଡା ରଜା ଭାବେ ଛେରା ପହଁରା କରିବା ପରେ ଦେବଦାସୀଙ୍କ ନୃତ୍ୟର ତାଳେ ତାଳେ ଶ୍ରଦ୍ଧାଳୁ ଶ୍ରୀଜିଉଙ୍କ ରଥକୁ ଟାଣିନେଇ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ତେବେ ବାହାନଗା ବ୍ଲକ୍‌ରେ ପଣ୍ଡାଶୁଣି ପଞ୍ଚାୟତରେ ଦେବଦାସୀ ନୃତ୍ୟରେ ଶ୍ରୀଜିଉଙ୍କ ରଥ ଶ୍ରୀମନ୍ଦିର ପହଞ୍ଚିଥିଲା। ବାହାନଗା ବ୍ଲକ୍‌ରେ ପନ୍ଦଶୁନି ରଥ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା।



## ବାଗୁଡ଼ି ଖାଦାନରେ ତହସିଲଦାର୍‌ଙ୍କ ଚଢ଼ଉ

### ୩୦ ଟ୍ରକ୍‌ରୁ ଉର୍ଦ୍ଧ୍ୱ ପଥର ଜବତ



**ସୋର,୫।୭/ଏନ୍‌ଏନ୍‌ଏସ୍:** ସୋର ବ୍ଲକ୍ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଖାଦାନ ଅଞ୍ଚଳରେ ବେଆଇନ ପଥର ଖାଦାନରେ ତହସିଲଦାର୍ ଚଢ଼ଉ କରି ପଥର ଜବତ କରିଛନ୍ତି। ଗତ ଦୁଇଦିନ ତଳେ ପୁଲିସ ପକ୍ଷରୁ ଖାଦାନର ମୁଖ୍ୟରାସ୍ତାରେ ବସାଯାଇଥିବା କ୍ୟାମ୍ପକୁ ଉଠାଯାଇଛି। ଫଳରେ ମାଫିଆମାନେ ପୂର୍ବତନ କିଛି ଅଧିକାରୀଙ୍କୁ ହାତ କରି ପଥର ଚୋରାଚାଲାଣ ଆରମ୍ଭ କରିଛନ୍ତି। ଶନିବାର ସକାଳେ ଖାଦାନର ୫୫ ନମ୍ବର କ୍ୱାରିରେ ବେଆଇନ ବ୍ଲାଷ୍ଟିଂ ହୋଇଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ପରେ ସୋର ତହସିଲଦାର୍ ଦୈତାରି ମଲ୍ଲିକ ସେଠାରେ ପହଞ୍ଚି ୩୦ ଟ୍ରକ୍‌ରୁ ଉର୍ଦ୍ଧ୍ୱ ପଥର ଜବତ କରିଥିଲେ। ଉକ୍ତ ପଥରକୁ ଖଣି ବିଭାଗକୁ ହସ୍ତାନ୍ତର କରିଥିଲେ। ଜବତ ପଥରକୁ କେତେ ଟଙ୍କାରେ ନିଲାମ କରାଗଲା ସେନେଇ ଖଣି ବିଭାଗ ପକ୍ଷରୁ ସୂଚନା ମିଳିପାରିନାହିଁ।

## ସ୍ୱାମୀ ବିବେକାନନ୍ଦଙ୍କ ମହାପ୍ରୟାଣ ଦିବସ

**ସୋର,୫।୭/ଏନ୍‌ଏନ୍‌ଏସ୍:** ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ପକ୍ଷରୁ ବିବେକାନନ୍ଦଙ୍କ ୧୨୩ତମ ମହାପ୍ରୟାଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଉପସ୍ଥିତ ସମସ୍ତେ ସ୍ୱାମୀଜୀଙ୍କୁ ଧ୍ୟାନ କରି ୫ ମିନିଟ୍ ପ୍ରାର୍ଥନା କରିବା ସହ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସ୍ୱାମୀଜୀଙ୍କ ନୀତି ଆଦର୍ଶ ଏବଂ ରାଷ୍ଟ୍ର ନିର୍ମାଣରେ ଯୁବ ଗୋଷ୍ଠୀଙ୍କ ଭୂମିକା ଉପରେ ଆଲୋଚନା କରାଯାଇଥିଲା। ଏହାସହ ପୂର୍ବ ସନ୍ଧ୍ୟାରେ ଡଗରପଡ଼ାସ୍ଥିତ ବିବେକ ଭାରତୀ ଆଶ୍ରମରେ ପିଲାଙ୍କୁ ପୋଷାକ ଏବଂ ଖାଦ୍ୟ ବଣ୍ଟାଯାଇ ଏହି ଦିନକୁ ସେବା ଦିବସ ରୂପେ ପାଳନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଯୁବକ ସଂଘର ଉପସଭାପତି ପତିତପାବନ ମହାପାତ୍ର, ସମ୍ପାଦକ ସରୋଜ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ ଓ ସ୍ଲୋଗାନ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

**ସୋର,୫।୭/ଏନ୍‌ଏନ୍‌ଏସ୍:** ବିଲରେ କାମ କରୁଥିବା ବେଳେ ଏକ ବିଷଧର ସାପ କାମୁଡ଼ାରେ ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ସବିରା ପଞ୍ଚାୟତ ଚାଳିଶମାଢ଼ ଗ୍ରାମର ଜଗବନ୍ଧୁ ନାୟକ (୬୧)। ଶନିବାର ପୂର୍ବାହ୍ନରେ ଜଗବନ୍ଧୁ ବିଲକୁ କାମ କରିବାକୁ ଯାଇଥିବା ବେଳେ ଏକ ବିଷଧର ସାପ ତାଙ୍କ ଗୋଡ଼କୁ କାମୁଡ଼ିଥିଲା। ପରେ ପରିବାର ଲୋକେ ତାଙ୍କୁ ତୁରନ୍ତ ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ଜଗବନ୍ଧୁଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ

**ବାରିପଦା,୫।୭/ଏନ୍‌ଏନ୍‌ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ ସାରା ଦେଶରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଚାଲିଛି। ଏହିକ୍ରମେ ନାରାୟଣ ସେବା ଟ୍ରଷ୍ଟ ଓ ସେଭ୍ ଆର୍ଥ ମିଶନ୍‌ର ମିଳିତ ସହଯୋଗରେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଶୁଳିଆପଦା ବ୍ଲକ୍ ଅନ୍ତର୍ଗତ ଦେଉଳି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିସରରେ ଆମ୍ବ, ପଣସ, ବଉଳ, ପିଜୁଳି ଓ ମେହଗାନି ଆଦି ଶହେ ଚାରାରୋପଣ କରାଯାଇଛି। ସର୍ବପ୍ରଥମେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ରଶ୍ମିତା ସାହୁଙ୍କ ସଭାପତିତ୍ୱରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମାଜସେବୀ, କବି ଓ ଶୁଳିଆପଦା ସମ୍ବାଦ ସାହିତ୍ୟ ଘରର ସଦସ୍ୟ ଅଜମ୍ବର ପୁଷ୍ଟି ଅଶ୍ୱତଥ ବୃକ୍ଷ ଓ ତାର ମାନବ ସମାଜ ପ୍ରତି ଉପକାର ବିଷୟରେ ସୁନ୍ଦର କବିତାପାଠ କରିଥିଲେ। ନାରାୟଣ ସେବା ଟ୍ରଷ୍ଟର ଅଧ୍ୟକ୍ଷ ଡଃ.ନିରୋଜ କୁମାର ପୋଥାଳ ସୁସ୍ଥ ଭାବେ ବଞ୍ଚିବା ପାଇଁ ବୃକ୍ଷରୋପଣ ଆବଶ୍ୟକ ବୋଲି କହିଥିଲେ। ସେହିପରି ସାମ୍ବାଦିକ ଚିତ୍ତରଞ୍ଜନ ଶେଜପଡ଼ା, ମା' ଲକ୍ଷ୍ମୀ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଦିଲ୍ଲୀପ କୁମାର ତୁଙ୍ଗ ଓ ବିଶ୍ୱଜିନୀ ସି ମାନବ ସମାଜ ପାଇଁ ବୃକ୍ଷର ଉପକାରିତା ବିଷୟରେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ମଳ କୁମାର ଗିରି, ଗ୍ଲୋବାଲ୍ ନିମ୍ ପ୍ଲାଣ୍ଟେସନ୍‌ର ଅଧ୍ୟକ୍ଷ ବିମ୍ବାଧର ସାହୁ, ଆଦର୍ଶ ଶିକ୍ଷକ ତଥା ପ୍ରକୃତି ପ୍ରେମୀ ସୋମନାଥ ସିଂହ, ପୂର୍ଣ୍ଣଚନ୍ଦ୍ର ଦାସ, ବିଦ୍ୟାଳୟର ଶିକ୍ଷକ ରାଜେଶ ଶୁଭଙ୍କର, ସୁରେଶ ଚନ୍ଦ୍ର ମହାନ୍ତ, ରାଧାକୃଷ୍ଣ ବେହେରା, ଶମ୍ଭୁନାଥ ବେହେରା, ଦିଲ୍ଲୀପ ବିନ୍ଧାଣି, ଉମା ପାହାଡ଼ି, ଶିକ୍ଷୟିତ୍ରୀ ଇପ୍ସିତା କର୍ମକାର, ସୁଚିତ୍ରା ବେହେରା, ପାର୍ବତୀ ହାଁସଦା, ସାମ୍ବାଦିକ ସତ୍ୟ ମହାପାତ୍ର, ସମିର କୁମାର ମହାନ୍ତ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ। ସୁଶାନ୍ତ କୁମାର ଧଳ ଓ ମିନକେତନ ସି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବାରମାଇଲ୍ ଛକରେ ମୃତଦେହ ଉଦ୍ଧାର

**ବାରିପଦା,୫।୭/ଏନ୍‌ଏନ୍‌ଏସ୍:** ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍‌ର ଭାଲିଆଡ଼ିହା ପଞ୍ଚାୟତର ବାରମାଇଲ୍ ଛକ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତଦେହ ପୁଲିସ ଜବତ କରିଛି। ମୃତକ ଜଣକ ହେଲେ ରାମନଗର ଗ୍ରାମର ହାଡ଼ିଆ ଟୁଡୁ(୫୫)। ଏନେଇ ବେତନଟୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ହାଡ଼ିଆ ଶୁକ୍ରବାର ଅପରାହ୍ନ ୨ଟାରେ ବାରମାଇଲ୍ କିଶାନଡାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଥିବା ସମୟରେ ଡାକ୍ତରଖାନା କର୍ମଚାରୀଙ୍କ ଅଜାଣତରେ ଡାକ୍ତରଖାନାରୁ କୁଆଡ଼େ ଚାଲି ଯାଇଥିଲେ। ତେବେ ସନ୍ଧ୍ୟାରେ ଡାକ୍ତରଖାନା ପକ୍ଷରୁ ହାଡ଼ିଆଙ୍କ ସମ୍ପର୍କରେ ପୁଲିସକୁ ଖବର ଦିଆଯାଇଥିଲା ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ହାମ୍ବିରା ମୁର୍ମୁ କହିଛନ୍ତି। ଅନ୍ୟପଟେ ହାଡ଼ିଆଙ୍କୁ ଡାଇରିଆ ହୋଇଥିବା ବେଳେ ଚିକିତ୍ସାରେ ଅବହେଳା ଯୋଗୁ ସେ ଡାକ୍ତରଖାନାରୁ ପଳାଇ ତାଙ୍କର ମୃତ୍ୟୁ ଘଟିଛି ବୋଲି ହାଡ଼ିଆଙ୍କ ଭାଇ ସଞ୍ଜୟ ଟୁଡୁ କହିଛନ୍ତି। କିନ୍ତୁ ଡାଇରିଆ ନୁହେଁ, ଅଲଗା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ହାଡ଼ିଆ ଚିକିତ୍ସିତ ହେଉଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ପଷ୍ଟୀକରଣ କରାଯାଇଛି।

### ଜୋନାଲ୍‌ସ୍ତରୀୟ ଖୋ-ଖୋ ପ୍ରତିଯୋଗିତା


# ୪ ବର୍ଗରେ ନିର୍ମଳା କନ୍‌ଭେଣ୍ଟ୍ ସ୍କୁଲ୍ ଚାମ୍ପିଅନ୍

**କେନ୍ଦୁଝର,୫।୭/ଏନ୍‌ଏନ୍‌ଏସ୍:** କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲ୍‌ରେ ଅଲ୍ ଓଡ଼ିଶା ଆଇସିଏସ୍‌ଇ ପକ୍ଷରୁ ଜୋନାଲ୍‌ସ୍ତରୀୟ ଖୋ-ଖୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ନିର୍ମଳା କନଭେଣ୍ଟ ସ୍କୁଲ୍‌ର ପ୍ରିନ୍ସିପାଲ୍ ସିଷ୍ଟର୍ ମେରିଏଟ୍ ଖେଳର ଶୁଭାରମ୍ଭ କରିଥିଲେ। ଏହି ପ୍ରତିଯୋଗିତାରେ ବାଲେଶ୍ୱର ସେଣ୍ଟ ଭିନସେଣ୍ଟ କନଭେଣ୍ଟ ସ୍କୁଲ୍, ଭଦ୍ରକ କାରମେଲ୍ ସ୍କୁଲ୍, ଯୋଡ଼ାସ୍ଥିତ ସେଣ୍ଟ ଟେରେସା ସ୍କୁଲ୍, ବଡ଼ବିଲସ୍ଥିତ ସେଣ୍ଟ ମେରୀ ସ୍କୁଲ୍ ଓ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ୍, ୧୭ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ଏପରି ୩ଟି ବିଭାଗରେ ୨୫୫ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୯ ବର୍ଷରୁ କମ୍ ବରିଷ୍ଠ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ୍ ଚାମ୍ପିଅନ୍ ଓ ସେଣ୍ଟ ମେରୀ ସ୍କୁଲ୍ ବଡବିଲ୍ ରନର୍ସଅପ ହୋଇଛନ୍ତି। ସେହିପରି ୧୭ ବର୍ଷରୁ କମ୍ ବର୍ଗର ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ୍ ଚାମ୍ପିଅନ୍, ସେଣ୍ଟ ମେରୀ ସ୍କୁଲ୍ ବଡବିଲ୍ ରନର୍ସଅପ, ୧୭ ବର୍ଷରୁ କମ୍ ବାଳିକା ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ୍ ଚାମ୍ପିଅନ୍, ସେଣ୍ଟ ମେରୀ ସ୍କୁଲ୍ ବଡ଼ବିଲ୍ ରନର୍ସଅପ, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ନିର୍ମଳା କନଭେଣ୍ଟ ସ୍କୁଲ୍ ଚାମ୍ପିଅନ୍, ସେଣ୍ଟ ମେରୀ ସ୍କୁଲ୍ ବଡ଼ବିଲ ରନର୍ସଅପ୍, ୧୪ ବର୍ଷରୁ କମ୍ ବାଳିକା ବିଭାଗରେ ସେଣ୍ଟ ମେରୀ ସ୍କୁଲ୍ ବଡବିଲ ଚାମ୍ପିଅନ୍ ଓ ସେଣ୍ଟ ଟେରେସା ସ୍କୁଲ ଯୋଡ଼ା ରନର୍ସଅପ୍ ହୋଇଥିଲା। ନିର୍ମଳା କନଭେଣ୍ଟ ସ୍କୁଲ୍‌ର ପ୍ରିନ୍ସିପାଲ୍ ସିଷ୍ଟର ମେରିଏଟ୍ ଓ ଭାଇସ୍ ପ୍ରିନ୍ସିପାଲ୍ ସିଷ୍ଟର୍ ଟେସିନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖେଳ ଆୟୋଜିତ ହୋଇଥିଲା । କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲ୍‌ର ଖେଳ ଶିକ୍ଷକଙ୍କ ସମେତ ବରିଷ୍ଠ ରେଫରୀଙ୍କ ଦ୍ୱାରା ଖେଳ ପରିଚାଳନା କରାଯାଇଥିଲା। ଜୋନାଲ୍‌ସ୍ତରୀୟ ଖୋ-ଖୋ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନେ ଚଳିତ ମାସ ୨୫ ତାରିଖରେ କେନ୍ଦୁଝର ନିର୍ମଳା କନଭେଣ୍ଟ ସ୍କୁଲ୍‌ରେ ଅନୁଷ୍ଠିତ ହେବାକୁ ଥିବା ରିଜିଓନାଲ୍ ଖୋ-ଖୋ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଜଣାଯାଇଛି।



## ହାତୀ ଆକ୍ରମଣରେ ଯୁବକ ମୃତ

**ତେଲକୋଇ,୫।୭/ଏନ୍‌ଏନ୍‌ଏସ୍:** ତେଲକୋଇ ବନାଞ୍ଚଳରେ ହାତୀ ପଲଙ୍କ ଉତ୍ପାତ ଦିନକୁଦିନ ବୃଦ୍ଧି ପାଉଥିବା ବେଳେ ବନ ବିଭାଗ ହାତୀ ଘଉଡ଼ାଇବାରେ ବିଫଳ ହୋଇଛି। ଫଳରେ ହାତୀ ପଲ ଜୀବନ ନେବା ସହ ଫସଲ ନଷ୍ଟ ଓ ଘର ଭାଙ୍ଗୁଛି। ଏହିକ୍ରମେ ଶୁକ୍ରବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ଗୋଲାଗାଡ଼ିଆ ମହାନ୍ତ ସାହିର ଆକାଶ ମହାନ୍ତ(୧୮)ଙ୍କ ମୃତ୍ୟୁ ହୋଇଛି। ବାପା ରମେଶ ମହାନ୍ତ ବର୍ଷେ ହେବ ମୃତ୍ୟୁବରଣ କରିଥିବା ବେଳେ ଏବେ ବାପା-ମାଆଙ୍କ ଗୋଟିଏ ବୋଲି ପୁଅ ଆକାଶଙ୍କ ମୃତ୍ୟୁ ଘଟିଛି। ଫଳରେ ସ୍ୱାମୀ ଓ ପୁଅର ମୃତ୍ୟୁ ପରେ ସୁକାନ୍ତି ମହାନ୍ତ ଏବେ ବେସାହାରା ହୋଇଯାଇଛନ୍ତି।



## ୨ୟ ଟେଷ୍ଟ: ୪୨୭/୬ରେ ପାଳି ଘୋଷଣା କଲା ଭାରତ

# ବିଜୟ ଲକ୍ଷ୍ୟ ୬୦୮, ଇଂଲଣ୍ଡ ୭୨/୩

**ବର୍ମିଂହାମ୍,୫।୭/ଏଜେନ୍ସି:** ଭାରତ-ଇଂଲଣ୍ଡ ମଧ୍ୟରେ ଏଜବାଷ୍ଟନ ଠାରେ ଖେଳାଯାଉଥିବା ୨ୟ ଟେଷ୍ଟ ମ୍ୟାଚ୍‌ର ଆଜି ୪ର୍ଥ ଦିନ ରହିଥିଲା। ୪ର୍ଥ ଦିନରେ ଭାରତ ଦ୍ୱିତୀୟ ପାଳିରେ ଅଧିନାୟକ ଶୁଭମନ୍ ଗିଲଙ୍କ ୧୬୧ ରନ୍‌ର ଦମଦାର୍ ଇନିଂସ ବଳରେ ଇଂଲଣ୍ଡକୁ ୬୦୮ ରନ୍‌ର ବିଶାଳ ଲକ୍ଷ୍ୟ ଦେଇଥିବା ବେଳେ ଇଂଲଣ୍ଡ ନିଜ ୨ୟ ପାଳି ଆରମ୍ଭ କରିଛି। ରିପୋର୍ଟ ଲେଖାହେବା ବେଳକୁ ଇଂଲଣ୍ଡ ୧୬ ଓଭରରେ ୩ ୱିକେଟ୍ ବିନିମୟରେ ୭୨ ରନ୍ ସଂଗ୍ରହ କରିନେଇଛି। ଓପନର ବେନ୍ ଡକେଟ୍ ୨୫ ରନ୍ କରି ପାଭିଲିୟନ୍ ଫେରିଛନ୍ତି। ସେହିପରି ଜୋ ରୁଟ୍ ୬ରନ୍ କରି ଆଉଟ୍ ହୋଇଥିବା ବେଳେ ଜ୍ୟାକ୍ କ୍ରଲେ (୦) ରେ ଆଉଟ୍ ହୋଇଛନ୍ତି। ଓଲି ପୋପ୍ ୨୪ ରନ୍ ଏବଂ ହ୍ୟାରୀ ବ୍ରୁକ୍ ୧୫ ରନ୍ କରି ଖେଳ ଜାରି ରଖିଛନ୍ତି। ଭାରତୀୟ ବୋଲର ଆକାଶ ଦୀପ୍ ୨ଟି ୱିକେଟ୍ ପାଇଥିବା ବେଳେ ମହମ୍ମଦ ସିରାଜ ଗୋଟିଏ ୱିକେଟ୍ ହାସଲ କରିଛନ୍ତି। ଉଭୟ ଦଳଙ୍କ ହାତରେ ଆଜି ଦିନକ ସମୟ ଥିବା ବେଳେ ଇଂଲଣ୍ଡକୁ ବିଜୟ ପାଇଁ ୭ ୱିକେଟ୍‌ରେ ୫୩୬ ରନ୍ କରିବାକୁ ଥିବା ବେଳେ ଭାରତକୁ ବିଜୟୀ ହେବା ପାଇଁ ୭ ୱିକେଟ୍ ନେବାକୁ ହେବ।



ଅଧିନାୟକ ଶୁଭମନ ଗିଲ୍ ପ୍ରଥମ ଇନିଂସରେ ୨୬୯ ରନ୍ କରିବା ପରେ ୨ୟ ପାଳିରେ ମଧ୍ୟ ଆଉ ଏକ ଲମ୍ବୁଆ ଶତକୀୟ ଇନିଂସ (୧୬୧) ଖେଳିଥିଲେ। ସେହିପରି କେଏଲ ରାହୁଲ, ଋଷଭ୍ ପନ୍ତ ଏବଂ ରବୀନ୍ଦ୍ର ଜାଡେଜା ଅର୍ଦ୍ଧଶତକ କରିଥିଲେ। ଭାରତ ପ୍ରଥମ ଇନିଂସରେ ଇଂଲଣ୍ଡ ଠାରୁ ୧୮୦ ରନ୍ ଅଗ୍ରଣୀ ରହିଥିବା ବେଳେ ଶନିବାର ଚତୁର୍ଥ ଦିନର ଶେଷ ସେସନରେ ୪୨୭/୬ ରେ ନିଜର ଦ୍ୱିତୀୟ ଇନିଂସର ପାଳି ଘୋଷଣା କରିଥିଲା। ଫଳରେ ଭାରତ ୬୦୭ ରନ୍ ଆଗୁଆ ରହି ଇଂଲଣ୍ଡକୁ ଖେଳିବା ପାଇଁ ଆମନ୍ତ୍ରଣ କରିଛି। ଚତୁର୍ଥ ଦିନରେ ଇଂଲଣ୍ଡ ବୋଲରମାନେ ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ସମ୍ମୁଖରେ କ୍ଲାନ୍ତ ଜଣାପଡୁଥିଲେ। ଇଂଲଣ୍ଡ ପକ୍ଷରୁ କେବଳ ଜୋଶ ଟଙ୍ଗ୍ ଏବଂ ସୋଏବ ବଶିର ଦୁଇଟି ଲେଖାଏଁ ୱିକେଟ୍ ହାସଲ କରିବାରେ ସଫଳ ହୋଇଥିଲେ।

ଗିଲ୍ ନିଜ ପ୍ରଥମ ଇନିଂସ ଏବଂ ୨ୟ ଇନିଂସକୁ ମିଶାଇ ଅନେକ ପୂର୍ବ ରେକର୍ଡକୁ ଭାଙ୍ଗିଥିବା ବେଳେ ଅନେକ ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଗିଲ୍, ବିରାଟ୍ କୋହଲିଙ୍କ ଅଷ୍ଟ୍ରେଲିଆ ବିପକ୍ଷ ପୂର୍ବ ରେକର୍ଡ (୪୪୯ ରନ୍)ର ଇନିଂସକୁ ବ୍ରେକ୍ କରି ୪୫୯* ରନ୍ କରିବାରେ ସଫଳ ହୋଇଛନ୍ତି। ଏହି ସ୍କୋର ସହ ଗିଲ୍, ସୁନୀଲ ଗାଭାସ୍କରଙ୍କ ପୂର୍ବ ରେକର୍ଡ (୩୪୪)କୁ ମଧ୍ୟ ବ୍ରେକ୍ କରିଛନ୍ତି। ଏହା ବ୍ୟତୀତ ଶୁଭମନ ଗିଲ୍, ସୁନୀଲ ଗାଭାସ୍କରଙ୍କ ଆଉ ଏକ ରେକର୍ଡର ସମକକ୍ଷ ହୋଇଛନ୍ତି। ଗିଲ୍ ଦ୍ୱିତୀୟ ଭାରତୀୟ ଖେଳାଳି ଯିଏକି ସମାନ ଟେଷ୍ଟ ମ୍ୟାଚର ଦ୍ୱିତୀୟ ଇନିଂସରେ ଦ୍ୱିଶତକ ଏବଂ ପରେ ଶତକ ମାରିଛନ୍ତି। ପୂର୍ବରୁ ସୁନୀଲ ଗାଭାସ୍କରଙ୍କ ନାମରେ ଏହି ରେକର୍ଡ ଥିଲା।

# ପ୍ରଥମ ଏନ୍‌ସି କ୍ଲାସିକ୍ ଜିତିଲେ ନୀରଜ

## ୮୬.୧୮ ମିଟର ଥ୍ରୋ' ସହ ହାସଲ କଲେ ସ୍ୱର୍ଣ୍ଣପଦକ

**ବେଙ୍ଗାଲୁରୁ,୫।୭/ଏଜେନ୍ସି:** କର୍ଣ୍ଣାଟକ ବେଙ୍ଗାଲୁରୁ ସ୍ଥିତ ଶ୍ରୀ କାନ୍ତିରଭା ଷ୍ଟାଡିୟମ୍‌ରେ ଆୟୋଜିତ ନୀରଜ ଚୋପ୍ରା କ୍ଲାସିକ୍ (ଏନ୍‌ସି କ୍ଲାସିକ୍)-୨୦୨୫ ଅନ୍ତର୍ଜାତୀୟ ଜାଭେଲିନ୍ ଥ୍ରୋ' ପ୍ରତିଯୋଗିତାରେ ୨୭ ବର୍ଷୀୟ ଅଲିମ୍ପିକ୍ ପଦକ ବିଜେତା ନୀରଜ ଚୋପ୍ରା ବିଜୟୀ ହୋଇଛନ୍ତି। ସେ ନିଜ ତୃତୀୟ ରାଉଣ୍ଡରେ ୮୬.୧୮ ମିଟର ଥ୍ରୋ କରିଥିଲେ ଯାହାକି ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରଦର୍ଶନ ଥିଲା। ନୀରଜଙ୍କ ପଛକୁ କେନିଆର ୨୦୨୫ ବିଶ୍ୱ ଚାମ୍ପିଅନ୍ ଜୁଲିୟସ୍ ୟେଗୋ ୮୪.୫୧ ମିଟର ସହିତ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଶ୍ରୀଲଙ୍କାର ରୁମେଶ ପାଥିରେଜ୍ ୮୪.୩୪ ମିଟର ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ଇଭେଣ୍ଟରେ ମୋଟ୍ ୧୨ ଜଣ ଜାଭେଲିନ୍ ଥ୍ରୋ'ୟର୍ (୭ ଅନ୍ତର୍ଜାତୀୟ ଥ୍ରୋୟର୍ ଏବଂ ନୀରଜଙ୍କ ସମେତ ୫ ଭାରତୀୟ ଆଥଲେଟ୍) ଅଂଶଗ୍ରହଣ କରିଥିଲେ।





ନୀରଜ ନିଜ ଦେଶରେ ଘରୋଇ ଦର୍ଶକ ଏବଂ ପରିବାର ସଦସ୍ୟଙ୍କ ସମ୍ମୁଖରେ ଏକ ବିଶ୍ୱସ୍ତରୀୟ ଜାଭେଲିନ୍ ଥ୍ରୋ' ଇଭେଣ୍ଟ ଆୟୋଜନ କରିବାକୁ ସ୍ୱପ୍ନ ଦେଖିଥିଲେ। ଫଳରେ ସେ ଏହି ଇଭେଣ୍ଟର ଅନ୍ୟତମ ଆୟୋଜକ ସାଜିଥିଲେ। ଜେଏସ୍‌ଡବ୍ଲ୍ୟୁ ସ୍ପୋର୍ଟସ ଏବଂ ଆଥଲେଟିକ୍ସ ଫେଡେରେସନ୍ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ମିଳିତ ସହଭାଗିତାରେ ଆୟୋଜିତ ଏହି ଏହି ଇଭେଣ୍ଟର ନାମକରଣ ନୀରଜ ଚୋପ୍ରାଙ୍କ ନାମ ଅନୁସାରେ 'ନୀରଜ ଚୋପ୍ରା କ୍ଲାସିକ୍ (ଏନ୍‌ସି କ୍ଲାସିକ୍)' ଭାବେ ରଖାଯାଇଥିଲା। ଏହି କ୍ରୀଡାର ସଫଳ ଆୟୋଜନ ନୀରଜଙ୍କ ଦୀର୍ଘଦିନର ସ୍ୱପ୍ନକୁ କେବଳ ସାକାର କରିଛି ତାହା ନୁହେଁ ସେ ନିଜେ ଏଥିରେ ଅନ୍ୟତମ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ ପୂର୍ବକ ସ୍ୱର୍ଣ୍ଣ ପଦକ ମଧ୍ୟ ହାସଲ କରିଛନ୍ତି। ପ୍ରକାଶ, ଏହା ନୀରଜଙ୍କର କ୍ରମାଗତ ତୃତୀୟ ଟାଇଟଲ୍ ଥିଲା। ଏହାପୂର୍ବରୁ ସେ ପ୍ୟାରିସ୍ ଡାଇମଣ୍ଡ ଲିଗ୍ (ଜୁନ୍ ୨୦, ୨୦୨୫) ଏବଂ ପୋଲାଣ୍ଡର ଓଷ୍ଟ୍ରାଭାରେ ଗୋଲଡେନ୍ ସ୍ପାଇକ୍ (ଜୁନ୍ ୨୪, ୨୦୨୫) ମଧ୍ୟ ଜିତିଥିଲେ। ପ୍ରକାଶ, ଏନ୍‌ସି କ୍ଲାସିକ୍ ବିଶ୍ୱ ଆଥଲେଟିକ୍ସ ଦ୍ୱାରା 'ଏ' ବର୍ଗର ମାନ୍ୟତା ପାଇଛି।

## ୱିମ୍ବଲଡନ୍ ଚାମ୍ପିଅନ୍‌ଶିପ୍

# ରାଉଣ୍ଡ ଅଫ୍ ୧୬ରେ ସିନର, ସାବାଲେଙ୍କା

**ଲଣ୍ଡନ, ୫।୭/ଏଜେନ୍ସି:** ୱିମ୍ବଲଡନ୍ ଚାମ୍ପିଅନ୍‌ଶିପ୍‌ର ପୁରୁଷ ସିଙ୍ଗଲ୍ସ ରାଉଣ୍ଡ୍ ଅଫ୍ ୧୬ରେ ପ୍ରବେଶ କରିଛନ୍ତି ବିଶ୍ୱ ନମ୍ବର ୧ ର୍‍ୟାଙ୍କ୍ ଖେଳାଳି ଜାନିକ୍ ସିନର। ସେ ତୃତୀୟ ରାଉଣ୍ଡରେ ସ୍ପେନ୍‌ର ପେଡ୍ରୋ ମାର୍ଟିନେଜଙ୍କୁ ସିଧାସଳଖ ସେଟରେ ପରାସ୍ତ କରିଛନ୍ତି।





ସିନର ଏହି ସମୟରେ ୩ ଡବଲ୍ ଫଲ୍ଟ କରିଛନ୍ତି ଇଟାଲୀର ସିନର ମାର୍ଟିନେଜଙ୍କୁ ୬-୧, ୬-୩, ୬-୧ରେ ପରାସ୍ତ କରିଛନ୍ତି। ସିନର ୩ ଥର ତାଙ୍କ ସର୍ଭିସ୍ ଡବଲ୍ ଫଲ୍ଟ କରିଛନ୍ତି ଏବଂ ମାର୍ଟିନେଜଙ୍କୁ ପଏଣ୍ଟ ଦେଇଛନ୍ତି। ଅନ୍ୟପକ୍ଷେ ମାର୍ଟିନେଜ୍ କିନ୍ତୁ ଗୋଟିଏ ବି ଡବଲ୍ ଫଲ୍ଟ କରିନାହାଁନ୍ତି। ପୁରୁଷ ସିଙ୍ଗଲ୍ସରେ, ଇଟାଲୀର ଫ୍ଲାଭିଓ କୋବୋଲି ମଧ୍ୟ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସେ ଚେକ୍ ରିପବ୍ଲିକ୍‌ର ଯାକୁବ ମେନସିକଙ୍କୁ ୬-୨, ୬-୪, ୬-୨ରେ ପରାସ୍ତ କରିଛନ୍ତି।

ସେହିପରି ମହିଳା ସିଙ୍ଗଲ୍ସରେ, ବିଶ୍ୱର ନମ୍ବର-୧ ମହିଳା ଖେଳାଳି ବେଲାରୁସ୍‌ର ଆରିନା ସାବାଲେଙ୍କା ମଧ୍ୟ ତାଙ୍କ ମ୍ୟାଚ୍ ଜିତି ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି। ସେ ବ୍ରିଟେନର ଏମା ରାଡୁକାନୁଙ୍କୁ ୭-୬ (୮-୬), ୬-୪ ରେ ପରାସ୍ତ କରିଛନ୍ତି। ମହିଳା ସିଙ୍ଗଲ୍ସରେ, ଅଷ୍ଟ୍ରେଲିଆର ଡାରିଆ କାସାକିନା, ସ୍ପେନର ଜେସିକା ବୋଜାସ୍ ମାନେରୋ, ସ୍ୱିଜରଲ୍ୟାଣ୍ଡର ବେଲିଣ୍ଡା ବେନସିକ୍, ଡେନମାର୍କର କ୍ଲାରା ଟୁସନ୍ ଏବଂ ରୁଷିଆର ମାରା ଆଣ୍ଡ୍ରିଭା ମଧ୍ୟ ରାଉଣ୍ଡ ଅଫ୍ ୧୬ ରେ ପ୍ରବେଶ କରିଛନ୍ତି।




## ଦେଶ ବିଦେଶ

### ଭୟଙ୍କର ସଡ଼କ ଦୁର୍ଘଟଣା: ବର ସମେତ ୮ ମୃତ

**ସମ୍ଭଲ,୫।୭/ଏଜେନ୍ସି:** ଉତ୍ତରପ୍ରଦେଶର ସମ୍ଭଲରେ ଘଟିଥିବା ଏକ ଭୟାବହ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାର ସମ୍ପୂର୍ଣ୍ଣ ରୂପେ ଉଜୁଡିଯାଇଛି। ରିପୋର୍ଟ ଅନୁସାରେ ବିବାହ ଭୋଜି ପାଇଁ ଖାଦ୍ୟସାମଗ୍ରୀ ନେଇ ଯାଉଥିବା ବୋଲେରୋଟି ଦୁର୍ଘଟଣାଗ୍ରସ୍ତ ହେବା ପରେ ୨୪ ବର୍ଷୀୟ ବର ସମେତ ପରିବାରର ୮ଜଣ ସଦସ୍ୟଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଏହି ଦୁର୍ଘଟଣା ପ୍ରାୟ ଶନିବାର ସକାଳ ୬.୩୦ ସମୟରେ ଜେଓ୍ୱାନାଇ ଗାଁରେ ଘଟିଛି। ଜନତା ଇଣ୍ଟର କଲେଜ ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ଗାଡ଼ିଟି ଯାଇ କଲେଜ୍ କାନ୍ଥରେ ପିଟି ହୋଇ ଯାଇଥିଲା। ବୋଲେରୋ ଦ୍ରୁତ ଗତିରେ ଯାଉଥିବା ବେଳେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହି ଅଘଟଣ ଘଟିଥିବା ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଗାଡିଟି କଲେଜ କାନ୍ଥ ସହିତ ଧକ୍କା ହୋଇ ଓଲଟି ପଡ଼ିଥିଲା।

# ବିଜେପି ନେତାଙ୍କୁ ଗୁଳିକରି ହତ୍ୟା

**ପାଟନା,୫।୭/ଏଜେନ୍ସି:** ବିହାର ରାଜଧାନୀ ପାଟନାରେ ଘଟିଯାଇଛି ଏକ ଜଘନ୍ୟ ହତ୍ୟାକାଣ୍ଡ। ବିହାରର ପ୍ରଖ୍ୟାତ ବ୍ୟବସାୟୀ ତଥା ବିଜେପି ନେତା ଗୋପାଳ ଖେମ୍‌କାଙ୍କୁ କିଛି ଅଜ୍ଞାତ ବାଇକ୍ ଆରୋହୀ ଆକ୍ରମଣକାରୀମାନେ ଗୁଳି କରି ହତ୍ୟା କରିଥିବା ସୂଚନା ମିଳିଛି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ହତ୍ୟାକାଣ୍ଡ ଘଟିଛି। ଶୁକ୍ରବାର ରାତିରେ ରାଜକୀୟ ଗାନ୍ଧୀ ମୈଦାନ ଅଞ୍ଚଳରେ ଥିବା ତାଙ୍କ ବାସଭବନ, ପନାଚେ ହୋଟେଲ ପାର୍ଶ୍ୱସ୍ଥ ଏକ ଆପାର୍ଟମେଣ୍ଟ ନିକଟରେ କିଛି ଅଜଣା ଆକ୍ରମଣକାରୀମାନେ ତାଙ୍କୁ ଆକ୍ରମଣ କରିଥିଲେ। ମୃତ ବ୍ୟବସାୟୀଙ୍କ ଭାଇ ଶଙ୍କର ଖେମ୍‌କା ପୁଲିସ୍‌କୁ ଦେଇଥିବା ସୂଚନାନୁସାରେ ତାଙ୍କ ଭାଇ ଗୋପାଳ ଖେମ୍‌କା ରାତି ପ୍ରାୟ ୧୧.୪୦ ବେଳକୁ ଗାଡ଼ି ଚଳାଇ ଘରକୁ ଫେରିଥିଲେ। ଗାଡିରୁ ଓହ୍ଲାଇବାମାତ୍ରେ ଆକ୍ରମଣକାରୀମାନେ ତାଙ୍କ ଉପରେ ଗୁଳି ଚଳାଇଥିଲେ। କିନ୍ତୁ ପୁଲିସ୍ ଟିମ୍‌କୁ ତୁରନ୍ତ ଏସମ୍ପର୍କରେ ସୂଚନା ଦିଆଯାଇଥିଲେ ମଧ୍ୟ ରାତି ୨.୩୦ ସୁଦ୍ଧା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚିନଥିଲା ବୋଲି ଶଙ୍କର ଅଭିଯୋଗ କରିଛନ୍ତି। ବିଧାନସଭା ନିର୍ବାଚନ ଆଉ ମାତ୍ର କିଛି ମାସ ବାକି ଥିବାରୁ, ଏହି ଘଟଣା ରାଜନୈତିକ ଉତ୍ତେଜନା ସୃଷ୍ଟି କରିଛି। ସାଂସଦ ପପୁ ଯାଦବ ନୀତିଶ କୁମାର ସରକାରଙ୍କ ସୁଶାସନ ଦାବି ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ ଘଟଣାସ୍ଥଳ ପରିଦର୍ଶନ କରି ପରିବାରକୁ ସାନ୍ତ୍ୱନା ମଧ୍ୟ ଦେଇଛନ୍ତି। ପରେ ଖବର ପାଇ ପୁଲିସ୍ ଏବଂ ଫରେନ୍‌ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ସିସି ଟିଭି ଯାଞ୍ଚ କରିବା ସହ ଅଧିକ ତଦନ୍ତ ଜାରି ରଖିଛି। ପ୍ରକାଶ, ପୁଲିସ୍ ରିପୋର୍ଟ ଅନୁସାରେ ଆଜିକୁ ୬ ବର୍ଷ ପୂର୍ବେ ତାଙ୍କ ପୁଅ ଗୁଞ୍ଜନ ଖେମ୍‌କାଙ୍କୁ ମଧ୍ୟ ସମାନ ଭାବରେ ହତ୍ୟା କରାଯାଇଥିଲା।



**୬ ବର୍ଷ ପୂର୍ବେ ପୁଅକୁ ବି ସମାନ ଢ଼ଙ୍ଗରେ କରାଯାଇଥିଲା ହତ୍ୟା**

# ୨୦ ବର୍ଷ ପରେ ଏକାଠି ହେଲେ ଠାକ୍‌ରେ ବ୍ରଦର୍ସ

**ମୁମ୍ବାଇ,୫।୭/ଏଜେନ୍ସି:** ଶନିବାର ମହାରାଷ୍ଟ୍ର ରାଜନୀତିରେ ଏକ ଐତିହାସିକ ମୁହୂର୍ତ୍ତ ଦେଖିବାକୁ ମିଳିଛି। ଗତ ଦୁଇ ଦଶନ୍ଧି ଧରି ପୃଥକ୍ ପଥ ଅନୁସରଣ କରୁଥିବା ଠାକ୍‌ରେ ବ୍ରଦର୍ସ (ଉଦ୍ଧବ ଠାକ୍‌ରେ ଏବଂ ରାଜ୍ ଠାକ୍‌ରେ)ଙ୍କୁ ପ୍ରଥମ ଥର ଗୋଟିଏ ମଞ୍ଚରେ ଏକାଠି ଦେଖିବାକୁ ମିଳିଛି। ମଞ୍ଚ ଉପରେ ଏହି ଦୁଇ ସମ୍ପର୍କୀୟ ଭାଇ ପରସ୍ପରକୁ ଆଲିଙ୍ଗନ କରିବା ଏବଂ ଅଭିନନ୍ଦନ ଜଣାଇବା ଦେଖିବାକୁ ମିଳିଛି। ମହାରାଷ୍ଟ୍ରରେ ଜୋର ଧରିଥିବା ଭାଷା ବିବାଦ ମଧ୍ୟରେ ଶିବସେନା (ୟୁବିଟି) ମୁଖ୍ୟ ଉଦ୍ଧବ ଏବଂ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍‌ଏନ୍‌ଏସ୍) ମୁଖ୍ୟ ରାଜ୍ ଏକଜୁଟ୍ ହୋଇଛନ୍ତି। ମଞ୍ଚରେ ଉଭୟ ଉଦ୍ଧବ ଠାକରେ ଓ ରାଜ ଠାକରେ କେବଳ ଏକତ୍ର ହୋଇନାହାନ୍ତି ବରଂ ବିପକ୍ଷ ବିଜେପିକୁ ଏକ କଡ଼ା ବାର୍ତ୍ତା ମଧ୍ୟ ଦେଇଛନ୍ତି। ରାଜ୍ ଠାକରେ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ସେ ସବୁବେଳେ ନିଜ ରାଜ୍ୟ ମହାରାଷ୍ଟ୍ରକୁ ସର୍ବପ୍ରଥମ ମାନନ୍ତି ଏବଂ ଏଥିପାଇଁ ଯେକୌଣସି ରାଜନୀତି ଏବଂ ଲଢ଼େଇ ମଧ୍ୟ ତାଙ୍କ ପାଇଁ ଅତ୍ୟନ୍ତ ଛୋଟ। ଆଜି ଯେତେବେଳେ ରାଜ୍ୟର ଅସ୍ତିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ସେତେବେଳେ ଦୀର୍ଘ ୨୦ବର୍ଷ ପରେ, ସେ ଏବଂ ଉଦ୍ଧବ ଏକାଠି ହୋଇଛନ୍ତି। ଆମ ଦୁଇ ଭାଇଙ୍କୁ ଏକାଠି କରିବାର କାମ' ଯାହାକୁ ବାଲାସାହେବ ମଧ୍ୟ କରିପାରିନଥିଲେ, ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭୀସ ତାହା କରିଦେଖାଇଛନ୍ତି। ରାଜ୍ କହିଥିଲେ ଯେ, ସେ ହିନ୍ଦୀ ଭାଷା ବିରୋଧରେ ନୁହଁନ୍ତି, କିନ୍ତୁ ଜନସାଧାରଣଙ୍କ ଉପରେ କୌଣସି ଭାଷା ଲଦିବା ଠିକ ନୁହେଁ। ଯେତେବେଳେ ମହାରାଷ୍ଟ୍ର ଏକ ହୁଏ, ଏହାର ପ୍ରଭାବ ସାରା ଦେଶରେ ଦୃଶ୍ୟମାନ ହୁଏ। କିଏ କେଉଁ ଭାଷା ଶିଖିବା ଉଚିତ, ଏହା ଲୋକଙ୍କ ଅଧିକାର, ଏହାକୁ ବଳପୂର୍ବକ ଲଦି ଦିଆଯାଇପାରିବ ନାହିଁ। ସେହିପରି ଉଦ୍ଧବ ଠାକରେ ମଧ୍ୟ କହିଛନ୍ତି, ବହୁ ବର୍ଷ ପରେ, ରାଜ୍ ଠାକରେ ଏବଂ ସେ ଗୋଟିଏ ମଞ୍ଚରେ ଅଛନ୍ତି। ସେମାନଙ୍କ ପାଇଁ ଭାଷଣ ଅପେକ୍ଷା ଏକାଠି ଦେଖାଯିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏବେ ସେମାନେ ଏକ ହୋଇଛନ୍ତି, ଆଗକୁ ଏକାଠି ରହିବେ।



ରାଜ୍ୟରେ ଭାଷା ବିବାଦ ଆରମ୍ଭ ହେବା ପରେ ପରେ ଏମାନଙ୍କ ଏକଜୁଟ୍ ହେବାକୁ ନେଇ ଦୀର୍ଘ ଦିନରୁ ଚର୍ଚ୍ଚା ହୋଇଆସୁଥିଲା। ତେବେ ଶନିବାର ଉଭୟ କାନ୍ଧକୁ କାନ୍ଧ ମିଶାଇ ଏକତାର ବାର୍ତ୍ତା ଦେଇଛନ୍ତି। ରିପୋର୍ଟ ଅନୁସାରେ ମହାରାଷ୍ଟ୍ରରେ ତ୍ରିଭାଷା ସୂତ୍ର ଲାଗୁ କରିବାକୁ ନେଇ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ଆଣିଥିବା ପ୍ରସ୍ତାବକୁ ଉଭୟ ରାଜ୍ ଠାକରେ ଓ ଉଦ୍ଧବ ଠାକରେ କଡା ବିରୋଧ କରୁଛନ୍ତି। ରାଜ୍ୟ ସରକାର ପରିସ୍ଥିତିକୁ ଦୃଷ୍ଟିରେ ରଖି ଯଦିଓ ଏହି ଆଇନକୁ ବର୍ତ୍ତମାନ ସ୍ଥଗିତ ରଖିଛନ୍ତି, କିନ୍ତୁ ଉଭୟ ରାଜ ଏବଂ ଉଦ୍ଧବ ଏହାକୁ ମରାଠୀମାନଙ୍କ ବିଜୟ ବୋଲି କହିଛନ୍ତି। ଉଭୟ ଠାକରେ ଭାଇ ଏହି ନିଷ୍ପତ୍ତିକୁ ଭାଷାଗତ ସ୍ୱାଭିମାନର ବିଜୟ ବୋଲି କହିଛନ୍ତି। ଏହାକୁ ଏକ ଉତ୍ସବ ଭାବେ ପାଳନ କରାଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହିଠାରେ ହିଁ ଉଭୟ ଭାଇ ଏକାଠି ହୋଇଛନ୍ତି। ତେବେ ୨୦ବର୍ଷ ପରେ ଉଦ୍ଧବ ଓ ରାଜ ଠାକରେ ଏକାଠି ହୋଇଥିବା ବେଳେ ଆଗକୁ ମୁମ୍ବାଇ ମହାନଗରପାଳିକା ନିର୍ବାଚନ ରହିଛି। ପ୍ରକାଶ, ମରାଠୀ ଭାଷା ପ୍ରତି ପ୍ରେମ ଉଭୟ ଭାଇଙ୍କୁ ପୁଣି ଥରେ ଏକ ମଞ୍ଚରେ ଏକାଠି ହେବାର ସୁଯୋଗ ଦେଇଛି। ଏହା ପୂର୍ବରୁ, ନିର୍ବାଚନ ପ୍ରଚାର ସମୟରେ ଉଭୟଙ୍କୁ ଶେଷ ଥର ପାଇଁ ୨୦୦୫ ମସିହାରେ ଏକ ମଞ୍ଚରେ ଏକାଠି ଦେଖାଯାଇଥିଲା। ଏହା ପରେ, ସେହି ବର୍ଷ ରାଜ ଠାକରେ ଶିବସେନାରୁ ଇସ୍ତଫା ଦେଇଥିଲେ ଏବଂ ପରବର୍ତ୍ତୀ ସମୟରେ ଏମ୍‌ଏନ୍‌ଏସ୍ ନାମରେ ନିଜର ଏକ ଦଳ ଗଠନ କରିଥିଲେ।

**ମହାରାଷ୍ଟ୍ର ରାଜନୀତିରେ ନୂଆ ସମୀକରଣ ସମ୍ଭାବନା**

# ଆମେରିକାରେ ଭୀଷଣ ବନ୍ୟା; ୨୪ ମୃତ



**ୱାଶିଂଟନ୍,୫।୭/ଏଜେନ୍ସି:** ଆମେରିକାର ଦକ୍ଷିଣ ମଧ୍ୟ କ୍ଷେତ୍ରରେ ସ୍ଥିତ ଟେକ୍ସାସ ଏବଂ କେର୍ଭିଲ୍ ରାଜ୍ୟରେ ପ୍ରବଳ ବର୍ଷା କାରଣରୁ ସୃଷ୍ଟି ହୋଇଥିବା ବନ୍ୟା ପାଇଁ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏପର୍ଯ୍ୟନ୍ତ ପ୍ରାୟ ୨୪ ଜଣଙ୍କ ମୃତ୍ୟୁ ହୋଇଥିବା କୁହାଯାଉଥିବା ସ୍ଥଳେ ଅନେକ ଲୋକ ନିଖୋଜ ଅଛନ୍ତି। ଫଳରେ ମୃତକଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଲୋକଙ୍କୁ ଜଳବନ୍ଦୀ ଅଞ୍ଚଳରୁ ରକ୍ଷା କରିବାକୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଡଙ୍ଗା ଠାରୁ ଆରମ୍ଭ କରି ହେଲିକପ୍ଟର ପର୍ଯ୍ୟନ୍ତ ଉଦ୍ଧାର କାର୍ଯ୍ୟରେ ବ୍ୟବହାର କରାଯାଉଛି। ଗ୍ୱାଡାଲୁପ୍ ନଦୀରେ ବନ୍ୟାଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ମାତ୍ର ୯୦ ମିନିଟ୍‌ରେ ଏହି ନଦୀର ଜଳ ୨୦ ଫୁଟ ଯାଏଁ ବୃଦ୍ଧି ପାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଟେକ୍ସାସରେ ଆସିଥିବା ବନ୍ୟାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ।

# ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ୍‌ସର 'ନୂଓ୍ୱା କଲେକସନ୍' ଶୁଭାରମ୍ଭ

**ଭୁବନେଶ୍ୱର, ୫।୭/ଏଜେନ୍ସି:** ବିଶ୍ୱର ସର୍ବବୃହତ୍ ଏବଂ ବିଶ୍ୱସ୍ତ ସୁନା ଏବଂ ହୀରା ଅଳଙ୍କାର ଖୁଚୁରା ବ୍ୟବସାୟୀ ଏବଂ ଦାୟିତ୍ୱବାନ ଅଳଙ୍କାର ବିକ୍ରେତା ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏହାର ନୂତନତମ ଉତ୍କୃଷ୍ଟ ପ୍ରାକୃତିକ ହୀରା ଅଳଙ୍କାର ସଂଗ୍ରହ 'ନୂଓ୍ୱା ବାଇ ମାଇନ୍ ଡାଇମଣ୍ଡସ୍' ଲଞ୍ଚ କରିଛି। ଆବଷ୍ଟ୍ରାକ୍ଟ୍ ପ୍ୟାଟର୍ଣ୍ଣ ଏବଂ ଆଧୁନିକ ରୂପ ଦ୍ୱାରା ଅନୁପ୍ରାଣିତ ହୋଇ, ଏହି ସଂଗ୍ରହ ଏବେ ବିଭିନ୍ନ ପ୍ରକାରର ଚମତ୍କାର ଡିଜାଇନ୍ ଆଣିଛି ଯାହା ସର୍ବନିମ୍ନ ବିଳାସକୁ ପ୍ରତିଫଳିତ କରେ। ଆବଷ୍ଟ୍ରାକ୍ଟ ସିଲୁଏଟ୍ ସହିତ ସମସାମୟିକ ଧାରଣାକୁ ଗ୍ରହଣ କରି, ପ୍ରତ୍ୟେକ ଗହଣା ଏକ ନିର୍ଭୀକ ପ୍ରକାଶନର ସଙ୍କେତ। 'ନୂଓ୍ୱା କଲେକ୍‌ସନ୍' ଉନ୍ମୋଚନ ଅବସରରେ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଡାଇମଣ୍ଡ ଶୋ' ଉପସ୍ଥାପନ କରିଛି ଯାହାକି କାଳଜୟୀ ସୁନ୍ଦରତା ଏବଂ କାରିଗରିର ଏକ ଚମତ୍କାର ମିଶ୍ରଣ ସାଜିପାରିଛି। ଏହି ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ଏବେ ଶହୀଦନଗର ରୂପାଲି ଛକ ଠାରେ ଅବସ୍ଥିତ ଭୁବନେଶ୍ୱର ଷ୍ଟୋରରେ ଲାଇଭ୍ ହେଉଛି।



ଦୁବାଇରେ ଅନୁଷ୍ଠିତ ମିସେସ୍ ଇଣ୍ଡିଆ ୱାର୍ଲ୍ଡୱାଇଡ୍ ୨୦୨୫ ଟାଇଟଲ୍ ବିଜୟିନୀ ସୁଶ୍ରୀ ସଙ୍ଗୀତା ନାୟକ ଏବଂ ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ର ସମସ୍ତ ପରିଚାଳନା କର୍ମଚାରୀଙ୍କ ଦ୍ୱାରା ଏହି ଡାଇମଣ୍ଡ ଶୋ'ର ଶୁଭାରମ୍ଭ କରାଯାଇଥିଲା। ଏହି ହୀରା ପ୍ରଦର୍ଶନୀ ପ୍ରକୃତରେ ଏକ ନିବିଡ଼ ଅନୁଭୂତି ପ୍ରଦାନ କରେ, ହୀରା ଅଳଙ୍କାରର ସର୍ବୋତ୍ତମ ସୃଷ୍ଟି ପ୍ରଦର୍ଶନ କରେ, ଯାହା ମାଲାବାରର ଅତୁଳନୀୟ କଳାକୃତି ଏବଂ ଉତ୍କର୍ଷତାକୁ ପ୍ରତିଫଳିତ କରେ। କମ୍ପାନୀ ପକ୍ଷରୁ ୧୩ ଜୁଲାଇ ପର୍ଯ୍ୟନ୍ତ ବୈଧ ସ୍ୱତନ୍ତ୍ର ଉତ୍ସବ ଅଫରର ମଜା ନେବାକୁ ଗ୍ରାହକଙ୍କୁ ସୂଚୀତ କରାଯାଉଛି। ଏହି ଅଫରସୀମା ମଧ୍ୟରେ ସମସ୍ତ ସୁନା, କଟାଯାଇନଥିବା ଏବଂ ରତ୍ନପଥର ଅଳଙ୍କାରର ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୩୦% ରିହାତି ସହ ହୀରା ମୂଲ୍ୟ ଉପରେ ୩୦% ପର୍ଯ୍ୟନ୍ତ ରିହାତି ମଧ୍ୟ ମିଳିପାରିବ। ଏହା ବ୍ୟତୀତ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଏକ ଆଗୁଆ ବୁକିଂ ସୁବିଧା ପ୍ରଦାନ କରେ, ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଅଗ୍ରିମ ଦେୟ କରି ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକ୍ ହୋଇଥିବା ଦର କିମ୍ବା ପ୍ରଚଳିତ ଦରରେ, ଯାହା କମ୍ ଥାଏ, ଅଳଙ୍କାର ଗ୍ରହଣ କରିପାରିବେ। ବଲିଉଡ୍ ଆଇକନ୍ ଏବଂ ବ୍ରାଣ୍ଡ ଆମ୍ବାସାଡର କରୀନା କପୁର ଖାନଙ୍କୁ ନେଇ ନୂତନତମ ନୂଓ୍ୱା କଲେକ୍‌ସନ ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ସହିତ, ମାଲାବାର ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡସ୍ ଆଧୁନିକ ମହିଳାମାନଙ୍କର ସୌନ୍ଦର୍ଯ୍ୟ, ସାହସିକ ବ୍ୟକ୍ତିତ୍ୱ, ବହୁମୁଖୀତା, ଶକ୍ତି ଏବଂ ଅନୁଗ୍ରହକୁ ପାଳନ କରୁଛି। ନୂଓ୍ୱା କଲେକ୍‌ସନ୍ ଶୁଭାରମ୍ଭ ବିଷୟରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମପି ଅହମ୍ମଦ କହିଛନ୍ତି, "ଆବଷ୍ଟ୍ରାକ୍ଟ ଏବଂ ସମସାମୟିକ ରୂପ ଏବଂ ଆଧୁନିକ ମହିଳାଙ୍କ ସ୍ଥିରତା ଉପରେ ଆଧାରିତ, ଆମର ନବୀନତମ ନୁଭା କଲେକ୍‌ସନ୍ ପ୍ରତ୍ୟେକ ମନୋଭାବ, ଅବସର ଏବଂ ପୋଷାକ ସହିତ ମେଳ ଖାଉଥିବା ବହୁମୁଖୀତାକୁ ପୁନଃପରିଭାଷିତ କରେ, ଏବଂ ବିଳାସପୂର୍ଣ୍ଣତାକୁ ପୁନଃପରିଭାଷିତ କରେ - ଡିଜାଇନରେ ମହାନ, ତଥାପି ଅନୁଭବରେ ହାଲୁକା।" ନୂତନତମ ସଂଗ୍ରହ ହେଉଛି ଆଧୁନିକ ଶୈଳୀ, ସ୍ମାର୍ଟ ଡିଜାଇନ୍ ଏବଂ ପରିଧାନଶୀଳତାର ଏକ ଉତ୍ତମ ମିଶ୍ରଣ। ଆମେ ସମସ୍ତ ଅଳଙ୍କାର ଉତ୍ସାହୀମାନଙ୍କୁ ଆମର ଶୋ'ରୁମ୍‌ରେ ନୂତନତମ ନୂଓ୍ୱା କଲେକ୍‌ସନର ଅନୁଭବ ନେବା ପାଇଁ ଆମନ୍ତ୍ରଣ କରୁଛୁ ବୋଲି ଶ୍ରୀ ଅହମ୍ମଦ କହିଛନ୍ତି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra